

ସଞ୍ଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

୬୮,୨୩୬ ସରକାରୀ କର୍ମଚାରୀଙ୍କ ଦରମା ବନ୍ଦ

ପୃଷ୍ଠା ୫

Vol. 33 | ISSUE 311 ଭାଗ ୩୩ | ସଂଖ୍ୟା ୩୧୧ | Tuesday 3 February 2026 | Page 8 Rs. 5.00 | ଭୁବନେଶ୍ୱର ମଙ্গଳବାର ୩ ଫେବ୍ରୁଆରୀ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

ଓଡ଼ିଶାରେ ମହାମହିମ



- ସ୍ୱାଗତ କଲେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ
- ଆଜି ଯାଜପୁର, ବାଲେଶ୍ୱର ଓ ପୁରୀ ଗସ୍ତ

ଭୁବନେଶ୍ୱର,୨।୨(ସଂଚାର ବ୍ୟୁରୋ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଏକ ୬ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ରାଷ୍ଟ୍ରପତି ବାୟୁସେନାର ଏକ ସ୍ୱତନ୍ତ୍ର ବିମାନ ଯୋଗେ ଏଠାକାର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାଗତ କରିଛନ୍ତି। ଆଜି ରାଷ୍ଟ୍ରପତି ଲୋକ ଭବନରେ ରାତ୍ରିଯାପନ କରିବା ପରେ ଆସନ୍ତାକାଲି ପୂର୍ବାହ୍ନରେ ଯାଜପୁର ଓ ବାଲେଶ୍ୱର ଗସ୍ତ କରିବେ। ସେଠାରେ ଯାଜପୁରର ମା' ବିରଜାଙ୍କ ମନ୍ଦିରସ୍ଥିତ ନାଭିଗୟାରେ ପିଣ୍ଡଦାନ କରିବେ। ଏହାଛଡ଼ା ସେ ବାଲେଶ୍ୱର ଗସ୍ତରେ ଯାଇ ଫକୀର ମୋହନ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପରେ ଅପରାହ୍ନ ୫ଟାରେ ସେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରି ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଶ୍ରୀକ୍ଷେତ୍ର ଯିବେ। ସେଠାରେ ପୁରୀ ତାଳବଣିଆ ହେଲିପ୍ୟାଡ୍‌ରେ ପହଞ୍ଚିବା ପରେ ରାଷ୍ଟ୍ରପତି ପୁରୀ ଲୋକଭବନ ଯାଇ ସେଠାରେ ରାତ୍ରିଯାପନ କରିବେ। ଆସନ୍ତା ୪ ତାରିଖରେ ଶ୍ୱେତଗଙ୍ଗାରେ ରାଷ୍ଟ୍ରପତି ନିଜ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରିବା ଦ୍ୟପୃଷ୍ଠା-୬

ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ରାୟଗଡ଼ାରେ ସୁଭଦ୍ରା ଶକ୍ତିମେଳା ଉଦ୍‌ଘାଟିତ

ଖୁବ୍‌ଶୀଘ୍ର ରାୟଗଡ଼ା ହେବ ଆଧୁନିକ ଶିଳ୍ପାଞ୍ଚଳ



- ୬୦୦ କୋଟିର ପ୍ରକଳ୍ପ ଉଦ୍‌ଘାଟିତ ଓ ଶିଳାନ୍ୟାସ
- ମା' ମଣ୍ଟିଘରିଆଣୀ ମନ୍ଦିରର ଉନ୍ନତି ପାଇଁ ୩୭ କୋଟି
- ଶିଳ୍ପାନୁଷ୍ଠାନରେ ସ୍ଥାନୀୟ ପ୍ରାର୍ଥୀଙ୍କୁ ମିଳିବ ୮୦ ପ୍ରତିଶତ ନିଯୁକ୍ତି

ଭୁବନେଶ୍ୱର,୨।୨(ସଂଚାର ବ୍ୟୁରୋ): ରାୟଗଡା ଜିଲ୍ଲା ଆଜି ସାରା ରାଜ୍ୟ ପାଇଁ ମହିଳା ସଶକ୍ତିକରଣ କ୍ଷେତ୍ରରେ ଉଦାହରଣ ପାଲଟିଛି। ଏହି ଜିଲ୍ଲାରେ ୧୨,୬୮୩ଟି ଏସ୍‌ଏଚ୍‌ଜି ଜରିଆରେ ୧.୫୨ ଲକ୍ଷରୁ ଅଧିକ ସଦସ୍ୟା ସଂଗଠିତ ହୋଇ ନିଜ ପାଇଁ ସୁନ୍ଦର ଭବିଷ୍ୟତ ଗଢୁଛନ୍ତି। ପୂର୍ବରୁ ଯେଉଁଠି ସୁଯୋଗର ଅଭାବ ଥିଲା, ମହିଳାମାନଙ୍କ ସକ୍ରିୟ ଯୋଗଦାନ ଫଳରେ ଆଜି ସେଠି ସମ୍ଭାବନାର ନୂଆ ଦ୍ୱାର ଖୋଲିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାୟଗଡାଠାରେ ସୁଭଦ୍ରା ଶକ୍ତି ମେଳା-୨୦୨୬ର ଉଦ୍‌ଘାଟନ ଅବସରରେ ମତ ବ୍ୟକ୍ତ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜିଲ୍ଲା ପାଇଁ ୬୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ୧୦୯ଟି ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏଥିରେ ୨୩୮ କୋଟି ଟଙ୍କାର ୨୨ଟି ପ୍ରକଳ୍ପର ଉଦ୍‌ଘାଟିତ ହୋଇଥିବା ବେଳେ ୩୬୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ୮୭ଟି ପ୍ରକଳ୍ପର ଶିଳାନ୍ୟାସ ହୋଇଛି। ଏସବୁ ପ୍ରକଳ୍ପ ମଧ୍ୟରେ ସଡ଼କ, ସେତୁ, ସ୍ୱାସ୍ଥ୍ୟସେବା, ବିଦ୍ୟାଳୟ, ମହିଳା ସଶକ୍ତିକରଣ ଭଳି ଅନେକ ଭିତ୍ତିଭୂମି ଉନ୍ନୟନମୂଳକ ପ୍ରକଳ୍ପ ରହିଛି। ଏଥିସହ ୩୭ କୋଟି ଟଙ୍କା ବିନିଯୋଗରେ ମା' ମଣ୍ଟିଘରିଆଣୀ ମନ୍ଦିରର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଛନ୍ତି।

ଆହୁରି ମଧ୍ୟ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଜିଲ୍ଲାର ବିଧାୟକ ଓ ସ୍ଥାନୀୟ ଦ୍ୟପୃଷ୍ଠା-୬

କେନ୍ଦ୍ର ବଜେଟ୍‌ରେ ବଢୁଛି ଓଡ଼ିଶା ଭାଗ

- ଟିକସ ଭାଗ ବାବଦରେ ୬୭,୪୬୦ କୋଟି ବ୍ୟୟବରାଦ
- ରାଜ୍ୟରେ ୫,୮୯୭ କିମି ଏନ୍‌ଏଚ୍ ନିର୍ମାଣ

ଭୁବନେଶ୍ୱର,୨।୨(ସଂଚାର ବ୍ୟୁରୋ): କେନ୍ଦ୍ରରେ ଏନ୍‌ଡିଏ ସରକାର କ୍ଷମତାକୁ ଆସିବା ପରେ ପୂର୍ବ ଭାରତର ପ୍ରମୁଖ ରାଜ୍ୟ ଭାବେ ଓଡ଼ିଶା ଉପରେ ସୁଦୃଷ୍ଟି ପଡ଼ିଛି। ନିୟମିତ ଭାବେ କେନ୍ଦ୍ର ବଜେଟ୍‌ରେ ଓଡ଼ିଶା ପାଇଁ ଅନୁଦାନ ବଢ଼ିଚାଲିଛି। ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଗତକାଲି ସଂସଦରେ ଆଗତ ସାଧାରଣ ବଜେଟରେ ଓଡ଼ିଶା ପାଇଁ ଟିକସ ଭାଗ ଆକାରରେ ୬୭,୪୬୦ କୋଟି ବ୍ୟୟବରାଦ ହୋଇଛି। ଏହା ପୂର୍ବରୁ ଗତ ୨୦୨୫-୨୬ ଆର୍ଥିକ ବର୍ଷରେ ଓଡ଼ିଶାକୁ ଅନୁଦାନ ଆକାରରେ ୪୧,୫୯୨ କୋଟି ଟଙ୍କା ମିଳିଥିଲା। ଏଥିସହ ଗତ ୨୦୧୪ରୁ ୨୦୨୬ ମଧ୍ୟରେ ରାଜ୍ୟକୁ ଟିକସ ଭାଗ ଆକାରରେ ୪.୪୪ ଲକ୍ଷ କୋଟି ଟଙ୍କା ଓ ଅନୁଦାନ ଆକାରରେ ୧.୯୩ ଲକ୍ଷ କୋଟି ଟଙ୍କା ମିଳିଛି।

ଏଥିସହ ପୁଞ୍ଜି ବ୍ୟୟ ପାଇଁ ରାଜ୍ୟମାନଙ୍କୁ ମିଳୁଥିବା ସ୍ୱତନ୍ତ୍ର ଋଣ ସହାୟତା ଆକାରରେ ଓଡ଼ିଶାକୁ ୫୦ ବର୍ଷର ସୁଧମୁକ୍ତ ଋଣ ସୁବିଧା ଯୋଗାଇ ଦିଆଯାଇଛି। ଏହାର ସୁଧ ପୂରାପୂରି କେନ୍ଦ୍ର ସରକାର ବହନ କରିବେ। ଏହି ସ୍ୱତନ୍ତ୍ର ସହାୟତା ଯୋଜନା ଅଧୀନରେ ଓଡ଼ିଶାକୁ ପୁଞ୍ଜି ବିନିଯୋଗ ପାଇଁ ୨୦୨୦-୨୧ରେ ୪୭୨ ଦ୍ୟପୃଷ୍ଠା-୬

ଓଡ଼ିଶା ରେଳ ଭିତ୍ତିଭୂମି ବିକାଶ କେନ୍ଦ୍ରର ପ୍ରାଥମିକତା: ବୈଷ୍ଣବ

୧୧ ବର୍ଷରେ ମିଳିଛି ୧୩ ଗୁଣ ଅଧିକ ଅନୁଦାନ



ନୂଆଦିଲ୍ଲୀ: ୨୦୨୬-୨୭ କେନ୍ଦ୍ରୀୟ ବଜେଟରେ ଓଡିଶା ରେଳ ଭିତ୍ତିଭୂମିର ବିକାଶ ପାଇଁ ଐତିହାସିକ ପ୍ରୋତ୍ସାହନ ରାଶି ପାଇଛି , ଯାହା ପୂର୍ବ ଭାରତରେ ରେଳ ପରିଚାଳିତ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଭାରତ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ରେଳ ଦ୍ୟପୃଷ୍ଠା-୬

ଭାରତ-ଆମେରିକା ମଧ୍ୟରେ ଆଲୋଚନା ସଫଳ

ନଇଁଲେ ଟ୍ରମ୍ପ୍, ୧୮%କୁ ଖସିଲା ଟାରିଫ



ନୂଆଦିଲ୍ଲୀ,୨।୨: ଭାରତ-ଆମେରିକା ମଧ୍ୟରେ ଟ୍ରେଡ୍ ଡିଲ୍ ହୋଇଛି। ଭାରତ ଉପରେ ଆମେରିକା ଦ୍ୱାରା ଲଗାଯାଇଥିବା ଟାରିଫ ମଧ୍ୟ ହ୍ରାସ ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହା ଘୋଷଣା କରିଛନ୍ତି । ଏହା ଅନୁସାରେ ଆମେରିକା ପାରସ୍ପରିକ ଶୁଳ୍କକୁ ୨୫%ରୁ ୧୮%କୁ ହ୍ରାସ କରିବ। ସେ ସୋସିଆଲ ମିଡିଆରେ ଟ୍ରମ୍ପ ଲେଖିଛନ୍ତି, ଆଜି ସକାଳେ ଭାରତୀୟ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ କଥା ହେବା ଏକ ସମ୍ମାନର କଥା । ସେ ମୋର ସବୁଠାରୁ ଘନିଷ୍ଠ ବନ୍ଧୁମାନଙ୍କ ମଧ୍ୟରୁ ଜଣେ ଏବଂ ତାଙ୍କ ଦେଶର ଜଣେ ଶକ୍ତିଶାଳୀ ଓ ସମ୍ମାନିତ ନେତା। ଆମେ ବାଣିଜ୍ୟ ଏବଂ ରୁଷ ଓ ୟୁକ୍ରେନ ସହିତ ଯୁଦ୍ଧ ସମାପ୍ତ କରିବା ସମେତ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଛୁ। ଟ୍ରମ୍ପ୍ ଏହା ମଧ୍ୟ ଦାବି କରିଛନ୍ତି ଯେ, ଭାରତ ରୁଷରୁ ତେଲ କିଣିବା ବନ୍ଦ କରିଦେଇଛି। ଆମେରିକା ଏବଂ ସମ୍ଭବତଃ ଭେନେଜୁଏଲାରୁ ଅଧିକ କିଣିବାକୁ ରାଜି ହୋଇଛି। ଏହା ଦ୍ୟପୃଷ୍ଠା-୬

ମାଫିଆଙ୍କୁ ଝଟ୍‌କା

ଦୁଇ ଗୁଣ ହେଲା ଲଘୁ ଖଣିଜ ଅତିରିକ୍ତ ଶୁଳ୍କ

ଭୁବନେଶ୍ୱର,୨।୨(ସଂଚାର ବ୍ୟୁରୋ): ରାଜ୍ୟରେ ଦିନକୁ ଦିନ ବାଲି ଓ ପଥର ଚୋରା କାରବାର ବଢ଼ି ବଢ଼ି ଚାଲିଥିବା ବେଳେ ମାଫିଆମାନେ ନାନାଦି ବିଭ୍ରାଟ ସୃଷ୍ଟି କରିଆସିଛନ୍ତି। ତେବେ ଆଜି ରାଜ୍ୟ ସରକାର ଏପରି ମାଫିଆମାନଙ୍କୁ ଜବରଦସ୍ତ ଝଟ୍‌କା ଦେଇଛନ୍ତି। କାରଣ ଲଘୁ ଖଣିଜ ଉପରେ ଆଜି ରାଜ୍ୟ ସରକାର 'ଅତିରିକ୍ତ ଶୁଳ୍କ' ପରିମାଣକୁ ବୃଦ୍ଧି କରିଛନ୍ତି। ରାଜ୍ୟରେ ବେଆଇନ ଖଣି ଖନନ ଉପରେ ରୋକ ଲଗାଇବା ସହ ରାଜସ୍ୱ ବୃଦ୍ଧି ଉଦ୍ଦେଶ୍ୟରେ ସରକାର ଏପରି ପଦକ୍ଷେପ ନେଇଛନ୍ତି। ଓଡ଼ିଶା ଲଘୁ ଖଣିଜ ରିହାତି ନିୟମ, ୨୦୧୬ ଅନୁଯାୟୀ, ରାଜ୍ୟ ସରକାର 'ଅତିରିକ୍ତ ଶିଳ୍ପ'କୁ ରୟାଲ୍ଟିର ଦୁଇ ଗୁଣ କରିବାକୁ ନିଷ୍ପତ୍ତି ଦ୍ୟପୃଷ୍ଠା-୬

ପୌର ନିର୍ବାଚନ ପାଇଁ ସଜବାଜ

ମାର୍ଚ୍ଚ ୩୧ ସୁଦ୍ଧା ଚୂଡ଼ାନ୍ତ ହେବ ସୀମା ପୁନଃନିର୍ଦ୍ଧାରଣ

୨୦୨୬ ଏପ୍ରିଲ ୭ ପୂର୍ବରୁ ସରିବ ନିର୍ବାଚନ ପ୍ରକ୍ରିୟା



ଭୁବନେଶ୍ୱର,୨।୨ (ସଂଚାର ବ୍ୟୁରୋ): ପୌର ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ କଲେ ରାଜ୍ୟ ନିର୍ବାଚନ କମିଶନ। ପୂର୍ବର ସବୁ ପୌରାଞ୍ଚଳ ପାଇଁ ସରକ୍ଷଣ ଓ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ସରିଥିବା ବେଳେ ନୂଆ ଏନଏସି ଏବଂ ମୁନିସିପାଲଟିର ସୀମା ନିର୍ଦ୍ଧାରଣ କି ୱାର୍ଡ ସଂରକ୍ଷଣ ପ୍ରକ୍ରିୟା ହୋଇନାହିଁ। ଓଡିଶା ପୌର ପରିଷଦ ଆଇନ ୧୯୫୦ର ଧାରା ୧୧ ଓ ୧୨ରେ ନବଗଠିତ ପୌରାଞ୍ଚଳର ସୀମା ନିର୍ଦ୍ଧାରଣ ପାଇଁ ରାଜ୍ୟ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ମାସ ୧୨ ତାରିଖ ସୁଦ୍ଧା ଏହିସବୁ ୧୮ ଜିଲ୍ଲାର ଜିଲ୍ଲାପାଳମାନେ ନିଜ ନିଜ ଅଞ୍ଚଳରେ ନୂଆ କରି ଗଠିତ ହୋଇଥିବା ଏନଏସି ଓ ମୁନିସିପାଲିଟିର ସୀମା ନିର୍ଦ୍ଧାରଣ ସହ ୱାର୍ଡ ସଂରକ୍ଷଣ ପାଇଁ ବିଜ୍ଞପ୍ତି ଜାରି କରିବେ। ଏନେଇ ଜିଲ୍ଲାପାଳମାନେ ଆପତ୍ତି ଅଭିଯୋଗ ଆବେଦନ କରିବେ। ଆପତ୍ତି ଅଭିଯୋଗ ଗ୍ରହଣ ଶେଷ ତାରିଖ ହେଉଛି ଫେବୃଆରୀ ୨୧। ଫେବୃଆରୀ ୨୬ ସୁଦ୍ଧା ପ୍ରାରମ୍ଭିକ ସୀମା ପୁନଃନିର୍ଦ୍ଧାରଣ ଓ ୱାର୍ଡ ସଂରକ୍ଷଣର ତାଲିକା ପ୍ରକାଶ ପାଇବ। ମାର୍ଚ୍ଚ ୧୬ରୁ ୨୮ ମଧ୍ୟରେ ସାଧାରଣ ଲୋକଙ୍କ ଆପତ୍ତି ଅଭିଯୋଗର ଜିଲ୍ଲାପାଳମାନେ ଶୁଣାଣି କରିବେ। ସବୁ ଦ୍ୟପୃଷ୍ଠା-୬

ମଫିକୁ ସାତ୍ ଖୁନ୍ ମାଫ୍ ପଛରେ କିଏ?

- ଜବତ ଆରଡିଏକ୍ସର ଅନ୍ତଃରାଜ୍ୟ ଲିଙ୍କ
- କ୍ରାଇମ କରିବାକୁ ମିଳିଥିଲା ଗାଡ଼ି ଗିଫ୍ଟ
- ମୋହରା ବନାଉଥିଲେ ତଥାକଥିତ ଛାତ୍ରନେତା



ଭୁବନେଶ୍ୱର,୨।୨(ସଂଚାର ବ୍ୟୁରୋ): ରାଜଧାନୀ ବୋମା ବିସ୍ଫୋରଣରେ ଅନ୍ତଃରାଜ୍ୟ ଲିଙ୍କ। ଆହତ ତଥା ମୁଖ୍ୟ ଅଭିଯୁକ୍ତ ସହନୱାଜ ମଲ୍ଲିକ ଓରଫ ମଫିର ଲିଙ୍କ ନେଇ ଖୋଳତାଡ଼ ଜାରି ରହିଛି। କ୍ରାଇମ ସ୍ପଟରୁ ମିଳିଥିବା ଆରଡିଏକ୍ସର ଚାଲିଛି ଫରେନସିକ ଯାଞ୍ଚ। ସେପଟେ ମାମଲା ସମ୍ପର୍କରେ ବରିଷ୍ଠ ଅଧିକାରୀଙ୍କ ସହ ଅଧିକ ଆଲୋଚନା କରିଛି ଏନଆଇଏ। ମଫି ସହଯୋଗୀଙ୍କୁ ଖୁବଶୀଘ୍ର ଜେରା କରାଯିବ। ସୁନ୍ଦରପଦା ଆଜାଦ ନଗରରେ ବୋମା ବିସ୍ଫୋରଣ ଘଟଣାରେ ସାମ୍ନାକୁ ଆସିଛି ଏମିତି କିଛି ଚାଞ୍ଚଲ୍ୟକର ତଥ୍ୟ। ଘଟଣାସ୍ଥଳରୁ ଜବତ ହୋଇଛି ଆରଡିଏକ୍ସ ରାସାୟନିକ। ତିଆରି ହୋଇଥିବା ବୋମାରେ ହେକ୍ସାହାଇଡ୍ରୋ ଟ୍ରାଇନାଇଟ୍ରୋ ଭଳି ରାସାୟନିକ ଦ୍ରବ୍ୟ ବ୍ୟବହାର କରାଯାଇଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ କମିସନରେଟ ପୁଲିସ ଓ ଏନଆଇଏ। ସାଞ୍ଚୁଲକୁ ରାଜ୍ୟ ଫରେନସିକ ଲ୍ୟାବକୁ ପଠାଯାଇଛି। ଫରେନସିକ ରିପୋର୍ଟ ଆସିବା ପରେ ଏହି ଦ୍ୟପୃଷ୍ଠା-୬

ଫୁଏଲ କଣ୍ଟ୍ରୋଲ ସ୍ୱିଚ୍‌ରେ ତ୍ରୁଟି

ବର୍ତ୍ତିଗଲା ବୋଇଂ ୬୮୭

ନୂଆଦିଲ୍ଲୀ,୨।୨: ଆଜି ଏୟାର ଇଣ୍ଡିଆ ଫ୍ଲିଟରେ ଥିବା ଏକ ବୋଇଂ ୬୮୭ ଡ୍ରିମଲାଇନର ବିମାନ ପୁଣି ଥରେ ଗୁରୁତର ଯାନ୍ତ୍ରିକ ତ୍ରୁଟିର ସମ୍ମୁଖୀନ ହୋଇଛି। ତେବେ ଏହି ବିମାନରେ ଥିବା ଯାତ୍ରୀମାନେ ଅଳ୍ପକେ ବଡ଼ ଧରଣର ଅଘଟଣରୁ ରକ୍ଷା ପାଇଯାଇଛନ୍ତି। ମିଳିଥିବା ସୂଚନାନୁସାରେ, ଆଜି ଲଣ୍ଡନର ହିଥ୍ରୋରୁ ବେଙ୍ଗାଲୁରୁ ଆସିବାକୁ ଥିବା ଉକ୍ତ ଏଆଇ୧୩୨ ବିମାନ ଉଡ଼ାଣ ଭରିବା ପୂର୍ବରୁ ସେଥିରେ ତ୍ରୁଟି ଥିବା ଜଣାପଡ଼ିଥିଲା। ଏହି ବିମାନଟି କିଛି ସମୟ ପୂର୍ବରୁ ଅହମ୍ମଦାବାଦରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବିମାନ ଏ/୧୭୧ ସହ ସମାନ ବୋଲି କୁହାଯାଉଛି। ଗତକାଲି ଏୟାର ଇଣ୍ଡିଆ ବୋଇଂ ୬୮୭-୮ ବିମାନ ବେଙ୍ଗାଲୁରୁ ପାଇଁ ଉଡ଼ାଣ ଦ୍ୟପୃଷ୍ଠା-୬

ଏସ୍‌ଏଚ୍‌ଜି ମହିଳାଙ୍କୁ ସ୍ମାର୍ଟଫୋନ, ବଦଳିବ ୟୁନିଫର୍ମ

- ମହିଳା ସଶକ୍ତିକରଣରେ ନୂଆ ଅଧ୍ୟାୟ
- ଏସ୍‌ଏଚ୍‌ଜି ସଦସ୍ୟାକୁ ୧୯୭.୬୬ କୋଟି ସୁଧ ଫେରସ୍ତ



ଭୁବନେଶ୍ୱର,୨।୨(ସଂଚାର ବ୍ୟୁରୋ): ମହିଳାଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା ଓଡ଼ିଶାର ସାମଗ୍ରିକ ବିକାଶର ମୁଖ୍ୟ ଆଧାର। ଏହି ଲକ୍ଷ୍ୟକୁ ଆଗେଇ ନେବା ପାଇଁ ରାଜ୍ୟ ସରକାର ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ମାନଙ୍କ ପାଇଁ ବ୍ୟାଙ୍କ ଋଣ ଉପରେ ସୁଧ ଫେରସ୍ତ କରି ମହିଳାମାନଙ୍କ ଜୀବନଜୀବିକାରେ ସକାରାତ୍ମକ ପରିବର୍ତ୍ତନ ଆଣୁଛନ୍ତି। ଆଜି ଏଠାକାର ମିଶନ ଶକ୍ତି ଭବନଠାରେ 'ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସୁଧ ଫେରସ୍ତ' କାର୍ଯ୍ୟକ୍ରମର ଚତୁର୍ଥ ପର୍ଯ୍ୟାୟ ଆୟୋଜିତ ହୋଇଥିବା ବେଳେ ଏଥିରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗଦେଇ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାର ଜୀବିକାମୂଳକ ଓ ଦୀର୍ଘକାଳୀନ ଆର୍ଥିକ ମଡେଲ୍ ଉପରେ କାମ କରୁଥିବା କହିଛନ୍ତି। ସେ କହିଛନ୍ତି ଯେ ବ୍ୟାଙ୍କ ଋଣ ମାଧ୍ୟମରେ ଏସ୍‌ଏଚ୍‌ଜି ସଦସ୍ୟାମାନେ ଦ୍ୟପୃଷ୍ଠା-୬

SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN EMERGING COMPUTING
- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

ଦରମା ବୃଦ୍ଧି ଆଶାରେ ବିଧାୟକ ସକ୍ରିୟ

ବିଧାନସଭାରେ ଉଠିପାରେ ପ୍ରସଙ୍ଗ

ଆଇନ୍ ବିଭାଗ ଉପରେ ନଜର



ଭୁବନେଶ୍ୱର,୨।୨(ସଂଚାର ବ୍ୟୁରୋ): ବିଧାନସଭାର ବଜେଟ୍ ଅଧିବେଶନ ପାଖେଇ ଆସୁଥିବା ବେଳେ ବିଧାୟକମାନେ ନିଜ ନିଜ ଦରମା ବୃଦ୍ଧିକୁ ନେଇ ଚିନ୍ତାରେ ପଡିଛନ୍ତି। ବିଧାନସଭାରେ ପାରିତ ଦରମା ଲାଗୁ ହେବ ନା ସରକାର ଏଥିରେ କିଛି କାଣ୍ଟଛାଣ୍ଟ କରିବେ, ତାହାକୁ ନେଇ ଆଲୋଚନା ଆରମ୍ଭ ହୋଇଥିବା ବେଳେ ସମସ୍ତଙ୍କ ନଜର ଏବେ ଆଇନ ବିଭାଗ ଉପରେ ରହିଛି।

ବିଧାୟକମାନଙ୍କ ଦରମା ବୃଦ୍ଧି ବିଲ୍ ବିଧାନସଭାରେ ପାରିତ ହେବା ପରେ ସେମାନଙ୍କ ମଧ୍ୟରେ ଆନନ୍ଦ ଖେଳିଯାଇଥିଲା। ସିପିଆଇଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କୁ ଛାଡ଼ି ସବୁ ଦଳର ବିଧାୟକମାନେ ବିଧାନସଭାରେ ଏହାକୁ ସମସ୍ୱରରେ ସମର୍ଥନ କରିଥିଲେ। ବିଲ୍‌ର ହିସାବ କିତାବ ଗଣମାଧ୍ୟମରେ ପ୍ରକାଶ ପାଇଲାପରେ ସମଗ୍ର ରାଜ୍ୟରେ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସୋସିଆଲ ମିଡିଆରେ ଏକପ୍ରକାର ଝଡ଼ ସୃଷ୍ଟି ହୋଇଥିଲା। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ବର୍ଦ୍ଧିତ ଦରମା ନେବେ ନାହିଁ ବୋଲି ଟୁଇଟ୍ କରିବା ପରେ ଏହାକୁ ନେଇ ରାଜନୀତି ଜୋର ଧରିଥିଲା। ଅବସ୍ଥା ଏଭଳି ହୋଇଥିଲା ଯେ ବିଜେପି ବିଧାୟକମାନେ ଦରମା ବିଲ୍‌ର ବିଚାର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଥିଲେ।

ଏହା ପରଠାରୁ ଦରମା ବୃଦ୍ଧି ବିଲ୍‌ର ଖୋଜଖବର ନଥିଲା। ଏବେ ବିଧାନସଭା ଅଧିବେଶନ ପାଖେଇ ଆସୁଥିବାରୁ ବିଧାୟକମାନେ ପୁଣିଥରେ ଦରମା ବୃଦ ବୃଦ୍ଧିକୁ ନେଇ ଆଲୋଚନା ଆରମ୍ଭ କରିଛନ୍ତି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ବିଲ୍‌ଟି ଏବେ ରାଜ୍ୟପାଳଙ୍କ ନିକଟରେ ରହିଛି। ନିୟମ ଅନୁଯାୟୀ ରାଜଭବନର ମୋହର ବାଜିବା ପରେ ଏହି ବିଲ୍ ଦ୍ୟପୃଷ୍ଠା-୬

ଶିକ୍ଷକଙ୍କ ଗିରଫ ଘଟଣା
ବିଇଓଙ୍କ ଅଫିସରେ ଅଭିଭାବକଙ୍କ ବିକ୍ଷୋଭ



ନିଶ୍ଚିନ୍ତକୋଇଲି, ୨।୨ (ସଂଚାର ବ୍ୟୁରୋ): କଟକ ନିଶ୍ଚିନ୍ତକୋଇଲି ଥାନା ସରପଡା ପଞ୍ଚାୟତ ଗୋପୀନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁବାସ ଦାସଙ୍କ ଗିରଫ ପରେ ଏବେ ବଦଳୁଛି ଘଟଣାର ମୋଡ଼। ବିଦ୍ୟାଳୟର ଅନ୍ୟ ଦୁଇ ଶିକ୍ଷୟତ୍ରୀଙ୍କ ନାଁରେ ଅଭିବାବକମାନେ ଆଣିଛନ୍ତି ସାଙ୍ଘାତିକ ଅଭିଯୋଗ। ପାଠ ପଢ଼ାଇବା ପରିବର୍ତ୍ତେ ପିଲାଙ୍କୁ ବିଭିନ୍ନ ପ୍ରକାର ମିଥ୍ୟା ଶିକ୍ଷା ଦେଉଛନ୍ତି ବିଦ୍ୟାଳୟର ଶିକ୍ଷୟିତ୍ରୀ। ଅଭିଭାବକଙ୍କ ମହଲରେ ଆଲୋଚନାର ବିଷୟ ପାଲଟିଛି ସ୍କୁଲର ଶିକ୍ଷୟତ୍ରୀ ସାକିରା ଦିଦି କିଏ? ଏହି ସାକିରା ଦିଦି ଏବଂ କ'ଣ ୟାଙ୍କ ଉଦ୍ଦେଶ୍ୟ ତାହା ବର୍ତ୍ତମାନର ବଡ଼ ପ୍ରଶ୍ନ ପାଲଟିଛି। ଅନ୍ୟ ପଟରେ ଦୁଇ ଶିକ୍ଷୟିତ୍ରୀ ନିଜ ପତିଆରା ଜାହିର ପାଇଁ ଏଭଳି ଚକ୍ରାନ୍ତ କରିଥିବା କଥା କହିଛନ୍ତି ଅଭିଭାବକ। ତେବେ ଘଟଣାର ସତ୍ୟତା ସାମ୍ନାକୁ କେବେ ଆସିବ ତାହା ବଡ଼ ପ୍ରଶ୍ନ ପାଲଟିଛି। ବିଦ୍ୟାଳୟରେ ଏଭଳି ଅପ୍ରୀତିକର ସ୍ଥିତି ସୃଷ୍ଟି କରିବା ପଛରେ କାହାର ମୁଖ୍ୟ ଭୂମିକା ରହିଛି ଏବଂ କିଏ ମୁଖ୍ୟ ଖଳନାୟକ ତାହା ସ୍ପଷ୍ଟତା ପାଇଁ ପୋଲିସର ତଦନ୍ତ କେଉଁ ଦିଗ ନେଉଛି ତାହା ଦେଖିବାକୁ ବାକି ରହିଲା। ଅନ୍ୟପଟେ ଅଭିଭାବକ ମାନେ ପୋଲିସ ର ତଦନ୍ତ ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ କରି କହିଛନ୍ତି ବିନା ଦୋଷରେ ସୁବାଷ ଦାସ ଙ୍କୁ ଗିରଫ କରିବା ମହଙ୍ଗା ପଡ଼ିବ ଏବଂ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଅବିଭାବକମାନେ କଡ଼ା ଚେତାବନୀ ଦେଇଛନ୍ତି।

୨୫ତମ ଅନ୍ତର୍ଜାତିକ ନାଟକ ମହୋତ୍ସବ
ରଙ୍ଗ ମହୋତ୍ସବ ଉଦ୍‌ଘାଟିତ



ପାରାଦୀପ, ୨।୨ (ସଂଚାର ବ୍ୟୁରୋ): ଜାତୀୟ ନାଟ୍ୟ ବିଦ୍ୟାଳୟ, ନୂଆ ଦିଲ୍ଲୀ, ପାରାଦୀପ ବନ୍ଦର ଓ କାନମାସ ପାରାଦୀପର ମିଳିତ ଆନୁକୁଲ୍ୟରେ ପାରାଦୀପର ଜୟଦେବ ସଦନ ଠାରେ ୨୫ ତମ ଆନ୍ତର୍ଜାତିକ ନାଟକ ମହୋତ୍ସବ ରଙ୍ଗ ମହୋତ୍ସବ ୨ ତାରିଖ ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି । କାନମାସର ଉପଦେଷ୍ଟା କ୍ୟାପଟେନ ଅତୁଲ୍ୟ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନ କାର୍ଯ୍ୟକ୍ରମରେ ଆଇଓସିଏଲ ର ଇଡି କୋଷିକ ବସୁ, କଳାକାର କେ ଶ୍ରୀନିବାସ ରାଓ, ସ୍ତମ୍ଭକାର ଗୌରହରି ଦାସ, ସିନେ କଳାକାର ସମରେଶ ରାଉତରାୟ, ବନ୍ଦର ସଚିବ କେ ବାପି ରାଜୁ, ସି ଏମ ଇ ସୁଶିଲ ନାହାକ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ । ଉଦ୍ଘାଟନୀ ସନ୍ଧ୍ୟାରେ କଲେକ୍ଟିଭ ମାଡନେସ ଷ୍ଟୁଡିଓ, ମୁମ୍ବାଇର କଳାକାର ମାନେ ମନୀଷ ବର୍ମାଙ୍କ ନିର୍ଦ୍ଦେଶନାରେ ହିନ୍ଦୀ ଭାଷାର ନାଟକ ଜଖ୍ମ ମଞ୍ଚସ୍ତ କରିଥିଲେ । ଆତ୍ମହତ୍ୟା ଏକ ମହାପାପ ଏବଂ ଏହା ମଣିଷ ଜୀବନ ତଥା ସମାଜକୁ କିପରି ପ୍ରଭାବିତ କରେ ତାହାକୁ କଳାକାର ମାନେ ଦର୍ଶାଇଥିଲେ । ଜୀବନର ସବୁ ଝଡ଼ଝଞ୍ଝାକୁ ସାମନା କରି ଆତ୍ମହତ୍ୟାଠୁ ଦୂରେଇ ରହିବା ହିଁ ମଣିଷର ସଂକଳ୍ପ ହେବା ଆବଶ୍ୟକ । ନାଟକଟି ଦୀର୍ଘ ସମୟ ପର୍ଯ୍ୟନ୍ତ ଦର୍ଶକମାନଙ୍କୁ ବାନ୍ଧି ରଖିଥିଲା ।

ଭଙ୍ଗା ପରିବାରକୁ ଯୋଡ଼ିଲେ ପରିବାର ଅଦାଲତ୍ ବିଚାରପତି



କେନ୍ଦ୍ରାପଡା, ୨।୨ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ପରିବାର ଅଦାଲତର ମାନ୍ୟବର ବିଚାରପତି ଦେବାଶିଷ ପଣ୍ଡା ଏକ ଭଙ୍ଗା ପରିବାରକୁ ଯୋଡି ପୁନର୍ବାର ଘର ସଂସାର କରିବା ପାଇଁ ପରାମର୍ଶ ଦେଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ କେନ୍ଦ୍ରାପଡା ସଦରଥାନା ଅନ୍ତର୍ଗତ କପାଳେଶ୍ୱର ଗ୍ରାମର ଭାଗ୍ୟଧର ସେଠୀ ଯଦୁପୁର ମାର୍ଶାଘାଇ ଥାନା ଅନ୍ତର୍ଗତ ଯଦୁପୁରୁ ଗ୍ରାମର ଲକ୍ଷ୍ମୀପ୍ରିୟା ଦାସଙ୍କୁ ୨୦୧୦ ମସିହାରେ ବିବାହ କରିଥିଲେ । ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ହେବାରୁ ପରିବାର ଅଦାଲତରେ ଭାଗ୍ୟଧର ସେଠୀ ଛାଡପତ୍ର ମାମଲା ରୁଜୁ କରିଥିବାବେଳେ ଲକ୍ଷ୍ମୀପ୍ରିୟା ଭରଣପୋଷଣ ମାମଲା ରୁଜୁ କରିଥିଲେ । ପରିବାର ଅଦାଲତର ବିଚାରପତି ମାନ୍ୟବର ଶ୍ରୀ ପଣ୍ଡା ଓ ବରିଷ୍ଠ ଆଇନ୍‌ଜିବୀ ପ୍ରମୋଦ କୁମାର ନାୟକ ଉଭୟଙ୍କୁ ବୁଝାସୁଝା କରାଇ ପୁନର୍ବାର ନିଜ ଘର ସଂସାର କରିବାକୁ ପରାମର୍ଶ ଦେଇଛନ୍ତି । ଉଭୟ ଏହି ପରାମର୍ଶରେ ରାଜି ହୋଇ ତାଙ୍କର ଏକମାତ୍ର ପୁତ୍ରକୁ ସାଙ୍ଗରେ ଧରି ହସ ଖୁସିରେ ଘରକୁ ଫେରିଥିବା ଜଣାପଡିଛି । ଝିଅ ତରଫରୁ ସରୋଜ କୁମାର ଜେନା ମାମଲା ପରିଚାଳନା କରିଥିଲେ ।

ନଦୀରେ ବୁଲୁଛି ବିରାଟ କୁମ୍ଭୀର

ପାଇକା ଖୁରୁସିଆ ଅଞ୍ଚଳବାସୀ ଭୟଭୀତ



ମହାକାଳପଡ଼ା, ୨।୨ (ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ ଖୁରୁସିଆ ପାଇକା ନଦୀ ଘାଟରେ ଏକ ବିରାଟ କୁମ୍ଭୀର ବୁଲୁଥିବା ଦେଖିବାକୁ ମିଳିଛି । ସୋମବାର ଅପରାହ୍ନ ପ୍ରାୟ ଏଗାରଟା ସମୟରେ ପ୍ରାୟ ଦଶ ଫୁଟ ଲମ୍ବର ଏକ ବଉଳା କୁମ୍ଭୀର ପାଇକା ନଦୀର ଖୁରୁସିଆ ଗ୍ରାମ ନଦୀରେ ବୁଲୁଥିବା ଦେଖି ଲୋକମାନେ ଆତଙ୍କିତ ହୋଇପଡିଛନ୍ତି । ପାଇକା ନଦୀ କୁଳିଆ ଗ୍ରାମ ଗୁଡ଼ିକର ଲୋକମାନେ ନଦୀରେ ସ୍ନାନ ଶୌଚ ହେବା ସହିତ ବିଭିନ୍ନ କାମ ପାଇଁ ନଦୀ ଉପରେ ନିର୍ଭର କରନ୍ତି। ନଦୀରେ ଏତେ ବଡ଼ କୁମ୍ଭୀର ଦେଖିବା ପରେ ନଦୀକୁ ପଶିବା ପାଇଁ ଲୋକମାନେ ଭୟ କରୁଥିବା କହିଛନ୍ତି। ନଦୀଘାଟରେ ଲୋକମାନଙ୍କ ନିରାପଦ ସ୍ନାନ ଶୌଚ ପାଇଁ ତାରବାଡ଼ ଘେରା କରିବାକୁ ଦାବୀ ହେଉଛି ।

କେନ୍ଦ୍ରାପଡ଼ାରେ ମିଲର୍ସଙ୍କ ମନମାନି
ଚାଷୀଙ୍କୁ ଅଖା ମିଳୁନି, ଚିରାଫଟା ଦେଇ ଅସୁଲ୍ କରୁଛନ୍ତି

କେନ୍ଦ୍ରାପଡ଼ା, ୨।୨ (ସଂଚାର ବ୍ୟୁରୋ): ସମସ୍ୟାରେ ପଡ଼ିବେନି ଚାଷୀ, ସୁରୁଖୁରୁରେ ଧାନ ବିକ୍ରି କରି ପାରିବେ। ସବୁ ସୁବିଧା ମଞ୍ଚିରେ ଉପଲବ୍ଧ ହେବ। ଚାଷୀଙ୍କୁ ଧାନ ବିକିବା ପୂର୍ବରୁ ଅଖା ପହଞ୍ଚିଥିବ। ଅର୍ଥାତ ଧାନ ଅମଳ ସମୟରେ ଅଖା ପାଖରେ ପହଞ୍ଚିବା କଥା। ଅଖା ତ ଠିକ୍ ସମୟରେ ମିଳିଲାନି। ବହୁ ବିଳମ୍ବରେ କେଉଁ ମିଲର୍ ଅଖା ଦେଲେ ତ ଆଉ କିଏ ଦେଲେ ନାହିଁ । ଆଉ ଯେଉଁ ଅଖା ମିଳିଛି ସେଥିରୁ ଅର୍ବାଧିକ ଚିରାଫଟା । ଯେଉଁ କିଛି ଅଖା ସାମାନ୍ୟ ଚଳିବ ସେଥିରେ ୫୦ କିଲୋ ଧାନ ପଶୁନାହିଁ। ଏଣେ ଚିରଫଟା ଅଖା କାମରେ ଲାଗୁ ନଥିବାବେଳେ ଅଖା ବାବଦକୁ କିଲୋ ପିଛା ଧାନ କାଟି ରଖୁଛନ୍ତି। ଯେତେବେଳେ କି ପ୍ରତି ୫୦ କେଜି ଅଖା ପିଛା ମିଲର୍ସଙ୍କୁ ୧୦ରୁ ୧୨ ଟଙ୍କା ମିଳୁଛି। ପୁଣି ମଞ୍ଚି ଧାନ ନେଇ ମିଲର୍ସକୁ ଦେବାର ବ୍ୟବସ୍ଥା ଥିବାବେଳେ ମଞ୍ଚି କର୍ତ୍ତୃପକ୍ଷ ମିଲର୍ସ ପାଖରେ ନେଇ ଧାନ ଦେବାକୁ କହୁଛନ୍ତି। ଏଫ୍‌ଏକ୍ୟୁ ମାନର ଧାନ ନମିଳିବା ଓ



ଅଖା ଓ ଅନ୍ୟାନ୍ୟ ବାବଦକୁ ଖୁଣ କାଢ଼ି କୁଇଣ୍ଟାଲ ପିଛା ୫ରୁ ୭ କିଲୋ ଲେଖାଏଁ କାଟି ରଖୁଛନ୍ତି।

କେନ୍ଦ୍ରାପଡ଼ା ଜିଲ୍ଲାରେ ଚଳିତ ବର୍ଷ ଜାନୁୟାରୀ ମାସ ୯ ତାରିଖଠାରୁ ଖରିଫ୍ ଧାନକିଣା ଆରମ୍ଭ ହୋଇଥିଲା। ଚଳିତ ବର୍ଷ ଜିଲ୍ଲାର ୫୨ ହଜାର ୯୨ଜଣ ଚାଷୀ ପଞ୍ଜୀକୃତ ଚାଷୀଙ୍କଠାରୁ ୧୨୦ ମଞ୍ଚିର ୧୨୪ କେନ୍ଦ୍ର ଓ ୨୯ଟି ମିଲ୍ ମାଧ୍ୟମରେ ଉତ୍ପାଦିତ ଧାନ କ୍ରୟ କରିବାର ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ପ୍ରଥମ କିସ୍ତିରେ କେନ୍ଦ୍ରାପଡ଼ା ଜିଲ୍ଲାରେ ୮୧ ହଜାର ୨୦୦ ମେଟ୍ରିକ ଟନ୍ ଧାନ ଚାଷୀଙ୍କଠାରୁ ସଂଗ୍ରହ କରିବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଫେବୃଆରୀ ୧ ତାରିଖ ସୁଦ୍ଧା ମୋଟ୍ ୨ଲକ୍ଷ ୯୪ ହଜାର ୫୦୦ କୁଇଣ୍ଟାଲ ଧାନ ଚାଷୀମାନଙ୍କଠାରୁ କିଣାଯାଇଛି। ଏଣେ ଧାନମଞ୍ଚି କର୍ଯ୍ୟକ୍ଷମ ହେବାକୁ ୨ ସପ୍ତାହରୁ କିଛି ଅଧିକ ଦିନ ବିତିଯାଇଥିବାବେଳେ ଅଦ୍ୟାବଧି ସମସ୍ତ ମଞ୍ଚି କିନ୍ତୁ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ । ଚାଷୀ ଟୋକନ୍ ଧରି ବସିଥିବାବେଳେ ଅବଧି ସରିବାକୁ ବସିଲାଣି। ସମୟ ଗଡ଼ିଚାଲିଛି ଓ ମଞ୍ଚି ଖୋଲୁନଥିବାରୁ ଚାଷୀକୁଳ ଏବେ ଚିନ୍ତାରେ ପଡ଼ିଯାଇଛନ୍ତି। ଟୋକନ୍ ଧାର୍ଯ୍ୟ ଅବଧ ମଧ୍ୟରେ ଧାନ କିଣା ହୋଇପାରିବ କି ନାହିଁ ସନ୍ଦେହରେ ଅଛନ୍ତି।

ଏସବୁ ଭିତରେ ଚାଷୀଙ୍କ ଯନ୍ତ୍ରଣା ବଢ଼ାଇଛି ମିଲର୍ସଙ୍କ ଜୁଲୁମ୍। ମଞ୍ଚିଠାରୁ ମିଲ୍ ଯାଏଁ ବଢ଼ିଛି ଅତ୍ୟାଚାର। ପ୍ରଶ୍ନ ଉଠୁଛି ମିଲର୍ସମାନେ ଚାଷୀଙ୍କୁ ମାଗଣାରେ ତ ଅଖା ଦେଉନାହାନ୍ତି। ତା' ବଦଳରେ ସେମାନେ ଅର୍ଥ ପାଉଛନ୍ତି। ଚିରାଫଟା ଅଖା ଦେଇ ବଦଳରେ କୁଇଣ୍ଟାଲ ପିଛା କିଲୋରୁ ୨ କିଲୋ ଧାନ କାଟି ରଖିବାର କାରଣ କ'ଣ? ପୁଣି ପ୍ୟାକ୍ଟ କର୍ତ୍ତୃପକ୍ଷ କୁଇଣ୍ଟାଲ ପିଛା ୪ କିଲୋ ଓ ପରେ ମିଲର ୨ରୁ ୩ କିଲୋ କାଟି ରଖିବାରୁ ପ୍ରାୟ ୧୦ କିଲୋ ପର୍ଯ୍ୟନ୍ତ ଧାନ କଟ୍‌ନି ଛଟ୍‌ନିରେ ଯାଉଛି। ଚାଷୀଙ୍କୁ ଶୋଷଣ କରିବାରୁ କୌଣସି ମାଧ୍ୟମ ଛାଡ଼ି ନାହାନ୍ତି ।

କେନ୍ଦ୍ରାପଡ଼ା ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ (ସିଏସୋ) ବେଣୁଧର ପାଣିଗ୍ରାହୀଙ୍କୁ ପଚାରିବାରୁ କହିଛନ୍ତି ଯେ ଏବାବଦରେ ମିଲର୍ସମାନନଙ୍କ ସହ କଥା ହେବା ସହ ଅଭିଯୋଗର ଅନୁଧ୍ୟାନ ପୂର୍ବକ ପଦକ୍ଷେପ ଗ୍ରହଣ କରାଯିବ।

ଠିକାଦାରଙ୍କ ମନମୁଖୀରେ ଚାଲିଛି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ

ନିଶ୍ଚିନ୍ତକୋଇଲି, ୨।୨ (ସଂଚାର ବ୍ୟୁରୋ): ସରକାରୀ ଛୁଟିଦିନ ରବିବାରକୁ ପ୍ରକୃଷ୍ଟ ଦିନ ଭାବି ଠିକାଦାର ନିଜ ମନମୁତାବକ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ କରୁଛନ୍ତି। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା କେନାଲର ୮ନଂ ଶାଖାନାଳରୁ ବାହାରିଥିବା ୮(ଇ) ଉପଶାଖା କେନାଲ ସିମେଣ୍ଟ କଂକ୍ରିଟ ଲାଇନିଂ କାର୍ଯ୍ୟରେ। ୧ ତାରିଖ ରବିବାର ଦିନ ସରକାରୀ ଛୁଟି ଦିବସ ହୋଇଥିଲେ ମଧ୍ୟ ଉକ୍ତ ଉପଶାଖା କେନାଲରେ ସିମେଣ୍ଟ କଂକ୍ରିଟ ଲାଇନିଂ କାର୍ଯ୍ୟ ଚାଲୁ ରହିଥିବା ଦେଖିବାକୁ ମିଳିଥିଲା। କାର୍ଯ୍ୟ ନିର୍ମାଣ ସମୟରେ ଜଳସମ୍ପଦ ବିଭାଗର କୌଣସି ଅଧିକାରୀ ଉପସ୍ଥିତ ନଥାଇ ନିର୍ମାଣ କାର୍ଯ୍ୟ ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।



ଏଠାରେ ସୂଚନାଥାଉକି ରାଜ୍ୟ ରାଜପଥ କଟକ-ଚାନ୍ଦବାଲି ରାସ୍ତାକୁ ଅତିକ୍ରମ କରିଥିବା ଏହି ୮(ଇ) ଉପଶାଖା କେନାଲର ପ୍ରଥମ ମୁଣ୍ଡରୁ ଦୀର୍ଘଦିନ ହେବ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ଅଦ୍ୟାବଧି କାର୍ଯ୍ୟ ସମ୍ପୂର୍ଣ୍ଣ ନହେବା ଏବଂ ଢଳେଇର ପାର୍ଶ୍ୱରେ ପୂର୍ବ ପରି ଗଭୀର ଗାତ ଥିବାରୁ ଉପଶାଖା କେନାଲ ପାଖରେ ଥିବା ବ୍ୟବସାୟୀ ମାନଙ୍କ ଘର ଭୁଷୁଡ଼ି ପଡ଼ିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ। ତୁରନ୍ତ ଉକ୍ତ ସ୍ଥାନରେ କାର୍ଯ୍ୟ ଶେଷ କରିବା ପାଇଁ ସେଠାରେ ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ଦାବି କରିଛନ୍ତି। ଢଳେଇ ପଡ଼ିବା ସମୟରେ ଜଳସମ୍ପଦ ବିଭାଗର କୌଣସି ସରକାରୀ ଅଧିକାରୀ ବା କର୍ମଚାରୀ ରହୁନଥିବାର ସୁଯୋଗ ନେଇ ଠିକାଦାର ମନମୁତାବକ ସଠିକ୍ ଭାଗ ମାପ ନକରି ବେସ ଏବଂ ର୍ୟାପ୍‌ର ଉଚ୍ଚତାର ସମନ୍ୱୟ ନରଖି ଗୋଡ଼ି, ସିମେଣ୍ଟ, ବାଲିର ଭାଗ ଠିକ୍ ପରିମାଣରେ ନପକାଇ ଏବଂ ଢଳେଇକୁ ବିନା ଭାଇବରେଟର ମେସିନ୍‌ରେ ଏକ କାଠ ଫାଳିଆରେ ଢଳେଇକୁ ଖେଞ୍ଚି କାର୍ଯ୍ୟ କରାଯାଉଛି। ଏଥିପ୍ରତି ଜଳସମ୍ପଦ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

ବିପିଏଲର ଦ୍ୱାଦଶତମ ସଂସ୍କରଣକୁ ଉଦ୍‌ଘାଟନ କଲେ ବିଧାୟକ



ଆଳି, ୨।୨ (ସଂଚାର ବ୍ୟୁରୋ): ଉଦଘାଟନ ହେଲା ବହୁ ଚର୍ଚ୍ଚିତ ଭୁଇଁପୁର ପ୍ରିମୟମ ଲିଗ୍ କ୍ରିକେଟ ଖେଳ। ଫିତା କାଟି ଉଦ୍‌ଘାଟନ କଲେ ବିଧାୟକ ପ୍ରତାପ କେଶରୀ ଦେବ। ଆଳି ବ୍ଲକ୍ ଭୁଇଁପୁର ଖେଳ ପଡିଆରେ ଆରମ୍ଭ ହେଲା ବିପିଏଲ୍‌ର ଦ୍ୱାଦଶତମ ସଂସ୍କରଣ। ଆଇପିଏଲ ଢାଞ୍ଚାରେ ଖେଳ ହୋଉଛି ବିପିଏଲ୍ । ଏହି କ୍ରିକେଟ ଖେଳ ଗଣ ପର୍ବ ଓ ଭାଇଚାରାର ଭାବେ ଅନାଇ ବସି ଥାଆନ୍ତି କ୍ରୀଡା ପ୍ରେମୀ।

ଏହି ଖେଳରେ ପ୍ରତି ବର୍ଷ ୬ଟି ଟିମ ଭାଗ ନେଉ ଥିବା ବେଳେ ଚଳିତ ବର୍ଷ ନୂତନ ଭାବେ ଦେବସ୍ମିତା ଲାୟନ୍ ଟିମ ଯୋଗ ଦେଇଥିବାରୁ ୭ଟି ଟିମ ଭାଗ ନେଇଛନ୍ତି ।

ଆଜି ଉଦଘାଟନୀ ଉତ୍ସବରେ ୬ଟିମ ଖେଳି ଥିବା ବେଳେ ୩ଟି ଟିମ୍ ଆଞ୍ଜେଲ ଇଲେଭେନ, ଆରାଧନା କୋଚୋର, ସୁକନ୍ୟା ଚାଲେଞ୍ଜର ବିଜୟ କରିଥିଲେ। ଅନ୍ୟପଟେ ପଡିଆ ମଧ୍ୟରେ ଖେଳାଳି ଆଉ ମାଲିକ ମାନଙ୍କ ଗହଣରେ ଥିଲେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, ଜିଲ୍ଲା ପରିଷଦ ଅଧକ୍ଷା ଲିଲିତା ଦାସ, ଉପା ଅଧକ୍ଷ ଭୀଷ୍ମ ମହାନ୍ତି,ପଞ୍ଚାୟତର ସରପଞ୍ଚ ରେଷ୍ମା ରାଣୀ ମଲିକ ସମିତି ସଭ୍ୟା ମିନତୀ ସାମଲ ଯୁଆଣିଆ ସରପଞ୍ଚ ସୁବ୍ରତ ନାୟକ ଓ ସଂଶଧା ସରପଞ୍ଚ ଦୀପକ ଭୂଇଁ ଯୋଗ ଦେଇଥିଲେ। ଏହି ଖେଳ ୭ ଦିନ ଧରି ଚାଲିବ ବୋଲି ବିପିଏଲ୍‌ର ସଦସ୍ୟମାନେ କହିଛନ୍ତି।

ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ନୂତନ ଅଧକ୍ଷଙ୍କ ଦାୟିତ୍ୱ ଗ୍ରହଣ

ରାଜନଗର, ୨।୨ (ସଂଚାର ବ୍ୟୁରୋ): ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଅଧକ୍ଷ ଭାବେ ସମାଜ ବିଜ୍ଞାନର ଅଧାପିକା ଡ଼ଃ ମିତା ରାଉତ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। କାର୍ଯ୍ୟରତ ଅଧକ୍ଷ ଇଂରାଜୀ ବିଭାଗର ମେଜର ମନୋରଞ୍ଜନ ମହାନ୍ତି ଗତ ଜାନୁଆରୀ ମାସ ୩୧ ତାରିଖରେ ଅବସର ଗ୍ରହଣ କରିଥିଲେ। ଅଧକ୍ଷଙ୍କ ଅବସର ପରେ ସମାଜ ବିଜ୍ଞାନର ବିଭାଗ ମୁଖ୍ୟ ଭାବେ ଅଧାପିକା ଡ଼ଃ ମିତା ରାଉତ ଅଧକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଯୋଗଦେବା ପରେ ସେ କହିଛନ୍ତି, ଆଗାମୀ ଦିନରେ ଶିକ୍ଷାନୁଷ୍ଠାନରେ ଶିକ୍ଷାର ଉନ୍ନତି ସହ ଗୁଣାତ୍ମକ ଶିକ୍ଷା ପ୍ରଦାନ ଦିଗରେ କାର୍ଯ୍ୟ କରିବେ ବୋଲି ନୂତନ କରି ଅଧକ୍ଷ ଦାୟିତ୍ୱ ନେଇଥିବା ଅଧାପିକା ରାଉତ ପ୍ରକାଶ କରିଛନ୍ତି। ନୂତନ ଅଧକ୍ଷଙ୍କୁ ମହାବିଦ୍ୟାଳୟର ଅଧାପକ, ଅଧାପିକା ଓ କର୍ମଚାରୀମାନେ ଶୁଭେଚ୍ଛା ଜଣାଇଥିଲେ।



ବଦଳିଲେ ରାଜନଗର ବିଡିଓ ତିଲୋତ୍ତମା ପୃଷ୍ଟି

ବିଜେପି ନେତାଙ୍କ ଆକ୍ରମଣ ଘଟଣାରେ ଚର୍ଚ୍ଚାରେ ଥିଲେ

ରାଜନଗର, ୨।୨ (ସଂଚାର ବ୍ୟୁରୋ): ରାଜନଗର ବ୍ଲକରେ ଏକ ପ୍ରକାର ଅଚଳାବସ୍ଥା ଲାଗି ରହିଛି। ଜଣେ ଅଧିକାରୀ ଅଞ୍ଚଳ ବିଷୟରେ ଜାଣିବା ପୂର୍ବରୁ ଆଉ ଜଣେ ଦାୟିତ୍ୱ ନେଉଛନ୍ତି। ଦୁଇ ମାସ ତଳେ ଯୋଗ ଦେଇଥିବା ମହିଳା ବିଡିଓଙ୍କୁ ଅଫିସ ଭିତରେ ଆକ୍ରମଣ ଘଟଣାକୁ ନେଇ ସାରା ରାଜ୍ୟରେ ଚର୍ଚ୍ଚା ସୃଷ୍ଟି ହୋଇଥିଲା। ବିଜେପି ନେତା ବିଡିଓଙ୍କ କାର୍ଯ୍ୟଳୟ ମଧରେ ପଶି କମ୍ପ୍ୟୁଟର ଉଠାଇ ଆକ୍ରମଣ କରିବା ଘଟଣାରେ ୬ ଦିନ ଧରି ରାଜନଗର ବ୍ଲକରେ ତାଲା ଝୁଲିଥିଲା। କେନ୍ଦ୍ରପଡା ଜିଲ୍ଲା ବିଜେପି ସାମ୍ବାଦିକ ସମ୍ମିଳନୀ କରି ଘଟଣା ପାଇଁ କ୍ଷମା ପାର୍ଥନା କରିବା ପରେ ଘଟଣା ଥଣ୍ଡା ପଡିଥିଲା। ଏହି ଘଟଣାରେ ବିଜେପି ସାଧାରଣରେ ଲୋକହସା ହୋଇଥିବାରୁ ଶେଷରେ ବିଡିଓ ତିଲୋତ୍ତମା ପୃଷ୍ଟିଙ୍କୁ ମାହଙ୍ଗା ବ୍ଲକକୁ ବଦଳି କରିଦିଆଯାଇଛି। ଆଜି ପଞ୍ଚାୟତରାଜ ବିଭାଗ ପକ୍ଷରୁ ଏହି ବଦଳି ତାଲିକା ପ୍ରକାଶ ପାଇଛି। ବିଡିଓ ତିଲୋତ୍ତମା ପୃଷ୍ଟିଙ୍କୁ ମାହଙ୍ଗା ବ୍ଲକକୁ ବଦଳି କରାଯାଇଥିଲେ ମଧ୍ୟ ରାଜନଗର ବ୍ଲକରେ ବିଡିଓ ଭାବେ କାହାରୀକୁ ନିଯୁକ୍ତି ଦିଆଯାଇନାହିଁ। ରାଜନଗରରେ ଏବେ ବିକାଶ ଠପ ହୋଇ ପଡିଛି। ସରକାରୀ ଯୋଜନା ସଠିକ ଲୋକଙ୍କ ପାଖରେ ପହଞ୍ଚି ପାରୁନି।

ରାଜନଗର ବ୍ଲକରେ ପ୍ରଶାସନିକ ଅଚଳାବସ୍ଥା ଦୀର୍ଘ ଦେଢ ବର୍ଷ ହେଲା ଲାଗି ରହିଛି । ରାଜନଗର ବ୍ଲକରେ ଦେଢ ବର୍ଷରେ ୭ ଜଣ ବିଡିଓ ଦାୟିତ୍ୱ ନେବା ବ୍ଲକରେ ଲାଗି ରହିଥିବା ପ୍ରଶାସନିକ ଅଚଳାବସ୍ଥାକୁ ସୂଚାଉଛି। ଜଣେ ବିଡିଓ କିଛି ବୁଝିବା ପୂର୍ବରୁ ତାଙ୍କୁ ବଦଳି କରି ଦିଆଯାଉଛି। ୧ ଡିସେମ୍ବର ୨୦୨୫ରେ ରାଜନଗରରେ ବିଡିଓ ଭାବେ ତିଲୋତ୍ତମା ପୃଷ୍ଟି ଯୋଗ ଦେଇଥିଲେ। ମହିଳା ବିଡିଓ ରାଜନଗରର ୨୯ ପଞ୍ଚାୟତ ବିଷୟରେ ଜାଣିବା ପୂର୍ବରୁ ତାଙ୍କ ଉପରେ ଆକ୍ରମଣ କରାଗଲା। ଦୁଇ ମାସ ନ ପୁରୁଣ ଆଜି ତାଙ୍କୁ ମାହଙ୍ଗା ବ୍ଲକକୁ ବଦଳି କରିଦିଆଯାଇଛି। କାହାକୁ ରାଜନଗର ବିଡିଓ ଭାବେ ନିଯୁକ୍ତି ଦିଆଯାଇନଥିବାରୁ ରାଜନଗରରେ ପୁଣି କାମଚଳା ବିଡିଓରେ କାମ ଚାଲିବ। ଦେଢ ବର୍ଷରେ ରାଜନଗର ବ୍ଲକରେ ୭ ଜଣ ବିଡିଓଙ୍କ ବଦଳି ହୋଇଥିବା ବେଳେ ଏବିଡିଓ ପଦବୀ

ଓଡ଼ିଶା ପାଇଁ ରେଳ ଅନୁଦାନକୁ ଐତିହାସିକ କହିଲେ କେନ୍ଦ୍ର ମନ୍ତ୍ରୀ

ପ୍ରଶସ୍ତ ହେବ ଓଡ଼ିଶାର ପ୍ରଗତି ପଥ

ରାଜ୍ୟରେ ୯୦,୬୫୯ କୋଟିର ରେଳ ପ୍ରକଳ୍ପ କାର୍ଯ୍ୟକାରୀ



ଭୁବନେଶ୍ୱର,୨।୨(ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଓଡ଼ିଶାର ପ୍ରଗତି ଓ ଭିତ୍ତିଭୂମି ବିକାଶକୁ ସର୍ବୋଚ୍ଚ ପ୍ରାଥମିକତା ଦେଇଛନ୍ତି। କେନ୍ଦ୍ରୀୟ ବଜେଟ୍ ୨୦୨୬-୨୭ ଆର୍ଥିକ ବର୍ଷରେ ଓଡ଼ିଶାର ରେଳ ଭିତ୍ତିଭୂମିର ସର୍ବାଙ୍ଗୀନ ବିକାଶ ପାଇଁ ୧୦,୯୨୮ କୋଟିର ରେକର୍ଡ ପରିମାଣର ଅନୁଦାନ ଦିଆଯାଇଛି। ଏହା 'ପୂର୍ବୋଦୟ ମିଶନ' ଅଧୀନରେ ଓଡ଼ିଶାର ପ୍ରଗତି ପଥକୁ ପ୍ରଶସ୍ତ କରିବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଏନେଇ ଶ୍ରୀ ପ୍ରଧାନ 'ଏକ୍ସ'ରେ ପ୍ରଧାନମନ୍ତ୍ରୀ, କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଓ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଓଡ଼ିଶାବାସୀଙ୍କ ପକ୍ଷରୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି ଯେ ମୋଦି ସରକାର ଅମଳରେ ଓଡ଼ିଶାକୁ ମିଳିଥିବା ଏହି ଅନୁଦାନ ୨୦୦୯-୧୪ ପର୍ଯ୍ୟନ୍ତ କଂଗ୍ରେସ ସରକାର ତୁଳନାରେ ହାରାହାରି ୧୩ ଗୁଣ ଅଧିକ। ବର୍ତ୍ତମାନ ରାଜ୍ୟରେ ପ୍ରାୟ ୯୦,୬୫୯ କୋଟି ଟଙ୍କାର ବିଭିନ୍ନ ରେଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଗତ ୧୧ ବର୍ଷରେ ରାଜ୍ୟରେ ୨,୨୦୦ କିମିର ନୂଆ ରେଳ ଟ୍ରାକ୍ ନିର୍ମାଣ ହୋଇସାରିଛି, ଯାହା ମାଲେସିଆ ଭଳି ଦେଶର ସମ୍ପୂର୍ଣ୍ଣ ରେଳ ନେଟୱର୍କଠାରୁ ବି ଅଧିକ। ଏଥିସହ ଓଡ଼ିଶା ଏବେ ଶତପ୍ରତିଶତ ରେଳ ବିଦ୍ୟୁତିକରଣର ଗୌରବ ହାସଲ କରିଛି। ଓଡ଼ିଶାରେ 'ଅମୃତ ଷ୍ଟେସନ ଯୋଜନା' ମାଧ୍ୟମରେ ୨,୪୩୯ କୋଟି ବ୍ୟୟରେ ୫୯ଟି ଷ୍ଟେସନର ଆଧୁନିକୀକରଣ କାର୍ଯ୍ୟ ଜାରି ରହିଛି। ଏଥିରୁ କଟକ, ତାଳଚେର, ବାରିପଦା, ବରପାଲି, ବିମଳାଗଡ଼ ଓ ପାରଳାଖେମୁଣ୍ଡିରେ ୬ଟି ଷ୍ଟେସନର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଛି। ରାଜ୍ୟରେ ଚଳାଚଳ କରୁଥିବା ୬ଟି ବନ୍ଦେ ଭାରତ ଓ ୬ଟି ଅମୃତ ଭାରତ ଏକ୍ସପ୍ରେସ ଯାତ୍ରୀ ପରିବହନ ସେବାକୁ ଅଧିକ ସୁଗମ କରିଛି। ଯାତ୍ରୀଙ୍କ ସୁରକ୍ଷା ପାଇଁ ୬୩୨ଟି ଫ୍ଲାଏଓଭର ଓ ଅଣ୍ଡରପାସ୍ ନିର୍ମାଣ କରାଯାଇଛି ଏବଂ ଅତ୍ୟାଧୁନିକ 'କବଚ' ସୁରକ୍ଷା ପ୍ରଣାଳୀର ବ୍ୟାପକ ପ୍ରୟୋଗ କରାଯାଉଛି।

ଚଳିତ ବଜେଟରେ ପ୍ରସ୍ତାବିତ 'ଡେଡିକେଟେଡ୍ ଇଷ୍ଟ-ୱେଷ୍ଟ ଫ୍ରେଟ୍ କରିଡର' ଓଡ଼ିଶାର ଅର୍ଥନୀତି ପାଇଁ ଏକ ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିବ। ଏହି କରିଡର ପଶ୍ଚିମବଙ୍ଗଠାରୁ ଝାଡ଼ଖଣ୍ଡ ଓ ଓଡ଼ିଶା ଦେଇ ଛତିଶଗଡ଼, ମହାରାଷ୍ଟ୍ର ଓ ଗୁଜରାଟକୁ ସଂଯୋଗ କରିବା ସହ ରାଜ୍ୟର ଶିଳ୍ପାୟନ ଓ ଯାତ୍ରୀସେବା କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବ। ଏହି ରେକର୍ଡସଂଖ୍ୟକ ଅନୁଦାନ 'ପୂର୍ବୋଦୟ ମିଶନ' ଅଧୀନରେ ଓଡ଼ିଶାର ଯୁବପିଢ଼ିଙ୍କ ପାଇଁ ନୂତନ ନିଯୁକ୍ତି ସୃଷ୍ଟି କରିବା ସହ 'ବିକଶିତ ଓଡ଼ିଶା' ଗଠନରେ ଏକ ଦୃଢ଼ ସ୍ତମ୍ଭ ସାଜିବ ବୋଲି ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି।

ବର୍ଷେ ପୂର୍ବରୁ ସରଗରମ ହେଲାଣି ଗାଁ ରାଜନୀତି

ଭୁବନେଶ୍ୱର,୨।୨(ସଂଚାର ବ୍ୟୁରୋ): ଆଉ ମାତ୍ର ବର୍ଷେ ପରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ। ୨୦୨୯ ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟର ତିନି ପ୍ରମୁଖ ଦଳ ଗାଁରେ ନିଜ ନିଜର ଶକ୍ତି ପରୀକ୍ଷା କରିବେ। ଏଥିପାଇଁ ଏବେଠାରୁ ତିନି ଦଳର ମୁଖିଆମାନେ ପାଗ ଭିଡିବା ଆରମ୍ଭ କରିଦେଇଛନ୍ତି। ବିଜେପି ରାଜ୍ୟ ସରକାରଙ୍କ ସଫଳତା ଓ ଏସଆଇଆରକୁ ନେଇ ଲୋକଙ୍କୁ ସଚେତନ କରିବାକୁ ପ୍ରସ୍ତୁତ ହେଉଥିବା ବେଳେ ବିଜେଡି ଓ କଂଗ୍ରେସ ରାଜ୍ୟ ସରକାରଙ୍କ ବିଫଳତାକୁ ଆୟୁଧ କରିବେ।

୨୦୨୬ ଫେବ୍ରୁଆରୀରେ ହେବ ପଞ୍ଚାୟତ ଲଢେଇ। ଏବେଠାରୁ ରାଜନୈତିକ ଦଳ ଓ ନେତାମାନେ ନିଜ ନିଜର ଭୋଟ ବ୍ୟାଙ୍କ ସଜାଡ଼ିବା ସହ ପଞ୍ଚାୟତ ସଂଗଠନ ସୁଦୃଢ଼ କରିବାରେ ଲାଗିଛନ୍ତି। ସେହି କ୍ରମରେ ଆସନ୍ତାକାଲିଠାରୁ ବିଜେଡି ବରଗଡ଼ରୁ ଆରମ୍ଭ କରିବ ଆନ୍ଦୋଳନ। ଚାଷୀ ସମସ୍ୟା ଓ ଆଇନ ଶୃଙ୍ଖଳା ପ୍ରସଙ୍ଗରେ ଦଳ ଆସନ୍ତାକାଲିଠାରୁ ଫେବ୍ରୁଆରୀ ୧୭ ଯାଏ ସବୁ ଜିଲ୍ଲାରେ ଆନ୍ଦୋଳନ କରିବ। ଏହାପରେ ସରକାରଙ୍କୁ ଚେତାବନୀ ଦେବାକୁ ଭୁବନେଶ୍ୱରରେ ବଡ ସମାବେଶ ମଧ୍ୟ କରିବ। କେବଳ ବିରୋଧୀ ବିଜେଡି ନୁହଁ ସରକାରୀ ଦଳ ବିଜେପି ମଧ୍ୟ ଗାଁ ମୁହାଁ। ଗାଁକୁ ଯାଇ ଲୋକଙ୍କୁ ଏସଆଇଆର ବିଷୟରେ ବୁଝାଇବା ସହ ପଞ୍ଚାୟତ ପଲସ ମାପିବ। ପରେ ପରେ ମନ୍ତ୍ରୀମାନେ କେନ୍ଦ୍ର ବଜେଟକୁ ନେଇ ବିଭିନ୍ନ ଜିଲ୍ଲାରେ ସାମ୍ବାଦିକ ସମ୍ମିଳନୀ କରି ନେତା ଓ କର୍ମୀଙ୍କ ସହ ଲୋକଙ୍କୁ ସଚେତନ କରିବେ। ବିଜେପିର ଏହି ଅଭିଯାନ ପଞ୍ଚାୟତ ନିର୍ବାଚନରେ ଏକ ଦଡ଼ ଫ୍ୟାକ୍ଟର ହେବ ବୋଲି ରାଜନୈତିକ ସମୀକ୍ଷକମାନେ ଆକଳନ କରୁଛନ୍ତି।

କଂଗ୍ରେସ ଏଯାଏଁ କୌଣସି କାର୍ଯ୍ୟକ୍ରମ ଘୋଷଣା କରି ନଥିଲେ ମଧ୍ୟ ପିସିସି ସଭାପତି ବିଭିନ୍ନ ଜିଲ୍ଲା ଗସ୍ତ କରି ସଂଗଠନ ସଜାଡ଼ିବା ଆରମ୍ଭ କରିଛନ୍ତି। କଂଗ୍ରେସ ଦଳରେ ମଧ୍ୟ କନ୍ଦଳ ଲାଗି ରହିଛି। ତା ଭିତରେ ବି ଏଆଇସିସିର ସହଯୋଗରେ ଭକ୍ତ ନିଜ ଟିମ ଗଠନ କରୁଛନ୍ତି। ନୂଆପଡା ଉପନିର୍ବାଚନ ପରାଜୟ ପରେ ପଞ୍ଚାୟତରେ କଂଗ୍ରେସ ଅତିକମରେ ୫୦ ଜିଲ୍ଲା ପରିଷଦ ଦଖଲ କରିବାକୁ ପୂରା ଦମରେ ଲାଗିଛି। ସେହିଭଳି ଗତ ସାଧାରଣ ନିର୍ବାଚନରେ ବିପର୍ଯ୍ୟୟ ପରେ ବିଜେଡିରେ ଅସ୍ଥିରତା ଲାଗି ରହିଛି। କିନ୍ତୁ ଦଳ ପାଖରେ ପଞ୍ଚାୟତ ସଂଗଠନ ଏବେବି ରହିଛି। ଯାହାକୁ ଅଧିକ ସଙ୍ଗଠିତ କରିବାକୁ ଚେଷ୍ଟା ଚଳାଇଛି ବିଜୁ ଜନତା ଦଳ। ହେଲେ କେନ୍ଦ୍ରାପଡା, ଯାଜପୁର, ମୟୁରଭଞ୍ଜ, ବାଲେଶ୍ୱର, କଟକ, ଭଦ୍ରକ ଭଳି ଅଧିକାଂଶ ଜିଲ୍ଲାରେ ବିଜେଡି ହାତରୁ ଧରି ଧିରେ ପଞ୍ଚାୟତ ଖସିବାରେ ଲାଗିଛି। ସରକାରୀ ଦଳର ଚାପ ହେଉ କିମ୍ବା ଗାଁ ରାଜନୀତି ପ୍ରଭାବରେ ବିଜେଡିର ବହୁ ପଂଚାୟତ ପ୍ରତିନିଧି ପଦ୍ମ ଦଳରେ ସାମିଲ ହେଉଛନ୍ତି। ରାଜ୍ୟବ୍ୟାପୀ ପଞ୍ଚାୟତ ପ୍ରତିନିଧିମାନେ ବିଜେପିକୁ ଆସୁଥିବାରୁ ଦଳ ଏବେ ପଞ୍ଚାୟତ ସ୍ତରରେ ଶକ୍ତିଶାଳୀ ହେଉଛି। ୨୦୨୨ ପଞ୍ଚାୟତ ନିର୍ବାଚନରେ ବିଜେଡି ୭୬୬, ବିଜେପି ୪୮ ଓ କଂଗ୍ରେସ ୩୭ ଜିଲ୍ଲା ପରିଷଦ ସିଟ୍ ହାତେଇଥିଲା। ବିଜେଡିକୁ ୫୨.୭୩ ପ୍ରତିଶତ ଭୋଟ ମିଳିଥିବା ବେଳେ ବିଜେପିକୁ ମିଳିଥିଲା ୩୦.୦୭ % ଭୋଟ। ଏବେ କିନ୍ତୁ ବଦଳିଛି ରାଜ୍ୟ ରାଜନୀତି। ବିଜେପି ସରକାରରେ ଥିବା ବେଳେ ବିଜେଡି ବିରୋଧୀ ସିଟରେ। ତେବେ ପଞ୍ଚାୟତ ନିର୍ବାଚନରେ କାହାର ଗ୍ରହଣୀୟତା କେତେ ରହୁଛି ତାହା ଦେଖିବାର କଥା।

ଗୁରୁ ରବି ଦାସଜୀଙ୍କ ଜୟନ୍ତୀ ପାଳିତ



ଭୁବନେଶ୍ୱର,୨।୨(ସଂଚାର ବ୍ୟୁରୋ): ସନ୍ଥ ଶିରୋମଣି ଗୁରୁ ରବି ଦାସଙ୍କ ୬୪୯ତମ ଜୟନ୍ତୀ ଜୟଦେବ ନିର୍ବାଚନମଣ୍ଡଳୀ ପଖ୍ୟାଲୋ ସେବା ବସ୍ତିଠାରେ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ ସଭାପତି ବାଇଧର ମଲ୍ଲିକ ଯୋଗ ଦେଇ କହିଛନ୍ତି ଯେ ସନ୍ଥ ରବି ଦାସଜୀ କହୁଥିଲେ 'ମନ୍ ଚଙ୍ଗା ତୋ କଠୌତି ମେଁ ଗଙ୍ଗା'। ଆଜି ବିଜେପି ନେତୃତ୍ୱାଧୀନ ସନ୍ଥ ରବି ଦାସଜୀଙ୍କୁ ଆଦର୍ଶ ଭାବେ ଗ୍ରହଣ କରି 'ସବ୍ କା ସାଥ୍ ସବ୍ କା ବିକାଶ ସବ୍ କା ବିଶ୍ୱାସ ଓ ସବ୍ କା ପ୍ରୟାସ' ମନ୍ତ୍ରକୁ ଆଗେଇ ନେଇଛି। ୮୦ କୋଟି ଲୋକଙ୍କୁ ମାଗଣା ରାସନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ନଳ ଓ ଜଳ ଯୋଜନା ଏସବୁ ମାଧ୍ୟମରେ ସନ୍ଥ ରବି ଦାସଜୀଙ୍କ 'ବେଗମପୁରା' ସ୍ୱପ୍ନକୁ ସାକାର କରାଯାଇଛି। ଏଥିସହ ସପ୍ତାହେବ୍ୟାପୀ ସମସ୍ତ ନିର୍ବାଚନମଣ୍ଡଳୀରେ ସନ୍ଥ ଶିରୋମଣି ଗୁରୁ ରବି ଦାସଙ୍କ ଜୟନ୍ତୀ ପାଳିତ ହେବ ବୋଲି ସେ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଅନୁସୂଚୀତ ଜାତି ମୋର୍ଚ୍ଚାର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁଶାନ୍ତ କୁମାର ମଲ୍ଲିକ, ବରିଷ୍ଠ ନେତା ଶିବ ମଲ୍ଲିକ, ପବିତ୍ର ଭୋଇଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

ଆର୍ଏସ୍ଏସ୍ ମହିଳା ଶାଖା ପକ୍ଷରୁ ମାତୃସଂସ୍କାର ସମ୍ମିଳନୀ



ଭୁବନେଶ୍ୱର,୨।୨(ସଂଚାର ବ୍ୟୁରୋ): ଗତ ଶନିବାର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍ଏସ୍ଏସ୍)ର ମହିଳା ଶାଖା ପକ୍ଷରୁ ବାବା ମହାକାଳଙ୍କ ସହର ଉଜ୍ଜୟିନୀରେ ମାତୃ ସଂସ୍କାର ସମ୍ମିଳନୀ ଉଦ୍‌ଘାଟିତ ହୋଇଛି। ଏଥିରେ ମାଲୱା ଅଞ୍ଚଳର ୧୦ଟି ସହରରୁ ପ୍ରାୟ ୧୨୦୦ ମହିଳା ଯୋଗଦେଇଥିଲେ। ଆରଏସଏସ କାର୍ଯ୍ୟନିର୍ବାହୀ ସଦସ୍ୟ ଭୈୟାଜୀ ଯୋଶୀ, ପୂର୍ବତନ ମନ୍ତ୍ରୀ ଓ ବିଧାୟକ ଉଷା ଠାକୁର, ଡକ୍ଟର ପାୟଲ କାନୋଡିଆ, ରେଖା ଖଣ୍ଡେଲୱାଲ, ଡକ୍ଟର ମୃଦୁଳା ଠାକୁର ପ୍ରଧାନ ଓ ଡକ୍ଟର ବୈଶାଳୀ ଯୋଶୀଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉଦ୍‌ଘାଟନୀ ଅଧିବେଶନରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ମହିଳାମାନଙ୍କ ମଧ୍ୟରେ ସେମାନଙ୍କର ସମ୍ମାନଜନକ ଦାୟିତ୍ୱ ଓ ସାମାଜିକ ଭୂମିକା ବିଷୟରେ ସଚେତନତା ସୃଷ୍ଟି କରିବା। ସମାବେଶରେ ବିଭିନ୍ନ ଅଧିବେଶନରେ ମା'ଙ୍କ ଦୈନନ୍ଦିନ କାର୍ଯ୍ୟ, ଭାରତୀୟ ପୋଷାକ, ମୂଲ୍ୟବୋଧର ଭୂମିକା ଓ ପରିବାର ଗଠନ ଭଳି ବିଷୟଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଶିକ୍ଷା, ଧର୍ମ, ସଂସ୍କୃତି, ରାଜନୀତି ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଦେଇଥିବା ୭ ଜଣ ମହିଳାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯିବ।

ବିଜେଡି ରାଜ୍ୟ ରାଜନୀତିର ଅସ୍ତଗାମୀ ଦଳ: ବିରଞ୍ଚି



ଭୁବନେଶ୍ୱର,୨।୨(ସଂଚାର ବ୍ୟୁରୋ): ବିଜେଡି ୨୦୨୪ ସାଧାରଣ ନିର୍ବାଚନରେ ଓଡ଼ିଶାବାସୀଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହେବା ପରେ ଦଳର ନେତାମାନେ ମାନସିକ ଅବସାଦରେ ଅଛନ୍ତି। ସେଥିପାଇଁ ସେମାନେ କେବଳ ବୟାନବାଜି କରୁଛନ୍ତି। ଏଥିସହ ବିଜେଡି ଯେ ଓଡ଼ିଶା ରାଜନୀତିର ଅସ୍ତଗାମୀ ରାଜନୈତିକ ଦଳ, ଏହା ତା'ର ବୟାନବାଜିରୁ ସ୍ପଷ୍ଟ ହୋଇଯାଉଛି ବୋଲି ଆଜି ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି।। ସେ କହିଛନ୍ତି ଯେ ନିର୍ବାଚନର ଦୀର୍ଘଦିନ ପରେ ବିଜେଡି ଏବେ ଇଭିଏମ୍ ଓ ୧୭-ସି ଫର୍ମ ପ୍ରସଙ୍ଗ ଉଠାଇଛି। ଯେବେଠାରୁ ଇଭିଏମ୍ ଦେଶରେ ଲାଗୁ ହୋଇଛି, ତା' ପରଠାରୁ ହୋଇଥିବା ୫ ନିର୍ବାଚନରୁ ୪ଟିରେ ବିଜେଡି ବିଜୟୀ ହୋଇଛି। ଜିତିବା ସମୟରେ ସେମାନେ ଇଭିଏମ୍ ଉପରେ କୌଣସି ପ୍ରଶ୍ନ ଉଠାଉ ନଥିବା ବେଳେ ଏବେ ହାରିବା ପରେ ଦୋଷାରୋପ କରିବା କେତେଦୂର ଯୁକ୍ତିଯୁକ୍ତ। ନିର୍ବାଚନରେ ଭୋଟ୍‌ଦାନ ସମୟରେ ଯେଉଁମାନେ ବୁଥ୍‌ରେ ଏଜେଣ୍ଟ ଥାନ୍ତି, ସେମାନେ ଉକ୍ତ ବୁଥ୍‌ର ପ୍ରିଜାଇଡିଂ ଅଫିସର୍‌ଙ୍କଠାରୁ ୧୭-ସି ଫର୍ମ ଆଣିଥାନ୍ତି। ଗତ ସାଧାରଣ ନିର୍ବାଚନରେ ପାଖାପାଖି ୩୭,୮୦୦ ବୁଥ୍‌ରେ ସମାନ ସଂଖ୍ୟକ ବିଜେଡି ଏଜେଣ୍ଟ ରହିବା କଥା। ଏହାଛଡ଼ା ଲୋକସଭା ଓ ବିଧାନସଭାକୁ ମିଶାଇଲେ, ଏହା ପ୍ରାୟ ୭୫ ହଜାର ହେବ। ମାତ୍ର ନିର୍ବାଚନ ସମୟରେ କୌଣସି ଗୋଟିଏ ବୁଥ୍‌ରେ ବି ୧୭-ସି ଫର୍ମ ମିଳିଲା ନାହିଁ କାହିଁକି ବୋଲି ଶ୍ରୀ ତ୍ରିପାଠୀ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଯେ ଯଦି ବିଜେଡି ପାଖରେ ତଥ୍ୟ ରହିଛି, ତା' ହେଲେ ସେମାନେ ଦେଶର ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ଏନେଇ ହାଇକୋର୍ଟ କିମ୍ବା ସୁପ୍ରିମ୍ କୋର୍ଟକୁ ଯାଇପାରିବେ।

ସୁଦୃଢ଼ ଗଣତନ୍ତ୍ର ପାଇଁ ଜବାବ ଦିଅନ୍ତୁ ଇସି: ବିଜେଡି



ଭୁବନେଶ୍ୱର,୨।୨(ସଂଚାର ବ୍ୟୁରୋ): ୨୦୨୪ ସାଧାରଣ ନିର୍ବାଚନରେ ବିଭିନ୍ନ ଅନିୟମିତତାକୁ ନେଇ ବିଜେଡି ପକ୍ଷରୁ ନିର୍ବାଚନ କମିସନର (ଇସି)ଙ୍କୁ ଦୁଇ ଦୁଇ ଥର ଲିଖିତ ଭାବେ ପଚରାଯାଇଥିବା ବିଭିନ୍ନ ପ୍ରଶ୍ନର ଉତ୍ତର ଅଦ୍ୟାବଧି ମିଳିନଥିବା ବେଳେ ଏକ ସୁଦୃଢ଼ ଗଣତନ୍ତ୍ର ପାଇଁ ଏହା ଜରୁରୀ। ଶଙ୍ଖ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସଭାପତି ନବୀନ ପଟ୍ଟନାୟକଙ୍କ ରାଜନୈତିକ ସଚିବ ଡ. ସଂଦୃପ୍ତ ମିଶ୍ର ଓ ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ଏହି ମତ ଦେଇଛନ୍ତି। ଡ. ମିଶ୍ର କହିଛନ୍ତି ଯେ ଏକ ଦାୟିତ୍ୱସମ୍ପନ୍ନ ରାଜନୈତିକ ଦଳ ଭାବେ ବିଜେଡି ଏହି ପ୍ରଶ୍ନର ଉତ୍ତର ଆଶା କରୁଛି। ଗତ ୨୦୨୪ ନିର୍ବାଚନରେ ବିଭିନ୍ନ ବୁଥ୍‌ରେ ପଡ଼ିଥିବା ଭୋଟ ଓ ଗଣତି ହୋଇଥିବା ଭୋଟ ମଧ୍ୟରେ ଯଥେଷ୍ଟ ତାରତମ୍ୟ ରହିଛି। ଏଥିପାଇଁ ଫର୍ମ-୧୭ସି ପାଇଁ ଦଳ ଆବେଦନ କରିଥିଲେ ହେଁ ଏହା ମିଳିପାରୁନାହିଁ। ଏନେଇ କମିଶନ୍ ଦେଇଥିବା ସ୍ପଷ୍ଟୀକରଣ ବି ସନ୍ତୋଷଜନକ ନୁହେଁ। ଏଥିସହ ନିର୍ବାଚନ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କ ତ୍ରୁଟି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ଖଣି ମନ୍ତ୍ରଣାଳୟର ଆଲୁମିନିୟମ ଭିଜନ୍ ଡକ୍ୟୁମେଣ୍ଟ ଦ୍ୱାରା ଭାରତର ଆଲୁମିନିୟମ ଚାହିଦା ୨୦୪୭ ଆର୍ଥିକ ବର୍ଷ ସୁଦ୍ଧା ପ୍ରାୟ ୬ ଗୁଣ ବୃଦ୍ଧି ପାଇ ପ୍ରାୟ ୩୭ଏମଟିପିଏ ହେବ ବୋଲି ଆକଳନ କରାଯାଇଛି। ଏହି ଦୃଷ୍ଟିରୁ ଆଗାମୀ ପ୍ରକଳ୍ପ ଏହି ବର୍ଦ୍ଧିତ ଆବଶ୍ୟକତା ପୂରଣ କରିବାରେ ଏକ ସମୟୋଚିତ ଭୂମିକା ଗ୍ରହଣ କରିବ।

ବିଜେଡିର ଚେତାବନୀ ସମାବେଶ

ପୁଞ୍ଜିପତିଙ୍କ ପ୍ରତି ଦରଦ, ଚାଷୀଙ୍କୁ ଉପହାସ ଚଳିବନି

ଭୁବନେଶ୍ୱର,୨।୨(ସଂଚାର ବ୍ୟୁରୋ): ଚଳିତ ଖରିଫ ବିପଣନ ଋତୁ ୨୦୨୫-୨୬ରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ରାଜ୍ୟ ସରକାର ଫେଲ୍ ମାରିଥିବାରୁ ଜିଲ୍ଲାରେ ଚାଷୀମାନେ ଧାନ ବିକିବା ପାଇଁ ନାନାଦି ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଡବଲ ଇଞ୍ଜିନ ସରକାର ପୁଞ୍ଜିପତିଙ୍କୁ ଅନୁକମ୍ପା ପ୍ରଦର୍ଶନ କରି ଟିକସ ଛାଡ଼ କରି ଚାଷୀଙ୍କୁ ଉପହାସ କରିଚାଲିଛି। ଏଥିସହ ଜିଲ୍ଲାରେ ଦିନକୁ ଦିନ ବିଗୁଡୁଥିବା ଆଇନଶୃଙ୍ଖଳା ପରିସ୍ଥିତିର ଅଧୋଗତିର ତୁରନ୍ତ ସମାଧାନ ଦାବିରେ ବରଗଡ଼ ଜିଲ୍ଲା ବିଜେଡି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା ବିଜେଡି ସଭାପତି ସୁଶାନ୍ତ ମହାପାତ୍ରଙ୍କ ସଂଯୋଜନାରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଉପସ୍ଥିତ ରହି ରାଜ୍ୟର ବହୁ ଚାଷୀ ପଞ୍ଜିକରଣରୁ ବଞ୍ଚିତ ଥିବା ବେଳେ ୧୯ ଲକ୍ଷ ୬୬ ହଜାର ୧୮୧ ଚାଷୀ ପଞ୍ଜୀକୃତ ହୋଇଥିବା ଦର୍ଶାଇଛନ୍ତି। ଏଥିସହ ୩ ଲକ୍ଷ ୨୭୫ ଚାଷୀଙ୍କୁ ଅଦ୍ୟାବଧି ଟଙ୍କା ମିଳିପାରିନାହିଁ, ଯାହା ରାଜ୍ୟରେ ଧାନକିଣାର ଅସଲ ସ୍ଥିତିକୁ ବୟାନ କରୁଛି ବୋଲି ଶ୍ରୀ ଆଚାର୍ଯ୍ୟ ଓ ଶ୍ରୀ ମହାପାତ୍ର ଅଭିଯୋଗ କରିଛନ୍ତି।



ଏଥିସହ ସବୁ ଚାଷୀଙ୍କ ଧାନ କିଣିବାକୁ କହି ସରକାର ବାହାସ୍ଫୋଟ ମାରୁଥିଲେ ହେଁ ବଳକା ପଞ୍ଜୀକୃତ ୧୧ ଲକ୍ଷ ଚାଷୀଙ୍କ ଧାନ କେବେ କିଣିବେ ବୋଲି ସେମାନେ ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଏହି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କାର୍ଯ୍ୟକ୍ରମରେ ବିଜେଡି ଉପସଭାପତି ଦେବୀ ପ୍ରସାଦ ମିଶ୍ର, ବିଧାୟକ କଳିକେଶ ସିଂଦେଓ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ମନ୍ତ୍ରୀ ରୀତା ସାହୁ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ପ୍ରମୁଖ ନେତୃତ୍ୱଙ୍କ ସହ ଶତାଧିକ କର୍ମୀ ଯୋଗଦେଇଥିଲେ। ଗତ ୬ ତାରିଖଠାରୁ ଆରମ୍ଭ ହୋଇଥିବା ଦଳର ଏହି ଚେତାବନୀ ସମାବେଶ ପ୍ରତି ଜିଲ୍ଲାରେ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବା ପରେ ୨୪ ତାରିଖରେ ରାଜଧାନୀରେ ଆୟୋଜିତ ହେବ ବୋଲି ଶ୍ରୀ ମିଶ୍ର କହିଛନ୍ତି। ଏଥିସହ ରାଜ୍ୟର ଚାଷୀମାନଙ୍କୁ ବିଜେପି ସରକାର ଉପଯୁକ୍ତ ନ୍ୟାୟ ନ ଦେଲେ ଆଗାମୀ ଦିନରେ ବିଜେଡି ତା'ର ଆନ୍ଦୋଳନକୁ ଆହୁରି ତୀବ୍ର କରିବ ବୋଲି ଚେତାବନୀ ଦିଆଯାଇଛି।

ଢେଙ୍କାନାଳରେ ପ୍ରକଳ୍ପ ସମ୍ପ୍ରସାରଣ କରିବ ବେଦାନ୍ତ

ମୁଖ୍ୟମନ୍ତ୍ରୀଙ୍କଠାରୁ ଜମି

sanchar.live

ସମ୍ପାଦକୀୟ

SANCHAR ସଂଚାର

୪ ମଙ୍ଗଳବାର ୩ ଫେବ୍ରୁଆରୀ ୨୦୨୬, ଭୁବନେଶ୍ୱର
Tuesday 3 February 2026, Bhubaneswar

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

ଶିଳ୍ପ ପାଇଁ ସମ୍ଭାବନା ଓ ଚ୍ୟାଲେଞ୍ଜ



କେନ୍ଦ୍ରୀୟ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ଆଗତ କରାଯାଇଥିବା ୨୦୨୬-୨୭ ବଜେଟ ଭାରତୀୟ ଅର୍ଥନୀତିରେ ଶିଳ୍ପ କ୍ଷେତ୍ରକୁ ନୂଆ ଗତି ଦେବାର ଏକ ସମ୍ଭାବନାପୂର୍ଣ୍ଣ ପଦକ୍ଷେପ ଭାବେ ଉଭା ହୋଇଛି। ଏହି ବଜେଟକ ମୂଳ ଆଧାର ଥିଲା "ଆକ୍ସନ୍ ଓଭର୍ ଆମ୍ବିଭାଲେନ୍ସ" ଅର୍ଥାତ୍ ନିଷ୍ପତ୍ତିହୀନତା ଅପେକ୍ଷା କାର୍ଯ୍ୟକାରୀ ପଦକ୍ଷେପକୁ ପ୍ରାଧାନ୍ୟ ଦେବା। ଶିଳ୍ପ କ୍ଷେତ୍ରର ଦୃଷ୍ଟିରୁ ଏହାର ପ୍ରଭାବ ଦୁଇ ପ୍ରକାର। ଅର୍ଥାତ ଏକ ଦିଗରେ ବୃହତ ସମ୍ଭାବନା ଓ ଅନ୍ୟଦିଗରେ କିଛି ଚ୍ୟାଲେଞ୍ଜ ରହିଛି।

ବଜେଟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ପୁଞ୍ଜିଗତ ବ୍ୟୟ ଉପରେ ଗୁରୁତ୍ୱ। ଚଳିତ ବର୍ଷ ପାଇଁ କ୍ୟାପେକ୍ସ ଅଙ୍କ ପୂର୍ବବର୍ଷ ଅପେକ୍ଷା ପ୍ରାୟ ୧୧ ପ୍ରତିଶତ ବୃଦ୍ଧି ପାଇଛି। ଏହା ଭିତ୍ତିଭୂମି, ରେଳବାଇ, ରାସ୍ତା, ବନ୍ଦର ଓ ବିମାନବନ୍ଦର କ୍ଷେତ୍ରରେ ନିବେଶକୁ ବୃଦ୍ଧି କରିବ। ଫଳରେ ଇସ୍ପାତ, ସିମେଣ୍ଟ, ନିର୍ମାଣ ସାମଗ୍ରୀ, ଯନ୍ତ୍ରପାତି ଓ ହେଭି ଇଞ୍ଜିନିୟରିଂ ଭଳି ଶିଳ୍ପଗୁଡ଼ିକର ଚାହିଦା ବଢ଼ିବ। ଏହା ନିଯୁକ୍ତି ସୃଷ୍ଟି ଓ ଉତ୍ପାଦନ ବୃଦ୍ଧିରେ ସହାୟକ ହେବ। ସେପଟେ ପ୍ରତିରକ୍ଷା ଶିଳ୍ପରେ ଆତ୍ମନିର୍ଭର ଭାରତକୁ ପ୍ରୋତ୍ସାହନ ଦେବା ପାଇଁ ବଜେଟରେ ବିଶେଷ ବ୍ୟବସ୍ଥା ରହିଛି, ଯାହା ଡିଫେନ୍ସ ମ୍ୟାନୁଫ୍ୟାକ୍ଚୁରିଂ ଓ ସମ୍ବଳ କ୍ଷେତ୍ରକୁ ଉନ୍ନତ କରିବ।

ସେମିକଣ୍ଡକ୍ଟର ଓ ଇଲେକ୍ଟ୍ରୋନିକ୍ସ ମ୍ୟାନୁଫ୍ୟାକ୍ଚୁରିଂ ପାଇଁ ନୂଆ ପ୍ରୋତ୍ସାହନ ଯୋଜନା ଘୋଷଣା କରାଯାଇଛି। ଏହା ଭାରତକୁ ଗ୍ଲୋବାଲ୍ ସପ୍ଲାଇ ଚେନରେ ଏକ ଗୁରୁତ୍ୱପୂର୍ଣ୍ଣ ଖେଳାଳି ଭାବେ ସ୍ଥାପନ କରିବ। ପ୍ରଧାନମନ୍ତ୍ରୀ ଆତ୍ମନିର୍ଭର ଭାରତ ରୋଜଗାର ଯୋଜନା ଓ ପ୍ରଡକ୍ସନ ଲିଙ୍କଡ ଇନସେଣ୍ଟିଭ (ପିଏଲ୍ଆଇ) ଯୋଜନାର ବିସ୍ତାର ମ୍ୟାନୁଫ୍ୟାକ୍ଚୁରିଂ କ୍ଷେତ୍ରକୁ ନୂଆ ଉତ୍ସାହ ଦେବ। ଏମ୍ଏସ୍ଏମ୍ଇ ପାଇଁ ନୂଆ ଗ୍ରୋଥ ଫଣ୍ଡ ଓ କ୍ରେଡିଟ୍ ଗ୍ୟାରେଣ୍ଟି ସ୍କିମ୍ ବୃଦ୍ଧି ଛୋଟ ଓ ମଧ୍ୟମ ଶିଳ୍ପଗୁଡ଼ିକୁ ଆର୍ଥିକ ସମର୍ଥନ ଯୋଗାଇବ। ଏହା ବିଶେଷକରି ଟେକ୍ସଟାଇଲ୍, ଫୁଡ୍ ପ୍ରସେସିଂ, ଅଟୋମୋବାଇଲ୍ କମ୍ପୋନେଣ୍ଟ ଓ ହ୍ୟାଣ୍ଡଲୁମ ଭଳି କ୍ଷେତ୍ରରେ ଉପକାରୀ ହେବ।

ତଥାପି କିଛି ଚ୍ୟାଲେଞ୍ଜ ମଧ୍ୟ ରହିଛି। ସିକ୍ୟୁରିଟି ଟ୍ରାନଜାକ୍ସନ ଟ୍ୟାକ୍ସ (ଏସ୍ଟିଟି) ବୃଦ୍ଧି ଫଳରେ କର୍ପୋରେଟ୍ ଫାଇନାନ୍ସିଂ ଓ କ୍ୟାପିଟାଲ୍ ମାର୍କେଟ୍ ଉପରେ ପ୍ରଭାବ ପଡ଼ିପାରେ। ଏହା ଶିଳ୍ପ କମ୍ପାନୀଗୁଡ଼ିକର ପୁଞ୍ଜି ସଂଗ୍ରହକୁ କିଛି ଅଧିକ ବ୍ୟୟବହୁଳ କରିପାରେ। ଅନ୍ୟପକ୍ଷରେ ଆୟକର ସ୍ଲାବରେ କୌଣସି ପରିବର୍ତ୍ତନ ନଥିବାରୁ ମଧ୍ୟବର୍ଗୀୟ ଉପଭୋକ୍ତାଙ୍କ କ୍ରୟକ୍ଷମତା ସ୍ଥିର ରହିଛି, ଯାହା ଉପଭୋଗ ଆଧାରିତ ଶିଳ୍ପଗୁଡ଼ିକୁ ସହାୟକ ହେବ। ଗ୍ଲୋବାଲ୍ ଅର୍ଥନୈତିକ ଅସ୍ଥିରତା ଓ ଜ୍ୟୋଗ୍ୟତା କମିବା ଯୋଗୁଁ ରପ୍ତାନି ଆଧାରିତ ଶିଳ୍ପଗୁଡ଼ିକ ପାଇଁ ଚାପ ରହିଛି।

ସାରାଂଶରେ ଏହି ବଜେଟ୍ ଶିଳ୍ପ କ୍ଷେତ୍ରକୁ ଦୀର୍ଘକାଳୀନ ବୃଦ୍ଧିର ଏକ ମଜବୁତ୍ ଭିତ୍ତି ପ୍ରଦାନ କରୁଛି। ଭିତ୍ତିଭୂମି ଓ ଉତ୍ପାଦନ ଉପରେ ଜୋର ଦେବା ଭାରତକୁ ବିକଶିତ ଅର୍ଥନୀତିର ପଥରେ ଆଗେଇ ନେବା ଶିଳ୍ପପତିମାନଙ୍କୁ ପରାମର୍ଶ ଦିଆଯାଏ ଯେ ଏହି ସୁଯୋଗକୁ ବ୍ୟବହାର କରି ନୂତନ ପ୍ରଯୁକ୍ତି ଓ ଉତ୍ପାଦନ କ୍ଷମତା ବଢ଼ାଇବା ଉଚିତ। ସରକାରଙ୍କ ଏହି ପଦକ୍ଷେପ ଆତ୍ମନିର୍ଭର ଭାରତର ସ୍ୱପ୍ନକୁ ସାକାର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବ। ଶିଳ୍ପ କ୍ଷେତ୍ର ଯଦି ଏହି ସମ୍ଭାବନାକୁ ସଠିକ ଭାବେ ବ୍ୟବହାର କରେ, ତେବେ ଭାରତୀୟ ଅର୍ଥନୀତି ନୂଆ ଉଚ୍ଚତା ସ୍ପର୍ଶ କରିବ।

ପ୍ରବାସକୁ ଏମଏସଏମଇ ରୋକି ଓଡ଼ିଶାର ନିଯୁକ୍ତିର ମୂଳ ଶକ୍ତି ହୋଇପାରିବ କି?



ମନସିଜ ଦାସ

ଗାଁରୁ ସହରକୁ ପ୍ରବାସ ଆଜି ଓଡ଼ିଶାର ଅର୍ଥନୀତି ଓ ସମାଜ ଜୀବନର ଏକ ବଡ଼ ସତ୍ୟ। ପ୍ରତିବର୍ଷ ନିୟମିତ ଧାରାରେ ହଜାର ହଜାର ଯୁବକ ଯୁବତୀ ଭଲ ଆୟର ଆଶାରେ ଘରଦ୍ୱାର ଛାଡ଼ି ସୁରତ୍, ହାଇଦ୍ରାବାଦ, ଚେନ୍ନାଇ, ବେଙ୍ଗାଲୁରୁ କିମ୍ବା ଭାରତର ଅନ୍ୟ ବଡ଼ ବଡ଼ ସହରକୁ ଦାଦନ ପାଇଁ ଯାଇଥାନ୍ତି। ଏହି ପ୍ରବାସ କେବଳ ଚାକିରୀ କ୍ଷେତ୍ରରେ ନୁହେଁ ଏହା ପଛରେ ଆଉ ଏକ ବଡ଼ କାରଣ ମଧ୍ୟ ରହିଛି। ବଡ଼ କାରଣଟି ହେଉଛି ଏହି ଦାଦନ ଦୁଃଖ ସହିତ ଯୌଥ ପରିବାରର ବନ୍ଧନୀ ଭାଙ୍ଗିବା ସହ ବୃଦ୍ଧ ନିର୍ଭରଶୀଳ ପିତାମାତାଙ୍କ ଏକାକୀପଣ ଓ ଗାଁର ଶୂନ୍ୟତା। ସ୍ୱାଭାବିକ ଭାବେ ପ୍ରଶ୍ନ ଉଠେ ଆମ ଯୁବ ବର୍ଗମାନେ ଘର ପାଖରେ ରୋଜଗାର ପାଇଲେ ସେମାନେ ବାହାରକୁ ଯିବା ପାଇଁ କାହିଁକି ଇଚ୍ଛା କରନ୍ତି। ଏହିପରି କ୍ଷେତ୍ରରେ ଆମେ ଆଲୋଚନା କରୁଥିବା ଏମଏସଏମଇ - ସୂକ୍ଷ୍ମ, ଛୋଟ ଓ ମଧ୍ୟମ ଉଦ୍ୟମ ଯାହାକି ଏକ ନୂଆ ଆଶାର ଆଲୋକ ଓ ସମ୍ଭାବନା ଦେଖାଇଛି।

ଓଡ଼ିଶାରେ ଦାଦନ ବା ପ୍ରବାସର ପ୍ରମୁଖ କାରଣଟି ହେଉଛି, ଏହା ସମସ୍ତେ ଜାଣନ୍ତି ଆମ ଓଡ଼ିଶାର ଗ୍ରାମୀଣ ଅର୍ଥନୀତି ମୁଖ୍ୟତଃ ଚାଷବାସ ଉପରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ନିର୍ଭରଶୀଳ। କିନ୍ତୁ ଚାଷବାସ କାମ ଋତୁ ଆଧାରିତ ହୋଇଥିବାରୁ ଏଥିରେ ଲାଭ କମ ଏବଂ ଆୟ ମଧ୍ୟ ଅନିଶ୍ଚିତ ରହିଥାଏ। ଦରଦାମ ଓ ପ୍ରାକୃତିକ ବିପର୍ଯ୍ୟୟ, ଉନ୍ନତ ବଜାର ନ ମିଳିବାରୁ ଏହିପରି ଅନେକ ସମସ୍ୟା ପ୍ରାୟତଃ ରହିଥାଏ। ଏହାସହିତ ଭାରତର ଛୋଟ ଛୋଟ ସହରରେ ଶିଳ୍ପ ଓ ବ୍ୟବସାୟ ସୁଯୋଗର ଯେଉଁ ବ୍ୟାପକ ଅଭାବ ରହୁଛି ଏହା ଯୁବପିଢ଼ିଙ୍କୁ ବାଧ କରୁଛି ବାହାରକୁ ଯିବା ପାଇଁ। ଯାହାଦ୍ୱାରା ଗାଁରେ ଦକ୍ଷ ଶ୍ରମଶକ୍ତି କମୁଛି ଏବଂ ସ୍ଥାନୀୟ ଅର୍ଥନୀତି ଦୁର୍ବଳ ହେବାସହ ସହରରେ କିନ୍ତୁ ଅତ୍ୟଧିକ ଚାପ ବଢ଼ିଯାଉଛି ଯାହାର ଫଳସ୍ୱରୂପ ରାଜ୍ୟର ପ୍ରଗତିରେ ଏହା ବଡ଼ ବାଧକ ମଧ୍ୟ ସାଜୁଛି। ଆମ ଆଲୋଚନାରେ ଏମଏସଏମଇ କାହିଁକି ଏକ ବ୍ୟବହାରିକ ସମାଧାନ? ଏହାର ସହଜ, ସରଳ ଓ ସ୍ପଷ୍ଟ ଉତ୍ତର ହେଉଛି ବଡ଼ କାରଖାନା କିମ୍ବା ମେଗା ଇଣ୍ଡଷ୍ଟ୍ରି ସବୁଠାରୁ ସ୍ଥାପିତ କରିବା ସମ୍ଭବ ହୋଇନଥାଏ। କିନ୍ତୁ ଏମଏସଏମଇ ବ୍ୟବସ୍ଥାରେ କମ ପୁଞ୍ଜିରେ ଗାଁ ଓ ଛୋଟ ସହରରେ ଏକ ଉଦ୍ୟୋଗ ଗଢ଼ା ଯାଇପାରେ। ଏହାର ବଡ଼ ଲାଭାର୍ଥୀ ହେଉଛନ୍ତି ସ୍ଥାନୀୟ ଜନସାଧାରଣ। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳରେ ବ୍ୟାପକ କର୍ମସଂସ୍ଥାନ ସୃଷ୍ଟି ହୋଇଥାଏ ଯେଉଁଥିରେ ମହିଳା ଓ ଯୁବ ବର୍ଗ ଅଧିକରୁ ଅଧିକ ସାମିଲ ହୋଇଥାନ୍ତି। ଛୋଟ ପୁଞ୍ଜିରେ ବଡ଼ ପ୍ରଭାବ ଗ୍ରାମ୍ୟ ଅର୍ଥନୀତିର ବେଗକୁ ଆହୁରି ତ୍ୱରାନ୍ୱିତ କରିଥାଏ। ସବୁଠାରୁ ବଡ଼ କଥା ହେଉଛି ହସ୍ତ ଶିଳ୍ପ ଠାରୁ ମାଛଚାଷ, ହ୍ୟାଣ୍ଡଲୁମ ଠାରୁ ଖାଦ୍ୟ ପ୍ରସ୍ତୁତି, ଦୁଗ୍ଧ ବ୍ୟବସାୟ ଠାରୁ ସର୍ଭିସ ସେକ୍ଟର ସବୁ କ୍ଷେତ୍ରରେ ଏମଏସଏମଇର ଭରପୁର ସମ୍ଭାବନା ରହିଛି।

ନୂତନ କେନ୍ଦ୍ରୀୟ ବଜେଟରେ ଏକ ସକରାତ୍ମକ ସଂକେତ ରହିଛି। ଏଥରକ ବଜେଟରେ ଗୁରୁତ୍ୱପୂର୍ଣ୍ଣ ଭାବେ ଦଶହଜାର କୋଟିର ଏମଏସଏମଇ ବୃଦ୍ଧି ବ୍ୟବସ୍ଥା ହୋଇଛି ଯାହାକି ଛୋଟ ଛୋଟ ଉଦ୍ୟୋଗକୁ ବଡ଼ ପ୍ରୋତ୍ସାହନ ଯୋଗାଇବ ଏହା ସହିତ ସହଜ ଋଣ ଓ କାର୍ଯ୍ୟ ପୁଞ୍ଜି ଉପଲବ୍ଧତା ହେବାସହ ସରକାରୀ ସଂସ୍ଥା ମାନଙ୍କ ପକ୍ଷରୁ ଶୀଘ୍ର ପେମେଣ୍ଟ ବ୍ୟବସ୍ଥା ରହିଛି। ଅର୍ଥନୈତିକ ବିକାଶ ଓ ନିଯୁକ୍ତି ସୃଷ୍ଟିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଉଥିବା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଏମଏସଏମଇ ଗୁଡ଼ିକୁ ଦକ୍ଷ କରିବା ଲାଗି ବଜେଟରେ ପଦକ୍ଷେପ ଘୋଷଣା କରାଯାଇଛି। ଏଥିପାଇଁ ତିନି ସୂତ୍ରୀ ଯୋଜନା ପ୍ରସ୍ତୁତ ହୋଇଛି। ତାହା ହେଉଛି ଇକ୍ୱିଟି ସହାୟତା, ନଗଦ ରାଶି ସହାୟତା ଓ ପେସାଦାର ସହାୟତା। ଇକ୍ୱିଟି ସହାୟତାରେ ୧୦, ୦୦୦ କୋଟି ଟଙ୍କାର ଉତ୍ସର୍ଗୀକୃତ ଏସଏମଇ ଗ୍ରୋଥ ଫଣ୍ଡ ଗଠନ କରାଯିବ। ଆତ୍ମନିର୍ଭର ଭାରତ ପାଣ୍ଠିକୁ ୨୦୦୦ କୋଟି ଟଙ୍କା ଦିଆଯିବ। ଦେଶର ତୃତୀୟ ଓ ତୃତୀୟ ଶ୍ରେଣୀ ସହରଗୁଡ଼ିକରେ ଥିବା ଏମଏସଏମଇ ଗୁଡ଼ିକୁ ନିୟମ ପାଳନରେ ସହଯୋଗ କରିବା ଲାଗି ପେସାଦାର ଅନୁଷ୍ଠାନଗୁଡ଼ିକ ସହଯୋଗରେ 'କର୍ପୋରେଟ ମିତ୍ର' ବିକାଶ କରାଯିବ। କେନ୍ଦ୍ରୀୟ ପିଏସୟୁ ଗୁଡ଼ିକ ଏମଏସଏମଇ ସହ କରୁଥିବା ସବୁ କାରବାର ଟିଆରଇଡିଏସ ଜରିଆରେ ହେବ। ବିଆରଇଡିଏସରେ ଇନଭଏସ ରିହାତି ପାଇଁ ଏକ କ୍ରେଡିଟ ଗ୍ୟାରେଣ୍ଟି ସହାୟତା ବ୍ୟବସ୍ଥା ଆରମ୍ଭ କରାଯିବ। ସୁଲଭ ଓ ଶୀଘ୍ର ଫାଇନାନ୍ସ ସୁବିଧା ପାଇଁ ଜିଇଏମ ଓ ଟିଆରଇଏସକୁ ମିଶାଇ ଦିଆଯିବ।

ନିୟମିତ ଦକ୍ଷତା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ନିଶ୍ଚିତ ଭାବେ ଏମଏସଏମଇ ଉଦ୍ୟୋଗୀ ମାନଙ୍କୁ କେବଳ ଆର୍ଥିକ ଭାବେ ସୁଦୃଢ଼ କରିବ ନାହିଁ ବରଂ ନୂତନ ନିଯୁକ୍ତି ସୃଷ୍ଟି କରିବ। ଓଡ଼ିଶା ପାଇଁ ବିଶେଷକରି ଏଥିନିମିତ୍ତ ବଡ଼ ସୁଯୋଗ ସୃଷ୍ଟି ହୋଇଛି। ମିଶନ ଶକ୍ତି ମାଧ୍ୟମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ସ୍ୱତନ୍ତ୍ର ପାଣ୍ଠି ସହ ସମ୍ବଲପୁର, ବରଗଡ଼ର ହ୍ୟାଣ୍ଡଲୁମ, କୋରାପୁଟ କନ୍ଧମାଳର ଖାଦ୍ୟ ପ୍ରସ୍ତୁତି ଓ ଛୋଟ କ୍ଷୁଦ୍ର ବ୍ୟବସାୟ ନିମିତ୍ତ ସରକାର ଏହି କ୍ଲଷ୍ଟର ଗୁଡ଼ିକୁ ଆର୍ଥିକ ସହାୟତାର ବ୍ୟବସ୍ଥା ରଖିବା ସହ ବଜାର ଯୋଗାଯୋଗ ଓ ଢାଞ୍ଚାଗତ ସୁବିଧା ବ୍ୟବସ୍ଥା ରଖିଛନ୍ତି। ଏହି ଉଦ୍ୟମ ନିଶ୍ଚିନ୍ତ ଭାବରେ ଅନେକ କର୍ମ ସଂସ୍ଥାନ ସୃଷ୍ଟି କରିବ। ତେବେ କାଗଜ କଲମରେ ଯୋଜନାରେ ସୀମିତ ନରହି ତୃଣମୂଳ ସ୍ତରରୁ ଏଥିନିମିତ୍ତ ବ୍ୟାପକ ଓ ଦୂରଦୃଷ୍ଟି ସମ୍ପନ୍ନ ଉଦ୍ୟମ ଦରକାର। ଏମଏସଏମଇ ନିମିତ୍ତ ସହଜ ଋଣ, ଦୁର୍ନୀତିମୁକ୍ତ ପ୍ରକ୍ରିୟା, ଦକ୍ଷତା ଉନ୍ନୟନ ଓ ବଜାର ସୁଯୋଗ ଏସବୁ ନିଶ୍ଚିନ୍ତ ହେବା ଜରୁରୀ। ଯଦି ଆମେ ଗାଁରେ ରୋଜଗାର ସୃଷ୍ଟି କରିପାରୁ ତେବେ ଯୁବ ବର୍ଗମାନେ ଦାଦନ ମୁହାଁ ହେବେ ନାହିଁ। ପ୍ରବାସ ନୁହେଁ ସ୍ଥାନୀୟ ଉନ୍ନତିକୁ ନୀତିର କେନ୍ଦ୍ର ବିନ୍ଦୁ କରିବା ଜରୁରୀ। ଏମଏସଏମଇ ଅର୍ଥାତ ଅଣକ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ନିଶ୍ଚିନ୍ତ ଭାବେ ଦେଶର ଉଜ୍ଜ୍ୱଳ ଅର୍ଥନୀତି ଭବିଷ୍ୟତ ଗଠନ ନିମନ୍ତେ ମୂଳଦୁଆକୁ ଦୃଢ଼ କରିବା ସହ ଏହା ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନ ନିମନ୍ତେ ଉଚ୍ଚତର ଏବଂ ଦ୍ରୁତତର ଉଡ଼ାଣ ଏଥିପାଇଁ ସମୟ, ସାଧନ ଓ ଶ୍ରମର ପର୍ଯ୍ୟାପ୍ତ ଆବଶ୍ୟକତା ରହିଛି। ଖୁସିର କଥା ସରକାରୀ ଭାବେ ଏହି କ୍ଷେତ୍ର ନିମିତ୍ତ କେବଳ ସୁଚିନ୍ତିତ ଯୋଜନାମାନ ପ୍ରସ୍ତୁତ କରାଯାଇ ନାହିଁ ବରଂ ନିର୍ଣ୍ଣାୟକ ନେତୃତ୍ୱ ସହିତ ଆଗାମୀ ଦିନରେ ଯୁବ ବର୍ଗ ଏଥିରୁ କିପରି ଅଧିକ ସୁବିଧା ପାଇପାରିବେ ଏବଂ ଗ୍ରାମୀଣ ଅର୍ଥନୀତି କିପରି ବେଗବାନ ହୋଇପାରିବ ଏହା ହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ।

ବ୍ୟବସାୟ ରଣନୀତି ଓ କର୍ପୋରେଟ ନେତୃତ୍ୱ ବିଶେଷଜ୍ଞ,
ଗୁରୁଗ୍ରାମ, ହରିୟାନା, ମୋବାଇଲ୍: ୯୮୧୧୮୭୨୯୪୮

ମୋଦୀଙ୍କ ତୃତୀୟ କାର୍ଯ୍ୟକାଳର ତୃତୀୟ ବଜେଟ

ଡକ୍ଟର ଅମୂଲ୍ୟ କୁମାର ପଣ୍ଡା



ବଜେଟ୍ ଶବ୍ଦଟିକୁ ଶୁଣିଲେ ବହୁତ ଲୋକ କିଛି ଜାଣନ୍ତି ଆଉ ଅନେକ ଲୋକ ବଜେଟ କଣ ଶୁଣି ଆଶ୍ଚର୍ଯ୍ୟ ହୁଅନ୍ତି। ଆସନ୍ତୁ ଜାଣିବା ବଜେଟ କଣ ଆଉ ଆଜି ମୋଦୀଙ୍କ ତୃତୀୟ କାଳରେ ତୃତୀୟ ବଜେଟ ବିଷୟରେ ମଧ୍ୟ ଜାଣିବା। ବଜେଟ୍ - ଅର୍ଥାତ୍ ସରକାରଙ୍କ ହିସାବ କିତାବ ବା ଅର୍ଥ ବ୍ୟବସ୍ଥାକୁ ବୁଝାଏ। ଏହି ଶବ୍ଦ ଭାରତର ନୁହେଁ ବରଂ ଫ୍ରେଞ୍ଚ ଶବ୍ଦ ବୋଲି ସୂଚନା ରହିଛି। ଠିକ୍ ସେମିତି ବଜେଟ୍ ଅଧିବେଶନରେ ବ୍ରିଫକେସ୍‌ର ପରମ୍ପରା ବ୍ରିଟେନ୍‌ରୁ ଆସିଛି। ୧୮୬୦ ମସିହାରେ ୱିଲିୟମ ଇ ଗ୍ଲାଡ୍ଷ୍ଟୋନ ପ୍ରଥମ ଥର ବ୍ରିଟେନ ବଜେଟ ଆଗତ କରିବା ସମୟରେ ବ୍ରିଫକେସ୍‌ର ବ୍ୟବହାର କରିଥିଲେ। ଯାହା କି ପରେ 'ଗ୍ଲାଡ୍ଷ୍ଟୋନ ବକ୍ସ' ରୂପେ ପରିଚିତ ହୋଇଥିଲା। ଏହାପରେ ଭାରତରେ ବି ବଜେଟ୍ ଉପସ୍ଥାପନ ବେଳେ ଏହି ପରମ୍ପରା ପାଳନ ହେବାରେ ଲାଗିଛି। ସ୍ୱାଧୀନ ଭାରତରେ ୧୯୪୭ ମସିହା ନଭେମ୍ବର ୨୬ ତାରିଖରେ ପ୍ରଥମ ଅର୍ଥମନ୍ତ୍ରୀ ଆରକେ ଶନମୁଖମ ପ୍ରଥମଥର ବଜେଟ୍ ଉପସ୍ଥାପନ କରିଥିଲେ। ସେହି ସମୟରେ ବ୍ରିଫକେସର ରଙ୍ଗ ଲାଲ୍ ଥିଲା। ହେଲେ ପରବର୍ତ୍ତୀ ସମୟରେ ଯେବେ ନେହେରୁ ବଜେଟ୍ ଉପସ୍ଥାପନ କଲେ ସେବେ ଏହାର ରଙ୍ଗ ଲାଲ ପରିବର୍ତ୍ତେ କଳା ହୋଇଥିଲା। ସେବେଠୁ ଅର୍ଥମନ୍ତ୍ରୀମାନେ ନିଜ ଅନ୍ଦାଜରେ ବ୍ରିଫକେସ୍ ନେଇ ସଂସଦ ଆସୁଥିବା ଦେଖାଦେଇଛି। କଥା ହେଲା, ୨୦୧୯ ମସିହାରେ ନିର୍ମଳା ବ୍ରିଫକେସ୍ ପରମ୍ପରାକୁ ଭାଙ୍ଗିଥିଲେ। ବ୍ରିଫକେସ ପରିବର୍ତ୍ତେ ସାଙ୍ଗରେ ଆଣିଥିଲେ ଟାବଲେଟ୍। କାରଣ ଏବେ ପେପର ଲେସ୍ ବଜେଟ୍ ଉପସ୍ଥାପନ ହେଉଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଲୋକସଭାରେ କେନ୍ଦ୍ରୀୟ ବଜେଟ୍ ୨୦୨୬-୨୭ ଯେଉଁ ଉପସ୍ଥାପନ କଲେ ଏହାର ଲୋକସଭାରେ ବଜେଟ୍ ଉପସ୍ଥାପନ ପରେ ବଜେଟ୍‌ର କପି ରାଜ୍ୟସଭାରେ ଉପସ୍ଥାପିତ ହେବ। ଏହା ନରେନ୍ଦ୍ର ମୋଦୀ ସରକାରଙ୍କ ତୃତୀୟ କାର୍ଯ୍ୟକାଳର ତୃତୀୟ ବଜେଟ୍ ହେବ। ବଜେଟ୍ ପ୍ରସ୍ତୁତି ପୂର୍ବରୁ ଅର୍ଥମନ୍ତ୍ରୀ' ଅର୍ଥନୀତିଜ୍ଞ, ବାଣିଜ୍ୟ ସଂଘ, ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ର, ଏମ୍.ଏସ୍.ଏମ୍.ଇ., ବାଣିଜ୍ୟ ଏବଂ ଶିଳ୍ପ, ଆର୍ଥିକ କ୍ଷେତ୍ର ଏବଂ ପୁଞ୍ଜି ବଜାରର ବିଶେଷଜ୍ଞ ଓ ପ୍ରତିନିଧିମାନଙ୍କ ସମେତ ବିଭିନ୍ନ ଅଂଶିଦାରମାନଙ୍କ ସହ ପ୍ରାକ୍ ବଜେଟ୍ ପରାମର୍ଶ ବୈଠକ କରିଥିଲେ। କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ, କୃଷି ଏବଂ ଗ୍ରାମୀଣ ବିକାଶ ସହ ଜଡ଼ିତ ବିଭିନ୍ନ ଦିଗ ଉପରେ ମଧ୍ୟ ପ୍ରାକ୍ ବଜେଟ୍ ସଂକ୍ରାନ୍ତ ପରାମର୍ଶ କରିଥିଲେ।

ଭାରତର ବଜେଟ୍ ଏହାର ବୈଦେଶିକ ନୀତି ଏବଂ ଆଞ୍ଚଳିକ ପ୍ରଭାବକୁ ଗଢ଼ିବାରେ ମଧ୍ୟ ଏକ ପ୍ରମୁଖ ଭୂମିକା ଗ୍ରହଣ କରେ। ପ୍ରତିବର୍ଷ ବୈଦେଶିକ ମନ୍ତ୍ରଣାଳୟ ଅଧୀନରେ କରାଯାଉଥିବା ଆବଣ୍ଟନ ସୂଚିତ କରେ ଯେ ଭାରତ ବିକାଶ ସହଯୋଗ, ଭିତ୍ତିଭୂମି ସହାୟତା ଏବଂ ମାନବିକ ସହାୟତା ପାଇଁ କେଉଁ ଦେଶକୁ ପ୍ରାଥମିକତା ଦିଏ। ଆସନ୍ତୁ ଜାଣିବା ଭାରତର ବଜେଟରୁ କେଉଁ ଦେଶ ଲାଭ ପାଉଛନ୍ତି। ଭାରତର ବୈଦେଶିକ ସହାୟତା ତାଲିକାରେ ଭୁଟାନ ଶୀର୍ଷରେ ରହିଛି। ଏହାକୁ ୨,୧୫୦ କୋଟି ଟଙ୍କା ମିଳିଛି। ଏହି ସହାୟତା ମୁଖ୍ୟତଃ ଜଳବିଦ୍ୟୁତ ପ୍ରକଳ୍ପ, ସଡ଼କ ସଂଯୋଗ ଏବଂ ଆର୍ଥିକ ସହଯୋଗ ପାଇଁ ନିର୍ଦ୍ଦେଶିତ ଥିଲା। ନେପାଳକୁ ମଧ୍ୟ ୭ ଶହ କୋଟି ଯଙ୍କା ମିଳିଛି। ଦ୍ୱିପାକ୍ଷିକ ବିକାଶ ସହଯୋଗରେ ନିରନ୍ତର ଅଭିବୃଦ୍ଧିକୁ ପ୍ରତିଫଳିତ କରି ଏହି ଆବଣ୍ଟନ ଗତ ବର୍ଷ ତୁଳନାରେ ସ୍ଥିର ରହିଛି। ମାଳଦ୍ୱୀପକୁ ସହାୟତା ୬ ଶହ କୋଟିକୁ ବୃଦ୍ଧି କରାଯାଇଥିଲା, ଯାହା ପୂର୍ବ ସ୍ତରଠାରୁ ଏକ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି। ଶ୍ରୀଲଙ୍କା ଏକ ଗମ୍ଭୀର ଆର୍ଥିକ ସଙ୍କଟରୁ ମୁକୁଳିବା ପରେ, ତାଙ୍କୁ ସହାୟତା ମଧ୍ୟ ୩ ଶହ କୋଟିକୁ ବୃଦ୍ଧି କରାଯାଇଥିଲା। ମିଆଁମାରକୁ ସହାୟତା ୨୫୦ କୋଟିରୁ ୩୫୦ କୋଟିକୁ ବୃଦ୍ଧି କରାଯାଇଛି। ଏହାର ଲକ୍ଷ୍ୟ ହେଉଛି ଚାଲିଥିବା ସଂଘର୍ଷ ମଧ୍ୟରେ ମାନବିକ ଆବଶ୍ୟକତା ଏବଂ ଭିତ୍ତିଭୂମି ଚ୍ୟାଲେଞ୍ଜକୁ ସମାଧାନ କରିବା। ବାଂଲାଦେଶ ୧୨୦ କୋଟି ପାଇଲା, ଏବଂ ଆଫଗାନିସ୍ତାନକୁ ସହାୟତା ୨୦୦ କୋଟିରୁ ହ୍ରାସ କରି ୧୦୦ କୋଟି କରାଯାଇଥିଲା। ଭାରତ ମାନବିକ ସହାୟତାରେ ତାର ସମ୍ପୃକ୍ତିକୁ ସୀମିତ ରଖିଲା। ଏହା ସହିତ, ଭାରତ ଦକ୍ଷିଣ ଏସ

ଚୁକ୍ତି ସର୍ତ୍ତାବଳୀ ହ୍ରାସକଲେ ଟ୍ରମ୍ପ

ୱାଶିଂଟନ,୨।୨: ଇରାନ ଓ ଆମେରିକା ମଧ୍ୟରେ ମାସ ମାସ ଧରି ଚାଲିଥିବା ଗତିରୋଧର ଅନ୍ତ ଘଟାଇବା ପାଇଁ ଏକ ବଡ଼ ସଫଳତା ଲାଗି ବାଟ ପରିଷ୍କାର ହୋଇଛି। ସୂତ୍ର ଅନୁଯାୟୀ ଚଳିତ ସପ୍ତାହରେ ତୁର୍କୀର ଅଙ୍କାରାରେ ଦୁଇ ଦେଶ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଶାନ୍ତି ଚୁକ୍ତିନାମା ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇପାରେ। ଏହି ବୈଠକ ମୁଖ୍ୟତଃ ମିସର, କତାର ଓ ତୁର୍କୀ ଦ୍ୱାରା ଆରମ୍ଭ କରାଯାଇଛି। କୂଟନୈତିକ ପଦକ୍ଷେପର ଅଂଶ ସ୍ୱରୂପ, ଉଚ୍ଚପଦସ୍ଥ ଇରାନୀ ଅଧିକାରୀମାନେ ଆମେରିକାର ରାଷ୍ଟ୍ରଦୂତ ଷ୍ଟିଭ ୱିଟକଫଙ୍କ ସହିତ ସାକ୍ଷାତ କରିବେ ଆଶା କରାଯାଉଛି।

ବୈଠକ ପୂର୍ବରୁ ଏକ ବଡ଼ ପରିବର୍ତ୍ତନ ହୋଇଛି। ଆମେରିକା ନିଜର ସର୍ତ୍ତାବଳୀ ହ୍ରାସ କରିଛି। ପୂର୍ବରୁ, ଆମେରିକା ଆଲୋଚନା ପାଇଁ ଚାରୋଟି ପ୍ରମୁଖ ସର୍ତ୍ତ ରଖିଥିଲା। ସେଥିରେ ଇରାନ ପରମାଣୁ ଅସ୍ତ୍ର ବିକଶିତ କରିବ ନାହିଁ, ମାନବାଧିକାର ଉଲ୍ଲଂଘନ



ହେବ ନାହିଁ, ୟୁରାନିୟମ୍ ସମୃଦ୍ଧିକୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିବାକୁ ପଡିବ ଓ ଦୂରଗାମୀ କ୍ଷେପଣାସ୍ତ୍ର ଉତ୍ପାଦନ ବନ୍ଦ କରାଯିବା ଜରୁରୀ ଆଦି ଅନ୍ତର୍ଭୁକ୍ତ ଥିଲା। ତେବେ ଇରାନ କଠୋର ଆଭିମୁଖ୍ୟ ସହ ଆଲୋଚନା କରିବାକୁ ମନା କରିବା ପରେ ଆମେରିକା ଏବେ ଏହି ସର୍ତ୍ତଗୁଡ଼ିକ ମଧ୍ୟରୁ କେବଳ ଦୁଇଟିରେ ଆଲୋଚନା କରିବାକୁ ନିଷ୍ପତ୍ତି ନେଇଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସ୍ପଷ୍ଟ କରିଛନ୍ତି, ତାଙ୍କର ଏବେ କେବଳ ଦୁଇଟି ପ୍ରାଥମିକ ସର୍ତ୍ତ ଅଛି।

ଚଳିତ ସପ୍ତାହରେ ଅଙ୍କାରାରେ ହେବ ଶାନ୍ତି ଆଲୋଚନା

ଆମେରିକାର ରାଷ୍ଟ୍ରଦୂତଙ୍କୁ ଭେଟିବେ ଉଚ୍ଚପଦସ୍ଥ ଇରାନୀ ଅଧିକାରୀ

ପ୍ରଥମତଃ, ଇରାନ ପରମାଣୁ ଅସ୍ତ୍ର ବିକଶିତ କରିବ ନାହିଁ ଏବଂ ଦ୍ୱିତୀୟତଃ, ସେଠାକାର ଲୋକମାନଙ୍କୁ ମୃତ୍ୟୁଦଣ୍ଡ ଦିଆଯିବ ନାହିଁ।

ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି କହିଛନ୍ତି ଯେ, ସେମାନେ ପରମାଣୁ ଅସ୍ତ୍ର ନିର୍ମାଣ ଦିଗରେ ଅଗ୍ରସର ହେଉନାହାନ୍ତି। କିନ୍ତୁ ଆମେରିକା ଦ୍ୱାରା ଲଗାଯାଇଥିବା ଅନ୍ୟ କୌଣସି ସର୍ତ୍ତକୁ ସେମାନେ ଗ୍ରହଣ କରିବେ ନାହିଁ। ଇରାନର ସର୍ବୋଚ୍ଚ ନେତା ଆୟୋତୋଲ୍ଲା ଅଲୀ ଖେମିନି ସିଧାସଳଖ ଚେତାବନୀ ଦେଇଥିଲେ, ଯଦି ଇରାନ ଉପରେ ସାମରିକ ଆକ୍ରମଣ ହୁଏ, ତେବେ ଆମେ ଏହାକୁ ଆଞ୍ଚଳିକ ଯୁଦ୍ଧରେ ପରିଣତ କରିବୁ। ଆମେରିକା ପଛକୁ ହଟିବାର ଏକ ପ୍ରମୁଖ କାରଣ ହେଉଛି ଆର୍ଥିକ ଓ ରଣନୈତିକ ଚାପ। ବିଶେଷଜ୍ଞମାନଙ୍କ ଅନୁସାରେ, ଯଦି ଇରାନ ସହିତ ଯୁଦ୍ଧ ହୁଏ, ତେବେ ହର୍ମୁଜ୍ ପ୍ରଣାଳୀ ଓ ଲୋହିତ ସାଗର ବାଣିଜ୍ୟ ପଥ ବନ୍ଦ ହୋଇଯିବ। ଯାହା ବିଶ୍ୱ ବାଣିଜ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଇବ। ୟୁଏଇ, ତୁର୍କୀ ଓ ସାଉଦି ଆରବ ଭଳି ଆମେରିକାର ଘନିଷ୍ଠ ସହଯୋଗୀମାନେ ଯୁଦ୍ଧ ପରିସ୍ଥିତିରେ ଆମେରିକାକୁ ସେମାନଙ୍କର ସାମରିକ ଘାଟି ଯୋଗାଇବାକୁ ସ୍ପଷ୍ଟ ଭାବରେ ମନା କରିଦେଇଥିଲେ। ବ୍ୟବସାୟିକ ସଙ୍କଟ ଓ ସହଯୋଗୀଙ୍କ ଫଟ୍‌ଘୁଆ କାରଣରୁ, ୟୁଏସ୍‌ଏସ୍ ଆବ୍ରାହମ ଲିଙ୍କନ ଓ ଥାଡ୍ କ୍ଷେପଣାସ୍ତ୍ର ପ୍ରଣାଳୀର ମୁତୟନ ସତ୍ତ୍ୱେ, ଟ୍ରମ୍ପ ପ୍ରଶାସନ ଶାନ୍ତି ଚୁକ୍ତିକୁ ସର୍ବୋତ୍ତମ ବିକଳ୍ପ ଭାବରେ ବିବେଚନା କରୁଛନ୍ତି।

ହସିନାଙ୍କୁ ୧୦ ବର୍ଷ, ଝିଆରୀଙ୍କୁ ୪ ବର୍ଷ ଜେଲ୍

ଢାକା,୨।୨: ଦୁର୍ନୀତି ସହିତ ଜଡିତ ଦୁଇଟି ମାମଲାରେ ଏକ ସ୍ୱତନ୍ତ୍ର ଅଦାଲତ ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କୁ ୧୦ ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି। ସେହିପରି ତାଙ୍କ ଝିଆରୀ ବ୍ରିଟିଶ ସାଂସଦ ଟ୍ୟୁଲିପ୍ ସିଦ୍ଦିକଙ୍କୁ ୪ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଢାକାର ସ୍ୱତନ୍ତ୍ର କୋର୍ଟ-୪ର ବିଚାରପତି ମହମ୍ମଦ ରବିଉଲ୍ ଆଲାମ୍ ଦୁଇଟି ମାମଲା ମଧ୍ୟରୁ ଗୋଟିଏରେ ହସିନାଙ୍କ ଅନ୍ୟ ଝିଆରୀ ଆଜମିନା



ସିଦ୍ଦିକ ଓ ପୁତୁରା ରାଦୱାନ୍ ମୁଜିବ୍ ସିଦ୍ଦିକ ବବିଙ୍କୁ ସାତ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏସିସି ପବ୍ଲିକ୍ ପ୍ରସିକ୍ୟୁଟର ମିର ଅହମଦ ଅଲି ସଲାମ ଏହି ରାୟ ପ୍ରଦାନ କରିଛନ୍ତି। ହସିନା ଓ ତାଙ୍କ ପରିବାରର ତିନି ସଦସ୍ୟଙ୍କ ବ୍ୟତୀତ, କୋର୍ଟ ଅନ୍ୟ ୧୧ ଜଣ ଅଭିଯୁକ୍ତଙ୍କୁ ଦୁଇଟି ମାମଲାରେ ୧୦ ବର୍ଷ ଓ ଅନ୍ୟ ଏକ ମାମଲାରେ ଦୁଇବର୍ଷ ଜେଲଦଣ୍ଡ ଦେଇଛନ୍ତି।

ଗତବର୍ଷ ନଭେମ୍ବର ୨୬ରୁ ଡିସେମ୍ବର ୧ ମଧ୍ୟରେ, ଶେଖ୍ ହସିନାଙ୍କୁ ଚାରୋଟି ଦୁର୍ନୀତି ମାମଲାରେ ୨୬ ବର୍ଷ ଜେଲ୍ ଦଣ୍ଡାଦେଶ କରାଯାଇଥିଲା। ତାଙ୍କ ଝିଅ ସାଇମା ୱାଜେଦ୍ ପୁତୁଲ୍ ଓ ପୁଅ ସଜୀବ ୱାଜେଦ୍ ଜୟ, ତାଙ୍କ ଭଉଣୀ ଶେଖ୍ ରେହାନା ଓ ଝିଆରୀ ଟୁଲିପ୍ ମଧ ଚାରୋଟି ମାମଲା ମଧ୍ୟରୁ ଗୋଟିଏରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। କୋର୍ଟ ରେକର୍ଡ ଅନୁଯାୟୀ, ଦୁର୍ନୀତି ନିବାରଣ କମିସନ ଦ୍ୱାରା ଦାଖଲ ହୋଇଥିବା ପ୍ରତ୍ୟେକ ମାମଲାର ବିଚାର ୧୫ଟି ଶୁଣାଣି ମଧ୍ୟରେ ସମାପ୍ତ ହୋଇଥିଲା। କୋର୍ଟର କାଗଜପତ୍ର ଦର୍ଶାଉଛି ଯେ, ବିଚାର ସମୟରେ ମୋଟ ୩୯ ଜଣ ବ୍ୟକ୍ତି ଏହି ମାମଲାରେ ସାକ୍ଷ୍ୟ ଦେଇଥିଲେ। ୭୮ ବର୍ଷୀୟା ହସିନା ଓ ତାଙ୍କ ପରିବାରର ତିନି ଜଣ ସଦସ୍ୟଙ୍କ ବ୍ୟତୀତ, ଅଭିଯୁକ୍ତମାନଙ୍କ ମଧ୍ୟରେ ବହୁ ସରକାରୀ ଓ ଅବସରପ୍ରାପ୍ତ ଅଧିକାରୀ କର୍ମଚାରୀ ରହିଛନ୍ତି।

୯୦ ବର୍ଷ ବୟସରେ ଦଲାଇ ଲାମାଙ୍କୁ ଗ୍ରାମୀ ଆୱାର୍ଡ



ଲସ ଆଞ୍ଜେଲସ, ୨।୨: ତିବ୍ଦତର ଧାର୍ମିକ ନେତା ଦଲାଇ ଲାମା ୯୦ ବର୍ଷ ବୟସରେ ନିଜର ପ୍ରଥମ ଗ୍ରାମୀ ଆୱାର୍ଡରେ ସମ୍ମାନିତ ହୋଇଛନ୍ତି। ଶାନ୍ତି ଓ ପ୍ରତିଛବର ବାର୍ତ୍ତା ବାହାକ ସାଜିଥିବା ଦଲାଇ ଲାମାଙ୍କ ଜୀବନକାଳ ମଧ୍ୟରେ ଏହା ଗୋଟିଏ ମହତ୍ତ୍ୱପୂର୍ଣ୍ଣ ମାଇଲଷ୍ଟୋନ ଭାବେ ଉଭା ହୋଇଛି।

ଦଲାଇ ଲାମାଙ୍କ ଶବ୍ଦର ଆଲବମ ମେଡିଟେସନ: ଦ ରିଫ୍ଲେକସନ ଅଫ ହିଜ ହୋଲିନେସ୍ ଦ ଦଲାଇଲାମାକୁ ୬୮ତମ ବାର୍ଷିକ ଗ୍ରାମୀ ଆୱାର୍ଡର ଶ୍ରେଷ୍ଠ ଅଡିଓ ବୁକ, ନ୍ୟାରେସନ ଓ ଷ୍ଟୋରୀଟେଲିଂ ରେକର୍ଡିଂରେ ଏପରି ସଫଳତା ମିଳିଛି। ବିଶ୍ୱ ସ୍ରୋତାଙ୍କ ଉପରେ ଦଲାଇ ଲାମାଙ୍କ ନିରନ୍ତର ପ୍ରଭାବ ରହିଥିବା ଏହି ସମ୍ମାନ ସଙ୍କେତ ଦେଇଛି। ସଂଗୀତ ଜଗତର ସବୁଠାରୁ ପ୍ରତିଷ୍ଠିତ ପୁରସ୍କାର ଭାବେ ବିବେଚନା କରାଯାଏ। ତେଣୁ ଦଲାଇ ଲାମାଙ୍କୁ ଗ୍ରାମୀ ସମ୍ମାନ ମିଳିବା ତାଙ୍କ ସ୍ୱର ବିଶ୍ୱରେ ପ୍ରଭାବ ପକାଇଥିବା ସ୍ପଷ୍ଟ କରୁଛି। ଆମେରିକାର ଲସ ଆଞ୍ଜେଲସରେ ଆୟୋଜିତ ପୁରସ୍କାର ଉତ୍ସବରେ ମନୋରଞ୍ଜନ ଦୁନିଆର ପ୍ରମୁଖ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ପ୍ରଥମଥର ପାଇଁ ମନୋରଞ୍ଜନ ଦୁନିଆ ବାହାରେ ଥିବା ଜଣେ ବ୍ୟକ୍ତି ଏପରି ଗ୍ରାମୀ ଆୱାର୍ଡ ପାଇନାହାନ୍ତି। ଏହାପୂର୍ବରୁ ବାରାକ ଓବାମା ୨୦୦୬ରେ ଶ୍ରେଷ୍ଠ କଥିତ ଶବ୍ଦ ଆଲବମ ଡ୍ରିମ୍ସ ଫର୍ମ ପମାଇଁ ଫାଦର ପାଇଁ ଗ୍ରାମୀ ପୁରସ୍କାର ଜିତିଥିଲେ।

ୟୁପିରେ ଯୋଗୀ ସରକାରଙ୍କ କଡ଼ା ପଦକ୍ଷେପ

୬୮,୨୩୬ ସରକାରୀ କର୍ମଚାରୀଙ୍କ ଦରମା ବନ୍ଦ

ଲକ୍ଷ୍ନୌ,୨।୨ : ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ ବଡ଼ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ସମ୍ପତ୍ତି ବିବରଣୀ ପ୍ରଦାନ କରିବାରେ ବିଫଳତା ଯୋଗୁଁ ରାଜ୍ୟ ସରକାର ୬୮,୨୩୬ ସରକାରୀ କର୍ମଚାରୀଙ୍କ ଦରମା ବନ୍ଦ କରିଦେଇଛନ୍ତି। ଉତ୍ତରପ୍ରଦେଶର ୬୬,୨୩୬ ସରକାରୀ



କର୍ମଚାରୀଙ୍କ ଜାନୁଆରୀ ୨୦୨୬ ଦରମା ବନ୍ଦ କରିଦିଆଯାଇଛି। ଯୋଗୀ ସରକାରଙ୍କ ଜିରୋ-ଟଲେରାନ୍ସ ଦୁର୍ନୀତି ନୀତି ଅଧୀନରେ ଏହି ପଦକ୍ଷେପ ନିଆଯାଇଥିଲା, ଯାହା ରାଜ୍ୟ କର୍ମଚାରୀମାନଙ୍କୁ ସେମାନଙ୍କର ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତିର ବିବରଣୀ ପ୍ରଦାନ କରିବାକୁ ବାଧ୍ୟ କରିଥିଲା। ୟୁପିରେ ମୋଟ ୮,୬୬,୨୬୧ ସରକାରୀ କର୍ମଚାରୀ ରହିଛନ୍ତି। ଏହି ନିଷ୍ପତ୍ତି କର୍ମଚାରୀଙ୍କ ପ୍ରତି ସରକାରଙ୍କ କଠୋରତାକୁ ପ୍ରତିଫଳିତ କରେ ବୋଲି ବିଶ୍ୱାସ କରାଯାଏ। ସମ୍ପତ୍ତି ବିବରଣୀ ଦାଖଲ କରିବାର ଶେଷ ତାରିଖ ଜାନୁଆରୀ ୩୧, ୨୦୨୬ ଧାର୍ଯ୍ୟ କରାଯାଇଥିଲା, କିନ୍ତୁ ଏହି ଶେଷ ତାରିଖ ସୁଦ୍ଧା ୬୮,୦୦୦ କର୍ମଚାରୀ ମାନବ ସମ୍ପଦ ପୋର୍ଟାଲରେ ସେମାନଙ୍କର ସମ୍ପତ୍ତି ବିବରଣୀ ଅପଲୋଡ୍ କରିବାରେ ବିଫଳ ହୋଇଥିଲେ। ଏମାନଙ୍କ ମଧ୍ୟରୁ ୩୪,୯୨୬ ତୃତୀୟ ଶ୍ରେଣୀର କର୍ମଚାରୀ ଥିଲେ। ଯୋଗୀ ସରକାର ସ୍ପଷ୍ଟ କରିଛନ୍ତି ଯେ, ଯଦି ଏହି କର୍ମଚାରୀମାନେ ସମ୍ପତ୍ତି ବିବରଣୀ ପ୍ରଦାନ ନ କରନ୍ତି, ତେବେ ସେମାନଙ୍କର ଜାନୁଆରୀ ମାସର ଦରମା ଫେବ୍ରୁଆରୀ ମାସରେ ଦିଆଯିବ ନାହିଁ।

ସୁନେତ୍ରାଙ୍କୁ ଅଧକ୍ଷା ପଦ ପାଇଁ ଏନସିପିର ପ୍ରସ୍ତୁତି

ମୁମ୍ବାଇ ୨।୨: ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ସୁନେତ୍ରା ପାୱାର ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (ଏନସିପି) ଜାତୀୟ ସଭାପତି ପଦବୀ ଗ୍ରହଣ କରିପାରନ୍ତି। ଦଳ ସଭାପତି ରୂପେ ତାଙ୍କ ନିଯୁକ୍ତିର ଔପଚାରିକ ପ୍ରକ୍ରିୟା ଖୁବ୍ ଶୀଘ୍ର ଶେଷହେବ ବୋଲି ଆଶା କରାଯାଉଛି। ଏହି ବିଷୟରେ ଏନସିପିର ଆଗାମୀ ଜାତୀୟ କାର୍ଯ୍ୟକାରିଣୀ ବୈଠକରେ ଚର୍ଚ୍ଚା କରାଯିବ। ଏହି ଘଟଣାକ୍ରମ ଏନସିପିର ପୂର୍ବତନ ଅଧକ୍ଷ ତଥା ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର(୬୬)ଙ୍କ ନିଧନର କିଛି ଦିନ ପରେ ସାମ୍ନାକୁ ଆସିଛି।

ଅଜିତ ପାୱାରଙ୍କ ଆକସ୍ମିକ ପରଲୋକ ପରେ ଏନସିପିର ବରିଷ୍ଠ ନେତାମାନେ ସୁନେତ୍ରା ପାୱାରଙ୍କ ସମର୍ଥନରେ ଏକଜୁଟ ହୋଇଛନ୍ତି ଓ ପାର୍ଟି ନେତୃତ୍ୱ ସୁନେତ୍ରାଙ୍କୁ ଜାତୀୟ ସଭାପତି



ପଦ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ସୂତ୍ର ଅନୁସାରେ ପାର୍ଟି ମଧ୍ୟରେ ସୁନେତ୍ରାଙ୍କ ପଦୋନ୍ନତି ଲାଗି ସର୍ବସମ୍ମତି ପ୍ରକାଶ ପାଇଛି। ଏନସିପିର ୩୦ରୁ ଅଧିକ ପଦାଧିକାରୀମାନେ ଜାତୀୟ କାର୍ଯ୍ୟକାରୀ ଅଧକ୍ଷ ପ୍ରଫୁଲ୍ଲ ପଟେଲ ଏବଂ ମହାରାଷ୍ଟ୍ର ଏନସିପି ସଭାପତି ସୁନିଲ ତଟକରେଙ୍କୁ ଏକ ମିଳିତ ପତ୍ର ଲେଖିଛନ୍ତି। ଏଥିରେ ସର୍ବସମ୍ମତିରେ ସୁନେତ୍ରା ପାୱାରଙ୍କୁ ପାର୍ଟିର ସର୍ବୋଚ୍ଚ ପଦ ଅର୍ପଣ କରିବାକୁ ଦାବି କରାଯାଇଛି।

ଏହି ପଦକ୍ଷେପ ଏନସିପିର ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଆସିଛି। କାରଣ ପାର୍ଟି ଏବେ ନିଜର ସଙ୍ଗଠନାତ୍ମକ ସଂରଚନାକୁ ମଜଭୂତ କରିବା ଓ ରାଜ୍ୟରେ ନିଜ ରାଜନୈତିକ ଉପସ୍ଥିତିକୁ ସୁଦୃଢ କରିବା ପାଇଁ ଉଦ୍ୟମ କରୁଛି। ୬୨ ବର୍ଷ ବୟସ୍କା ସୁନେତ୍ରା ପାୱାର ଶନିବାର ମୁମ୍ବାଇ ଲୋକ ଭବନରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବୀଶ ଓ ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ଉପସ୍ଥିତିରେ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ତାଙ୍କୁ ଅବକାରୀ, ଖେଳ ଏବଂ ଯୁବ କଲ୍ୟାଣ ବିଭାଗ ଓ ସଂଖ୍ୟାଲଘୁ କଲ୍ୟାଣ ଓ ବିକାଶ ବିଭାଗ ପ୍ରଦାନ କରାଯାଇଛି।

ପ୍ରଶ୍ନ ଘେରରେ ଅଜିତଙ୍କ ବିମାନ ଦୁର୍ଘଟଣା

ମୁମ୍ବାଇ,୨।୨: ଅଜିତ ପାୱାରଙ୍କ ମୃତ୍ୟୁକୁ ନେଇ ଦଳ ଓ ପରିବାର ଏବେ ବି ଧକ୍କାରୁ ମୁକୁଳି ପାରିନାହାନ୍ତି। ବିମାନ ଦୁର୍ଘଟଣାରେ ଜଣେ ବି ଯାତ୍ରୀ ବଞ୍ଚିପାରି ନଥିଲେ। ସମସ୍ତେ ଏବେ ଏକ ପୁଙ୍ଖାନୁପୁଙ୍ଖ ତଦନ୍ତର ରିପୋର୍ଟକୁ ଅପେକ୍ଷା କରିଛନ୍ତି। ଅଜିତ ପାୱାରଙ୍କ ମୃତ୍ୟୁ ସମ୍ପର୍କରେ ଏନ୍‌ସିପି-ଏସ୍‌ସିପି ନେତା ଅନିଲ ଦେଶମୁଖ କହିଛନ୍ତି, କୁହାଯାଉଛି ଯେ, ଦୁର୍ଘଟଣା ଦୃଶ୍ୟମାନତା କମ୍ ଥିବାରୁ ଘଟିଛି। ଯଦିଓ ଭିଡିଓଗୁଡ଼ିକ ଦୂରରୁ ସୁଟ୍ କରାଯାଇଥିଲା, ସେଥିରେ ସ୍ପଷ୍ଟ ଭାବରେ ବିମାନ ଉଡୁଥିବା, ଅବତରଣ ସମୟରେ ଢଳି ପଡ଼ିଥିବା ଓ ଶେଷରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଦେଖାଯାଉଛି। ତେଣୁ, ଅନେକ ଲୋକ ସନ୍ଦେହ କରୁଛନ୍ତି, ଦୃଶ୍ୟମାନତା କମ୍ ହେବା ଦୁର୍ଘଟଣାର କାରଣ ନୁହେଁ। କମ୍ ଦୃଶ୍ୟମାନ୍ୟତାରେ କିଭଳି ଭଲ ଭାବେ ଭିଡିଓ ସୁଟିଂ ହେଲା ? ବ୍ଲାକ୍ ବାକ୍ସ ମିଳିଛି। ଏହାର ଯାଞ୍ଚ କରାଯିବ। ତଦନ୍ତରେ ସବୁକିଛି ପ୍ରକାଶ ପାଇବ। ପୂର୍ବରୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏନସିପି ମୁଖ୍ୟ ତଥା ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ବିମାନ ଦୁର୍ଘଟଣାର ତଦନ୍ତ ଦାବି କରିଥିଲେ। ସେତେବେଳେ ଏହାକୁ ନେଇ ଶାସକ ବିଜେପି ପକ୍ଷରୁ ଏହାକୁ ବିରୋଧ କରାଯାଇଥିଲା।

ଭାରତର ବଜେଟକୁ ବିଦେଶରେ ପ୍ରଶଂସା

ଆଫଗାନିସ୍ତାନରେ ଖୁସିର ମାହୋଲ



କାବୁଲ,୨।୨ : ଭାରତର ବଜେଟକୁ ନେଇ ଦେଶରେ ମିଶ୍ରିତ ପ୍ରତିକ୍ରିୟା ଆସୁଛି। ତେବେ ଏହା ଉପରେ ନଜର ରଖିଥିବା ପଡୋଶୀ ଦେଶ କିନ୍ତୁ ପୂରା ଖୁସ୍। ନୂଆ ଭାରତର ଆତ୍ମନିର୍ଭର ବଜେଟକୁ ପ୍ରଶଂସା କରିଛି ଆଫଗାନିସ୍ତାନ। ଭାରତର ଏହି ବଜେଟ ଆଫଗାନିସ୍ତାନବାସୀଙ୍କ ମୁହଁରେ ଖୁସି ଆଣିଦେଇଛି। ଏହି ବଜେଟ୍ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଆହୁରି ଶକ୍ତିଶାଳୀ କରିବ ବୋଲି ଆଫଗାନର ବରିଷ୍ଠ ଅଧିକାରୀ କହିଛନ୍ତି। ବଜେଟରେ ଆଫଗାନିସ୍ତାନକୁ ପ୍ରଦାନ କରାଯାଉଥିବା ଆର୍ଥିକ ସାହାଯ୍ୟକୁ ବୃଦ୍ଧି କରାଯାଇଛି। ପୂର୍ବରୁ ଏହା ୧୦୦ କୋଟି ଥିଲା। ଏବେ ଏହାକୁ ୧୫୦ କୋଟି କରାଯାଇଛି। ଯାହା ଆଫଗାନର ବିକାଶରେ ସାହାଯ୍ୟ କରିବ। ଏହାକୁ ନେଇ କତାରରେ ଥିବା ଆଫଗାନର ରାଷ୍ଟ୍ରଦୂତ ସୁହେଲ ସାହିନ୍ କହିଛନ୍ତି ଯେ, ଭାରତ ବଜେଟରେ ଆଫଗାନିସ୍ତାନକୁ ଦେଉଥିବା ସହାୟତା ରାଶିର ବୃଦ୍ଧି କରିଛି। ଏହାଦ୍ୱାରା ଉଭୟ ଦେଶ ଲାଭବାନ ହେବେ। ଦୁଇ ଦେଶ ମଧ୍ୟରେ ସମ୍ପର୍କ ଅଧିକ ମଜବୁତ ହେବ।

ସେ ଆହୁରି କହିଛନ୍ତି ଯେ, ଆଫଗାନିସ୍ତାନ ହେଉଛି ଭାରତର ପାରମ୍ପରିକ ବନ୍ଧୁ। ଉଭୟ ଦେଶ ମଧ୍ୟରେ ବର୍ଷ ବର୍ଷ ଧରି ଭଲ ସମ୍ପର୍କ ରହିଛି। ଖାଲି ସରକାର ନୁହେଁ, ଦୁଇ ଦେଶର ନାଗରିକଙ୍କ ମଧ୍ୟ ପରସ୍ପର ସହ ଜଡିତ। ଏବେ ଆଫଗାନିସ୍ତାନ ଆଗକୁ ବଢୁଛି। ନୂଆକରି ସବୁ ଆରମ୍ଭ ହେଉଛି। କାବୁଲର ଦ୍ୱାର ଭାରତୀୟ ନିବେଶକଙ୍କ ପାଇଁ ସଦାବେଳେ ଖୋଲା ରହିଛି। ଭାରତ ସହ ବାଣିଜ୍ୟ ପାଇଁ ତାଲିବାନ ସରକାର ସଦାବେଳେ ପ୍ରସ୍ତୁତ ଥିବା ସେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଆଫଗାନିସ୍ତାନରେ ଆମେରିକା ସୈନ୍ୟ ପ୍ରତ୍ୟାହାର ପରେ ତାଲିବାନ ସରକାର ଗଠନ ହୋଇଥିଲା। ସେବେଠୁ ଭାରତ ସହ ଅନେକ ଅନ୍ତର୍ଜାତୀୟ ମଞ୍ଚରେ ଆଫଗାନ୍ ଠିଆ ହୋଇଛି। ଅନେକ ସମୟରେ ସମର୍ଥନ କରିଛି। ଅପରେସନ ସିନ୍ଦୂରରେ ମଧ୍ୟ ପାକିସ୍ତାନ ବିରୋଧରେ ଭାରତକୁ କାବୁଲ ସରକାର ସମର୍ଥନ କରିଥିଲେ।

ପଶ୍ଚିମବଙ୍ଗରେ ନିପା ଭାଇରସ୍ ଘଟଣା

ଭାରତକୁ ଡବ୍ଲ୍ୟୁଏଚ୍‌ଓ ମୁଖ୍ୟଙ୍କ ଚେତାବନୀ

ଜେନେଭା,୨।୨: ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଭାରତରେ ସମ୍ପ୍ରତି ଦେଖାଦେଇଥିବା ନିପା ଭାଇରସ ସମ୍ପର୍କରେ ଏକ ଚେତାବନୀ ଜାରି କରିଛି। ଡବ୍ଲ୍ୟୁଏଚ୍‌ଓ ନିର୍ଦ୍ଦେଶକ ଜେନେରାଲ ଟେଡ୍ରୋସ୍ ଆଧାନମ୍ ଘେବ୍ରେୟସସ୍ କହିଛନ୍ତି, ନିପା ଭାଇରସ ମାମଲା ଅତ୍ୟନ୍ତ ଗମ୍ଭୀର। ଏହି ଭାଇରସର ସାମ୍ପ୍ରତିକ ମାମଲା କେବଳ ଭାରତରେ ସୀମିତ ରହିଛି। ଅନ୍ୟ କୌଣସି ଦେଶରୁ ଏପରି କୌଣସି ମାମଲା ରିପୋର୍ଟ ହୋଇନାହିଁ। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସର ଏକ ପୋଷ୍ଟରେ, ଡବ୍ଲ୍ୟୁଏଚ୍‌ଓ ମୁଖ୍ୟ ପଶ୍ଚିମବଙ୍ଗରେ ରିପୋର୍ଟ ହୋଇଥିବା ଦୁଇଟି ମାମଲା ସମ୍ପର୍କରେ ସୂଚିତ କରି କହିଛନ୍ତି, ୧୯୯୮ରେ ପ୍ରଥମ ଥର ପାଇଁ ଭାଇରସ ଚିହ୍ନଟ ହେବା ପରଠାରୁ ଏହା ରାଜ୍ୟରେ ତୃତୀୟ ମାମଲା। ଭାରତରେ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ୧୯୦ ରୁ



ଅଧିକ ଲୋକଙ୍କ ଉପରେ ନଜର ରଖାଯାଇଛି। ଏପର୍ଯ୍ୟନ୍ତ କେହି ଏହି ରୋଗରେ ଆକ୍ରାନ୍ତ ହୋଇନାହାନ୍ତି। ଭାରତରେ ଏନେଇ ନିରୀକ୍ଷଣ ଓ ପରୀକ୍ଷା ବୃଦ୍ଧି କରାଯାଇଛି। ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକ ପ୍ରତିରୋଧ ଓ ନିୟନ୍ତ୍ରଣ ପଦକ୍ଷେପ କାର୍ଯ୍ୟକାରୀ କରୁଛନ୍ତି। ନିଜକୁ କିପରି ସୁରକ୍ଷା ଦେବେ ସେ ବିଷୟରେ ଲୋକମାନଙ୍କୁ ଶିକ୍ଷା



ନୀଳଚକ୍ର ପଶ୍ଚିମବଙ୍ଗ ଶାଖା ପକ୍ଷରୁ କ୍ରିକେଟ ଲିଗ୍

କୋଲକାତା, ୨।୨ (ସଂଚାର ବ୍ୟୁରୋ): ରବିବାର ନୀଳଚକ୍ର ପଶ୍ଚିମବଙ୍ଗ ଶାଖା ପକ୍ଷରୁ ନୀଳଚକ୍ର ପ୍ରିମିଅର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆୟୋଜନ ଦାସନଗରର ଆରତୀ କଟନ ମିଲ ପଡିଆରେ ଆୟୋଜନ କରାଯାଇଥିଲା। ଏଥିର ୪ଟି ଟିମ ଯଥା କେନ୍ଦ୍ରାପଡ଼ା କିଙ୍ଗସ, ବ୍ରଦର୍ସ ଇଲେଭେନ, ସତ୍ୟ ଇଲେଭେନ, ବାଲେଶ୍ୱର ଲାୟନ୍ସ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ବାଲେଶ୍ୱର ଲାୟନ୍ସକୁ ହରାଇ କେନ୍ଦ୍ରାପଡ଼ା କିଙ୍ଗସ ବିଜୟ ହୋଇଥିଲା। ବାଲେଶ୍ୱର ଲାୟନ୍ସ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୧୧୪ ରନର ବିଶାଳ ରନ୍ କରିଥିଲା। କେନ୍ଦ୍ରାପଡ଼ା କିଙ୍ଗସକୁ ବିଜୟ ପାଇଁ ୧୧୫ ରନ ଟାର୍ଗେଟ ଦେଇଥିଲା। ଫାଇନାଲ ମ୍ୟାଚରେ କେନ୍ଦ୍ରାପଡ଼ା କିଙ୍ଗସ ଏହି ଲକ୍ଷକୁ ମାତ୍ର ୯.୩ ଓଭରରେ କରି ବିଜୟ ହାସଲ କରିଥିଲେ। ଏଥିରେ ଜ୍ୟୋତିରଞ୍ଜନ ଦାସ ୭ଟି ଛକା ଓ ୪ଟି ଚୌକା ସର୍ବାଧିକ ୬୫ରନ ସଂଗ୍ରହ କରିଥିଲେ। ଏଥିଲାଗି ଜ୍ୟୋତିରଞ୍ଜନ ଦାସଙ୍କୁ ମ୍ୟାନ ଅଫ ଦ ମ୍ୟାଚ ଟ୍ରଫି ଦେବା ସହ ମ୍ୟାନ ଅଫ ଦି ସିରିଜ ଜୟ ପ୍ରକାଶ ନାୟକ, ବେଷ୍ଟ ବୋଲର ସତ୍ୟରଞ୍ଜନ ସାମଲ ଓ ବେଷ୍ଟ ବ୍ୟାଟ୍ସମ୍ୟାନ ଉତ୍ତମ ମହାନ୍ତିଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ବିଜୟୀ ଟିମକୁ ଅନୁଷ୍ଠାନର ସାଧାରଣ ସମ୍ପାଦକ ଟ୍ରଫି ପ୍ରଦାନ କରିଥିଲେ।

୪ର୍ଥ ଜାତୀୟ ନନ ଚାକୁ ପ୍ରତିଯୋଗିତା

୪୮ ପଦକ ସହ ତୃତୀୟ ସ୍ଥାନରେ ଓଡ଼ିଶା



ଭୁବନେଶ୍ୱର, ୨।୨ (ସଂଚାର ବ୍ୟୁରୋ): ନନ ଚାକୁ ଆସୋସିଏସନ୍ ଅଫ ଇଣ୍ଡିଆ ଆନୁକୂଲ୍ୟରେ ଉତ୍ତର ପ୍ରଦେଶର କାନପୁର ଠାରେ ୪ର୍ଥ ଜାତୀୟ ନନ ଚାକୁ ପ୍ରତିଯୋଗିତା ଜାନୁଆରୀ ୩୦ରୁ ଫେବୃଆରୀ ୧ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଯାଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୧୮ ଜଣ ପ୍ରତିଯୋଗୀ ପ୍ରବନ୍ଧକ ସନ୍ତୋଷ କୁମାର ମହାରଣାଙ୍କ ପ୍ରତ୍ୟକ୍ଷ ତତ୍ତାବଧାନରେ ଅଂଶଗ୍ରହଣ କରି ୧୨ ଟି ସ୍ୱର୍ଣ୍ଣ, ୧୨ଟି ରୌପ୍ୟ ଓ ୨୪ଟି କାଂସ୍ୟ ପଦକ ପାଇଛନ୍ତି। ରେଫରି ପରୀକ୍ଷାରେ ଦୀପକ କୁମାର ସାମନ୍ତରା ଓ ସପନ କୁମାର ମିଶ୍ର ଉତ୍ତୀର୍ଣ୍ଣ ହୋଇଥିବା ବେଳେ କୋଚ୍ ପରୀକ୍ଷାରେ ସୁବାସ ଚନ୍ଦ୍ର ଦଳାଇ, କ୍ରିଷ୍ଣା ଶିକାରୀ, ଗୋପାଳ ଚନ୍ଦ୍ର କହଁର, ରଞ୍ଜନ କୁମାର ପୃଷ୍ଟି, ବାଇଲୋଚନ୍ ମଲ୍ଲିକ ଓ ଆୟୁଷ ପ୍ରସାଦ ରଥ ଉତ୍ତୀର୍ଣ୍ଣ ହୋଇଛନ୍ତି । ଏସୀୟ ନନ ଚାକୁ ପ୍ରତିଯୋଗିତାରେ ପ୍ରଥମ ଥର ଓଡ଼ିଶାରୁ ଭାଗ ନେଇଥିବା ୫ ଜଣ ପ୍ରତିଯୋଗୀ ମୁକୁନ୍ଦ ବର୍ଦ୍ଧନ , କ୍ରିଷ୍ଣା ଶିକାରୀ, ସାନଭି ମିଶ୍ର , ଶୁଭମ୍ ଦଳାଇ ଓ ପ୍ରଜ୍ଞା ବର୍ଦ୍ଧନଙ୍କୁ ଟ୍ରାକ ସୁଟ୍ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଶା ନନ ଚାକୁ ସଂଘ ତରଫରୁ ଜାତୀୟ ନନ ଚାକୁ ସଂଘର ଚେୟାରମେନ, ଅଧକ୍ଷ, ସମ୍ପାଦକ, ଟେକ୍ନିକାଲ ଡାଇରେକ୍ଟର ଓ ସଂଯୋଜକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ପ୍ରତିଯୋଗିତାର ଉଦଯାପନୀ ଉତ୍ସବରେ ଜାତୀୟ ନନ ଚାକୁ ସଂଘର ସମ୍ପାଦକ ବାବୁଲ ବର୍ମା ପ୍ରତିଯୋଗୀ ମାନଙ୍କୁ ପଦକ ବିତରଣ କରିବା ସହ ଅଫିସିଆଲ୍ ମାନଙ୍କୁ ଫଳକ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସ୍ୱର୍ଣ୍ଣ ପଦକ ପାଇଥିବା ବିଜେତାମାନେ ହେଲେ ମୁକୁନ୍ଦ ବର୍ଦ୍ଧନ (୨), କ୍ରିଷ୍ଣା ଶିକାରୀ (୨), ସାନଭି ମିଶ୍ର (୨), ପ୍ରଜ୍ଞା ବର୍ଦ୍ଧନ ଗୋପାଳ ଚନ୍ଦ୍ର କହଁର, ଶୁଭମ୍ ଦଳାଇ, କୁନାଲ ପଟ୍ଟନାୟକ, ଅଭ୍ୟର୍ଥନା ବରାଳ ଓ କ୍ଷୀତିସ କୁମାର ଯାଦବ, ରୌପ୍ୟ ପଦକ ବିଜେତା ମାନେ ହେଲେ ଗୋପାଳ ଚନ୍ଦ୍ର କହଁର (୨), ମନୁଶ୍ରୀ ବରାଳ (୨), ପ୍ରଜ୍ଞା ବର୍ଦ୍ଧନ, ମୁକୁନ୍ଦ ବର୍ଦ୍ଧନ, ଆୟୁଷ ପ୍ରସାଦ ରଥ, ଶୁଭମ୍ ଦଳାଇ, କୁନାଲ ପଟ୍ଟନାୟକ, ଅଭର୍ଥାନ ବରାଳ, ଖିତିସ୍ କୁମାର ଯାଦବ ଓ ହରିହର ମହାପାତ୍ର, କାଂସ୍ୟ ପଦକ ବିଜେତା ମାନେ ହେଲେ ବାଇଲୋଚନ ମଲ୍ଲିକ(୩), ରଞ୍ଜନ କୁମାର ପୃଷ୍ଟି (୩), ଓମ୍ ସାଇ ପ୍ରସାଦ (୩), ଆରାଧନା ନାୟକ (୩), ପ୍ରିୟଂଶୁ ଶେଖର (୨), ପ୍ରଜ୍ଞା ବର୍ଦ୍ଧନ, କ୍ରିଷ୍ଣା ଶିକାରୀ, ଆୟୁଷ୍ମାନ ପୃଷ୍ଟି, ଆୟୁଷ ପ୍ରସାଦ ରଥ, ସାନଭି ମିଶ୍ର, ଶୁଭମ୍ ଦଳାଇ, ମନୁଶ୍ରୀ ବରାଳ, କୁନାଲ ପଟ୍ଟନାୟକ, ଅଭ୍ୟର୍ଥନା ବରାଳ ଓ ହରିହର ମହାପାତ୍ର। ଉତ୍ତୀର୍ଣ୍ଣ ପ୍ରତିଯୋଗୀମାନଙ୍କୁ ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ଡ. ହରି ପ୍ରସାଦ ପଟ୍ଟନାୟକ, ରାଜ୍ୟ କରାଟେ ସଂଘ ସମ୍ପାଦକ ଡ. ଗୌରୀ ମହାନ୍ତି, କରାଟେ ସ୍କୁଲର ବରିଷ୍ଠ ପ୍ରଶିକ୍ଷକମାନେ ଶୁଭେଚ୍ଛା ଜଣାଇଛନ୍ତି।

● ବାସୁଦେବ ଗୁଳିକାଣ୍ଡ ଘଟଣାର ପର୍ଦ୍ଦାଫାସ

ଖଣି ବେପାର ଥିଲା ମୁଖ୍ୟ କାରଣ, ୪ ଗିରଫ

ଖୋର୍ଦ୍ଧା, ୨।୨ (ସଂଚାର ବ୍ୟୁରୋ): ଗତ ଜାନୟାରୀ ୧୯ ତାରିଖରେ ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଥାନା ଅନ୍ତର୍ଗତ ଦଲକ-ସାମନ୍ତରାୟପୁର ରାସ୍ତା ଜାମୁସାହିରେ ଘଟିଥିବା ଯୋଜନାବଦ୍ଧ ଗୁଳିକାଣ୍ଡ ଘଟଣାର ଆଜି ଖୋର୍ଦ୍ଧା ପୁଲିସ ପର୍ଦ୍ଦାଫାଶ କରିଛି। ତେବେ ଘଟଣାରେ ଜଙ୍କିଆ ଥାନା ପୁଲିସ ଗୟାବନ୍ଧ ଗାଁର ମୁଖ୍ୟ ଅଭିଯୁକ୍ତଙ୍କ ସମେତ ମୋଟ୍ ଚାରିଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଅଜୟ ଭୁଜବଳ(୩୪), ଜ୍ଞାନରଞ୍ଜନ ପ୍ରଧାନ (୩୪), ମାନସ ସୁବୁଦ୍ଧି(୩୩), କାର୍ତିକ ଭୁଜବଳ। ଏହି ଗୁଳମାଡ଼ ଘଟଣାରେ ଅନେକ ଲୋକଙ୍କର ସମ୍ପୃକ୍ତି ରହିଥାଇପାରେ ବୋଲି ସୋମବାର ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଖୋର୍ଦ୍ଧା ଏସ୍ପି ବିବେକାନନ୍ଦ ଶର୍ମା ସୂଚନା ଦେଇଛନ୍ତି। ଏସ୍ପି ଶ୍ରୀ ଶର୍ମାଙ୍କ କହିବା ଅନୁଯାୟୀ, ଏହି ଗୁଳିମାଡ଼ ଘଟଣାରେ ଦେଉଳି ପଞ୍ଚାୟତ ଜାମୁସାହିର ବାସୁଦେବ ପରିଡ଼ା(୪୨) ଓରଫ୍ ଟୁଟୁଙ୍କର ପରିବାର ଓ ବରାଳ ପରିବାର ମଧ୍ୟରେ ଦୀର୍ଘଦିନ ହେଲା ଶତ୍ରୁତା ଲାଗି ରହିଥିଲା। ତେବେ ବରାଳ ପରିବାରର ଜଣେ ବୃଦ୍ଧ ଲୋକଙ୍କୁ ଅତୀତରେ ପରିଡ଼ା ପରିବାର ଲୋକେ ଆକ୍ରମଣ କରିଥିଲେ। ପରେ ପୂର୍ବ ଶତ୍ରୁତା କୁହୁଳି କୁହୁଳି ଉଗ୍ରରୂପ ନେଇଥିଲା। ପରେ ବାସୁଦେବ ସନ୍ଧ୍ୟାରେ ଫେରୁଥିବା ବେଳେ ଚାରିଜଣ ଅଭିଯୁକ୍ତ ଦୁଇଟି ଗାଡ଼ିରେ ଆସି ବାସୁଦେବଙ୍କ ଉପରକୁ ଆଖିବୁଜା ଗୁଳି କରିଥିଲେ।

● ଓକିଲଙ୍କୁ ମାଡ଼ ମାରିଥିବା ଅଭିଯୋଗ

ଟାଉନ ଥାନା ଅଧିକାରୀଙ୍କ ନାମରେ ଏତଲା

ଜୟପୁର, ୨।୨ (ସଂଚାର ବ୍ୟୁରୋ): ଜଣେ ଓକିଲକୁ ଲହୁଲୁହାଣ କରି ଟାଉନଥାନା ଅଧିକାରୀ ଉଲ୍ଲାସ ରାଉତ ମାଡ଼ ମାରିଥିବା ନେଇ ରାଜ୍ୟ ବାର କାଉନସିଲ ପକ୍ଷରୁ ଏସପିଙ୍କୁ ଏକ ଏତଲା ଦିଆଯାଇଛି। ଜିଲ୍ଲା ନ୍ୟାୟାଳୟରେ କାର୍ଯ୍ୟରତ ଓକିଲ ଜି ରାଜଶେଖରଙ୍କୁ ଗତ ଜାନୁଆରି ୨୮ ରେ ଜୟପୁର ଥାନା ଅଧିକାରୀ ଉଲ୍ଲାସ ରାଉତ, ଏସଆଇ ଭାରତ ବେହେରା ଓ ୭ରୁ ୮ଜଣ କାର୍ଯ୍ୟରତ ପୁଲିସ କର୍ମଚାରୀ ମାଡମାରିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିବା ନେଇ ଏକ ଲିଖିତ ଅଭିଯୋଗ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଓ ଉପଖଣ୍ଡ ପୁଲିସ ଅଧିକରୀଙ୍କୁ ଦିଆଯାଇଛି। ଅଭିଯୋଗ ପତ୍ରରେ ରାଜଶେଖର ଉଲ୍ଲେଖ କରିଛନ୍ତି ଯେ, ଗତ ଜାନୁଆରି ୨୪ ତାରିଖରେ ନିଜ ଭାଇ ସହ ସାମାନ୍ୟ ବଚସା ପରେ ଆହତ ହୋଇ ଥାନାକୁ ଏତଲା ଦେବାକୁ ଯାଇଥିବା ବେଳେ ସେଠାରେ କାର୍ଯ୍ୟରତ ଥିବା ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ଏଏସଆଇ ଭରତ ବେହେରା ଓ ୭ରୁ ୮ଜଣ ପୁଲିସ କର୍ମଚାରୀ ଲାତ ଗୋଇଠା ମାରିବା ସହ ଅଣ୍ଟାରେ ପିନ୍ଧିଥିବା ବେଲ୍ଟ ସାହାର୍ଯ୍ୟରେ ଅସଭ୍ୟ ଭାଷା କହି ମାଡ ମାରିଥିଲେ। ତାଙ୍କ ଶରୀରର ବିଭିନ୍ନ ଅଙ୍ଗରେ ଆଘାତ ଲାଗିଥିବା ଯୋଗୁଁ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ ଓ ପରେ ଟାଉନଥାନା ଅଧିକାରୀ ଓ ପୁଲିସ କର୍ମଚାରୀଙ୍କ ବିରୁଦ୍ଧରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାଟି ବାର କାଉନସିଲକୁ ଯିବା ପରେ ଆଜି ବାର କାଉନସିଲ ସଭାପତି ସରୋଜ ଦାସ ଓ ସମ୍ପାଦକ ସଚ୍ଚିଦାନନ୍ଦ ମିଶ୍ର ଘୋର ନିନ୍ଦା କରିଛନ୍ତି। ଓଡିଶା ରାଜ୍ୟ ବାର କାଉନସିଲ ପକ୍ଷରୁ ଥାନା ଅଧିକାରୀ ଉଲ୍ଲାସ ରାଉତଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଏସପିଙ୍କ ନିକଟରେ ଏତଲା ଦିଆଯାଇଛି।

ଓଡ଼ିଶା ଡିସ୍‌କମ ଏବଂ କିଟ୍ ବିଶ୍ୱବିଦ୍ୟାଳୟର ସହଭାଗିତାରେ

'ୱାର୍କ ଇଣ୍ଟିଗ୍ରେଟେଡ୍ ଲର୍ଣ୍ଣିଂ ପ୍ରୋଗ୍ରାମ'ର ଶୁଭାରମ୍ଭ



ଭୁବନେଶ୍ୱର, ୨।୨ (ସଂଚାର ବ୍ୟୁରୋ): ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସକମଗୁଡିକ କିଟ୍ ବିଶ୍ୱବିଦ୍ୟାଳୟ ସହଯୋଗରେ ନିଜର କର୍ମଚାରୀମାନଙ୍କ ପାଇଁ 'ୱାର୍କ ଇଣ୍ଟିଗ୍ରେଟେଡ୍ ଲର୍ଣ୍ଣିଂ ପ୍ରୋଗ୍ରାମ' ର ଶୁଭାରମ୍ଭ କରିଛି। ଏହି

୩୧ ଜାନୁଆରୀରେ ପ୍ରଥମ ବ୍ୟାଚ୍‌ର ପାଠ୍ୟକ୍ରମ ଆରମ୍ଭ

କାର୍ଯ୍ୟକ୍ରମଟି ଇଲେକ୍ଟ୍ରିକାଲ୍‌ରେ ଡିପ୍ଲୋମା କରିଥିବା କର୍ମଚାରୀମାନେ ନିଜର ଚାକିରି ବଜାୟ ରଖିବା ସହିତ ଇଲେକ୍ଟ୍ରିକାଲ୍‌ରେ ବି.ଟେକ୍ କରିବା ପାଇଁ ସହାୟତା କରିବାକୁ ପ୍ରସ୍ତୁତ କରାଯାଇଛି। ଏହି ପଦକ୍ଷେପ ଟାଟା ପାୱାର ପରିଚାଳିତ ଓଡ଼ିଶା ଡିସକମ ଗୁଡିକର କାର୍ଯ୍ୟକ୍ଷମତା ବୃଦ୍ଧି ଏବଂ ସମଗ୍ର ପରିଚାଳନା କ୍ଷେତ୍ରରେ ବୈଷୟିକ ଜ୍ଞାନକୌଶଳକୁ ସୁଦୃଢ଼ କରିବା ଉପରେ ରହିଥିବା ଗୁରୁତ୍ୱକୁ ପ୍ରତିଫଳିତ କରୁଛି। ଏହି କାର୍ଯ୍ୟକ୍ରମ ପ୍ରତି ପ୍ରତିକ୍ରିୟା ଅତ୍ୟନ୍ତ ଉତ୍ସାହଜନକ ରହିଛି ଏବଂ ଚାରୋଟିଯାକ ଡ଼ିସକମର କର୍ମଚାରୀଙ୍କଠାରୁ ପ୍ରବଳ ଆଗ୍ରହ ପ୍ରକାଶ ପାଇଛି। ଏକ କଠୋର ଚୟନ ପ୍ରକ୍ରିୟା ପରେ ମୋଟ ୮୦ ଜଣ ଅଂଶଗ୍ରହଣକାରୀଙ୍କୁ ବୃତ୍ତାନ୍ତ କରାଯାଇଛି, ଯେଉଁଥିରେ ପ୍ରତ୍ୟେକ ଡ଼ିସକମରୁ ସମାନ ପ୍ରତିନିଧିତ୍ୱ ରହିଛି, ଯାହାକି ସମସ୍ତ ସେବାଯୋଗାଣ ଅଞ୍ଚଳରେ ସନ୍ତୁଳିତ ଦକ୍ଷତା ବିକାଶକୁ ସୁନିଶ୍ଚିତ କରୁଛି।

ନିଜର ଶୈକ୍ଷିକ ଯାତ୍ରା ଆରମ୍ଭ କରିଥିବା ଏହି ପ୍ରଥମ ବ୍ୟାଚ୍, ଡ଼ିସକମ ଗୁଡିକର ମାନବ ସମ୍ବଳ ବିକାଶ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ଥାପନ କରିଛି। ଏହି ୱାର୍କ ଇଣ୍ଟିଗ୍ରେଟେଡ୍ ଲର୍ଣ୍ଣିଂ ପ୍ରୋଗ୍ରାମଟି ଶ୍ରେଣୀଗୃହ ଶିକ୍ଷା ସହିତ ବିଦ୍ୟୁତ ସେବା କ୍ଷେତ୍ରର ବାସ୍ତବ ଅଭିଜ୍ଞତାକୁ ମିଶ୍ରଣ କରି ତିଆରି କରାଯାଇଛି। ଏହା ଅଂଶଗ୍ରହଣକାରୀମାନଙ୍କୁ ଶ୍ରେଣୀଗୃହର ଶିକ୍ଷାକୁ ସିଧାସଳଖ ଫିଲ୍ଡ ଅପରେସନ୍, ନେଟୱାର୍କ ମ୍ୟାନେଜମେଣ୍ଟ, ସୁରକ୍ଷା ନିୟମାବଳୀ ଏବଂ ନୂତନ ଡିଜିଟାଲ ବିତରଣ ପ୍ରଯୁକ୍ତିବିଦ୍ୟାରେ ପ୍ରୟୋଗ କରିପାରିବେ।

ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ କିଟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସରଣଜିତ ସିଂ, କିଟର ପ୍ରତିନିଧିମଣ୍ଡଳୀ, ଡଃ ରଣବୀର ଚକ୍ରବର୍ତ୍ତୀ ଚିଫ ବିଜନେସ ଏଚଆର, ଅରଭିନ୍ଦ ସିଂ, ସିଇଓ, ଟିପିସିଓଡିଏଲ, ଓଡିଶା ଡ଼ିସକମ ଗୁଡିକର ଚିଫ ବିଜନେସ ଏଚଆର ଶ୍ୟାମସୁନ୍ଦର ଚୌଧୁରୀ, ଟିପିସିଓଡିଏଲର ଏଚଆର ହେଡ କେ. ରବି ଆଚାରୀ ଏବଂ ରମେନ୍ଦ୍ର ବଣିକ, ଟିପିଏନଓଡିଏଲର ହେଡ ଏଚଆର, ଆଇଆର, ଇଏସ ଏବଂ ଆଡମିନ୍ ପ୍ରମୁଖ ଉପସ୍ଥିତ ଥିଲେ।

ନଦୀରୁ ବ୍ୟବସାୟୀଙ୍କ ମୃତଦେହ ଉଦ୍ଧାର

କୋଲକାତା, ୨।୨ (ସଂଚାର ବ୍ୟୁରୋ): ଦୁଇଦିନ ଧରି ନିଖୋଜ ରହିବା ପରେ ବ୍ୟବସାୟୀଙ୍କ ମୃତଦେହ ଉଦ୍ଧାର ହୋଇଛି। ଘଟଣାଟି ଆଲିପୁରଦୁଆରରେ ଘଟିଛି। ସୂତନା ଅନୁଯାୟୀ, ଶାମୁକତଲାର କାର୍ତିକା ଅଞ୍ଚଳର ବାସିନ୍ଦା କୁଦ୍ଦୁସ୍ ଅନସାରୀ ଗତ ଦୁଇ ଦିନ ଧରି ନିଖୋଜ ଥିଲେ। ରବିବାର, ଆଲିପୁରଦୁଆର ସହର ସଂଲଗ୍ନ ପଳାଶବାଡି ନିକଟ କାଲଜାନି ନଦୀରୁ ବ୍ୟବସାୟୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏହି ଘଟଣାକୁ ନେଇ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ପୁଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ହସ୍ପିଟାଲକୁ ପଠାଇଛି। ମୃତକଙ୍କ ପୁଅ ଏବଂ ପରିବାର ଆଲିପୁରଦୁଆରରେ ରହୁଛନ୍ତି।

ଦୁଷ୍କର୍ମ ଅଭିଯୋଗରେ ମଦ ଦୋକାନ ମାଲିକ ଗିରଫ

କୋଲକାତା, ୨।୨ (ସଂଚାର ବ୍ୟୁରୋ): ରବିବାର ଚାଟାର୍ଜୀ ହାଟ ଅଞ୍ଚଳରେ ଜଣେ ସ୍କୁଲ ଛାତ୍ରୀଙ୍କୁ ରାସ୍ତାରେ ଦୁଷ୍କର୍ମକୁ କରାଯାଇଛି। ଏକ ମଦ ଦୋକାନର ମାଲିକ ବାଇକ୍ ଯୋଗେ ଆସି ଛାତ୍ରୀକୁ ଦୁଷ୍କର୍ମ କରିଥିଲେ। ଯୁବକ ଜଣକ କେବଳ ଗୋଟିଏ ଦିନ ନୁହେଁ ଲଗାତାର ଦୁଇଦିନ ଧରି ସମାନ ଭାବରେ ଯୁବତୀ ଏବଂ ଜଣେ ମହିଳାଙ୍କୁ ହଇରାଣ କରିଥିବାରୁ ସ୍ଥାନୀୟ ଲୋକମାନେ କେବଳ କ୍ରୋଧିତ ନୁହଁନ୍ତି ବରଂ ଭୟଭୀତ ମଧ୍ୟ ହୋଇଥିଲେ। ଶେଷରେ, ସିସି ଟିଭି ଫୁଟେଜ୍ ଆଧାରରେ ଅପରାହ୍ନରେ ଉତ୍ତ୍ୟକ୍ତ ଲୋକମାନେ ଅଭିଯୁକ୍ତକୁ ଧରି ପୁଲିସକୁ ହସ୍ତାନ୍ତର କରିଥିଲେ। ଗିରଫ ବ୍ୟକ୍ତିଙ୍କ ନାମ ରାଜପ୍ରିୟ ସାହା।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଓଡ଼ିଶାରେ...

ସହ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିବେ। ରାଷ୍ଟ୍ରପତିଙ୍କ ଗସ୍ତକୁ ନଜରରେ ରାଜ୍ୟ ଓ ଜିଲ୍ଲା ପ୍ରଶାସନ, ରାଜ୍ୟ ଓ ଜିଲ୍ଲା ପୁଲିସ ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ବିଶେଷକରି ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ପୁରୀ ଏସପି ପ୍ରତୀକ ସିଂ ଆଜି ତ୍ୱରିତ କ୍ଷେତ୍ର ପରିଦର୍ଶନ କରି ପୁଲିସ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିଛନ୍ତି। ଆଜି ପୂର୍ବାହ୍ନରେ ରିଜର୍ଭ ପୁଲିସ ପଡ଼ିଆରେ ବରିଷ୍ଠ ପୁଲିସ ଅଧିକାରୀମାନଙ୍କୁ କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ ନାୟକ ପରାମର୍ଶ ଦେବା ସହ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଶ୍ରୀକ୍ଷେତ୍ରର ଚାରି ଦିଗକୁ ପୁଲିସ ବଳୟରେ ରଖାଯିବ। ମଙ୍ଗଳାଘାଟ, ହରେକୃଷ୍ଣପୁର ଛକ, ଭୂତାନ ଛକ ଓ ସମୁଦ୍ରକୂଳ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ସେହିପରି ରାଷ୍ଟ୍ରପତି ପୁରୀରେ ଅବତରଣ କରିବା ପରେ ହେଲିପ୍ୟାଡ୍‌କୁ ଚାରିପଟେ ବନ୍ଧୁକଧାରୀ ପୁଲିସ ଜଗିବେ। ଶ୍ୱେତଗଙ୍ଗା ଚାରିପଟ ଉଚ୍ଚ ଅଟ୍ଟାଳିକାରେ ମଧ୍ୟ ବନ୍ଧୁକଧାରୀ ପୁଲିସ ଦୂରବୀକ୍ଷଣ ଯନ୍ତ୍ର ସହ ଜଗି ରହିବେ। ଶ୍ରୀମନ୍ଦିର ଭିତରେ ଓ ବାହାରେ ବ୍ୟାପକ ପରିମାଣର ପୁଲିସ ମୁତୟନ ରହିବେ। ୪ ତାରିଖ ସକାଳ ୬ଟାରୁ ସାଢ଼େ ୮ଟା ପର୍ଯ୍ୟନ୍ତ ସାଧାରଣ ଭକ୍ତ ଦର୍ଶନ ବନ୍ଦ ରହିବ। ରାଷ୍ଟ୍ରପତି ଶ୍ରୀମନ୍ଦିରରୁ ଦର୍ଶନ ସାରି ଫେରିବା ପରେ ଶ୍ରଦ୍ଧାଳୁମାନେ ଦର୍ଶନ କରିପାରିବେ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। କେନ୍ଦ୍ରାଞ୍ଚଳ ଆଇଜି କହିଛନ୍ତି ଯେ ପୁରୀକୁ କଣ୍ଟ୍ରେହେନସିଭ ମଲଟି ଲେୟାର ସୁରକ୍ଷା ବ୍ୟବସ୍ଥା କରାଯାଇଛି। ୩୦ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହେବେ। ୬ ଜଣ ଏସପି, ୮ ଜଣ ଅତିରିକ୍ତ ଏସପି, ୨୫ ଜଣ ଡିଏସି, ୧୦୦ ଜଣ ଇନ୍ସପେକ୍ଟର ଓ ସବଇନ୍ସପେକ୍ଟର ଦାୟିତ୍ୱରେ ରହିଛନ୍ତି। ମେଡିକାଲ ଛକଠାରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ନୋ-ଭେହିକଲ୍ ଜୋନ କରାଯାଇଛି। ଟ୍ରାଫିକ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିବା ବେଳେ ୪ ତାରିଖ ସକାଳ ପାଇଁ ଶ୍ରୀମନ୍ଦିର ଭିତରେ ପାଳିଆ ସେବକଙ୍କୁ ସ୍ୱତନ୍ତ୍ର ପାସ୍ ଦିଆଯାଇଛି। ଏହାଛଡ଼ା ବଡ଼ଦାଣ୍ଡରେ ଫିକ୍ସି ଷ୍ଟିଲ ବ୍ୟାରିକେଡ କରାଯାଇଛି। ୩ ଓ ୪ ତାରିଖ ଦିନ ମେଡିକାଲ ଛକରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ବଡ଼ଦାଣ୍ଡରେ ଦୁଇ ପାର୍ଶ୍ୱରେ ଦୋକାନ ବନ୍ଦ ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

ଖୁବ୍‌ଶୀଘ୍ର...

ନେତୃବୃନ୍ଦଙ୍କ ଦାବି ଅନୁଯାୟୀ ସମସ୍ତ ବ୍ଲକରେ ଖୁବ୍‌ଶୀଘ୍ର ଇନ୍‌ଡୋର୍ ଷ୍ଟାଡିୟମ୍ କାମ ଆରମ୍ଭ ହେବ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ବ୍ୟବସ୍ଥାର ସୁଦୃଢ଼ୀକରଣ ହେବ ଓ ରାୟଗଡ଼ାରେ ମେଡିକାଲ କଲେଜ୍ ସ୍ଥାପନ ପ୍ରସ୍ତାବ ସରକାରଙ୍କ ବିଚାରାଧୀନ ରହିଛି ବୋଲି ମୁଖ୍ୟମନ

ଗଞ୍ଜେଇ ଚାଲାଣ ମାମଲାରେ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ନବରଙ୍ଗପୁର,୨।୨ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ମାନ୍ୟବର ବିଚାରପତି ବିଷ୍ଣୁ ପ୍ରସାଦ ମିଶ୍ର ଏକ ଘଟଣାର ବିଚାରଣା କରି ସାକ୍ଷ୍ୟ ପ୍ରମାଣ ଅଭାବରୁ ୨ ଜଣ ଅଭିଯୁକ୍ତ ଉର୍ଦ୍ଧବ ଖିଲ ଓ ନର୍ମଦା ଦାଶକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସୂଚନା ଅନୁଯାୟୀ, ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପାପଡାହାଣ୍ଡି ପୁଲିସ ଗତ ୨୭.୦୪.୨୦୨୧ ତାରିଖ ଦିନ କୋରାପୁଟ ଜିଲ୍ଲାର ପାଡୁଆ ଅଞ୍ଚଳରୁ କଳାହାଣ୍ଡି ଜିଲ୍ଲାର ଆମପାଣିକୁ ଗଞ୍ଜେଇ ଚାଲାଣ କରୁଥିବାର ସୂଚନା ପାଇ ଏକ ଧଳା ରଙ୍ଗର ହୁଣ୍ଡାଇ ସାନଟ୍ରୋ କାରକୁ ମୈଦଲପୁର ପୋଲିସ ଫାଣ୍ଡି ନିକଟରେ ଅଟକାଇ ଯାଞ୍ଚ୍ କରିବା ପରେ ସେଥିରୁ ୨୫.୮୦୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ପାପଡାହାଣ୍ଡି ପୋଲିସ ଦୁଇଜଣ ଅଭିଯୁକ୍ତ ଉର୍ଦ୍ଧବ ଖିଲ ଓ ନର୍ମଦା ଦାଶଙ୍କ ନାମରେ ପାପଡାହାଣ୍ଡି ଥାନା କେସ ନମ୍ବର ୫୯/୨୦୨୧ରେ ଏକ ମାମଲା ରୁଜୁ କରି ଗିରଫ କରିବା ସହ କୋର୍ଟ ଚାଲାଣ କରିଥିଲେ । ସମସ୍ତ ୨୦ ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ମାନ୍ୟବର ବିଚାରପତି ବିଷ୍ଣୁ ପ୍ରସାଦ ମିଶ୍ର ଅଭିଯୁକ୍ତ ଅଭିଯୁକ୍ତ ଉର୍ଦ୍ଧବ ଖିଲ ଓ ନର୍ମଦା ଦାଶକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

ଭାଲୁ ଆକ୍ରମଣରେ ଯୁବକ ଗୁରୁତର

ନୀଳଗିରି,୨।୨ (ସଂଚାର ବ୍ୟୁରୋ): ଐପଦା ବ୍ଲକ ଶ୍ୟାମସୁନ୍ଦରପୁର ଗ୍ରାମପଞ୍ଚାୟତର ସାବୁଜାପୁର ଗ୍ରାମର ଜୈନିକ ଯୁବକ ବିଳମ୍ବିତ ରାତିରେ ଯାତ୍ରା ଦେଖି ଘରକୁ ଫେରୁଥିବା ବେଳେ ଭାଲୁ ଆକ୍ରମଣରେ ଗୁରୁତର ଆହତ ହୋଇ ହସ୍ପିଟାଲରେ ମୃତ୍ୟୁ ସହ ଲଢୁଛନ୍ତି। ନୀଳଗିରି ଥାନା ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଂଚାୟତ, ସାବୁଜାପୁର ଗ୍ରାମର ବାବୁଲି ବେହେରା (୫୫) ଗତକାଲି ବିଳମ୍ବିତ ରାତ୍ରି ପ୍ରାୟ ୧୧ଟା ବେଳେ ଶ୍ରୀଦେଇପୁର ଗ୍ରାମରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖି ଘରକୁ ଫେରୁଥିବା ବେଳେ ଭାଲୁ ଆକ୍ରମଣର ଶିକାର ହୋଇଥିଲେ। ଭାଲୁ ଆକ୍ରମଣରେ ତାଙ୍କ ମୁଣ୍ଡ, ଖପୁରି, ଦେହର ଅଧିକାଂଶ ସ୍ଥାନରେ ଭାଲୁ ଆଖୁଡ଼ି ଲହୁଲୁହାଣ କରିଦେଇଥିବା ଯୋଗୁଁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଗ୍ରାମବାସୀ ବାବୁଲିଙ୍କୁ ଭାଲୁ କବଳରୁ ଉଦ୍ଧାର କରି ପ୍ରଥମେ ନୀଳଗିରି ମେଡିକାଲରେ ଭର୍ତ୍ତି କରିଥିଲେ। ତାଙ୍କର ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ବନବିଭାଗ ଅଧିକାରୀଙ୍କୁ ବାବୁଲି ଚିକିତ୍ସା ପାଇଁ ଆର୍ଥିକ ସହଯୋଗ କରିବାକୁ ସାଧାରଣରେ ଦାବି ହେଉଛି ।

ଚୋରଙ୍କୁ ଧରି ପୁଲିସ ଜିମା ଦେଲେ ଗ୍ରାମବାସୀ

ପାରାଦୀପ, ୨।୨ (ସଂଚାର ବ୍ୟୁରୋ): ଗାଁରେ ବୁଲିଲା ଡାକବାଜୀ ଯନ୍ତ୍ର। ଯିଏ ଚୋରି କରିଛି ତାଙ୍କ ପରିବାରଙ୍କୁ ଗାଁରେ ରଖାଇ ଦିଆଯିବ ନାହିଁ। ତେଣୁ ସମସ୍ତେ ଗାଁ ମନ୍ଦିରରେ ଏକାଠି ହୁଅନ୍ତୁ। ଏହାକୁ ଶୁଣିଲା ପରେ ଚୋରମାନେ ନିଜେ ନିଜେ ସବୁକଥା ମାନି ନେଇଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଥାନା ଅଧିନ ହସିଣା ଗ୍ରାମରେ। ଦୀର୍ଘ ଏକମାସ ଧରି କୁଜଙ୍ଗ ଥାନା ହସିଣା ଗ୍ରାମରେ ବିଳମ୍ବିତ ରାତିରେ ବାରମ୍ବାର ବିଭିନ୍ନ ଘରୁ ଚୋରି ହୋଇଥିବା ଅଭିଯୋଗ ହୋଇ ଆସୁଥିଲା। ଏନେଇ ଗ୍ରାମବାସୀମାନେ ଚିନ୍ତାରେ ଥିବାବେଳେ ଗତକାଲି ରାତିରେ ହସିଣା ଗ୍ରାମର ୧୦ଜଣଙ୍କ ଘରୁ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିଲା। ଏନେଇ ଚୋରିରେ ସାମିଲ ଥିବା ବ୍ୟକ୍ତି ମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଗ୍ରାମବାସୀମାନେ ଡ଼ାକବାଜି ଯନ୍ତ୍ର ଦ୍ୱାରା ଚେତାବନୀ ଦେଇଥିଲେ। ଚୋରିରେ ସାମିଲ ଥିବା ପରିବାରଙ୍କୁ ଗ୍ରାମରେ ରଖାଇ ନଦେବା ପାଇଁ ଚେତାବନୀ ଦିଆଯାଇଥିଲା। ଏହା ଜାଣିବା ମାତ୍ରେ ସେହି ଗ୍ରାମର ୩ଜଣ ଯୁବକ ନିଜ ଆଡୁ ସମସ୍ତ କଥା ମାନି ଯାଇଥିଲେ। ଗ୍ରାମବାସୀମାନେ ଏ ସଂକ୍ରାନ୍ତରେ ପୁଲିସକୁ ଖବର ଦେବାପରେ ଘଟଣା ସ୍ଥଳରେ କୁଜଙ୍ଗ ପୋଲିସ ପହଞ୍ଚି ୩ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ଚୋରି ହୋଇଥିବା ବିଭିନ୍ନ ସାମଗ୍ରୀ ଜବତ କରି ତଦନ୍ତ ଚଳାଇଛି।

ପଇଡ଼ ବୋଝେଇ ଟ୍ରକରୁ ୧୯୧ କେଜି ଗଞ୍ଜେଇ ଜବତ



ଫୁଲବାଣୀ, ୨।୨ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ପୁଲିସକୁ ମିଳୁଛି ବଡ଼ ସଫଳତା। ବାଲିଗୁଡ଼ାରୁ ପଶ୍ଚିମବଙ୍ଗ ରାଜ୍ୟକୁ ଚାଲାଣ ହେଉଥିବା ପଇଡ଼ ବୋଝେଇ ଆଇଚର ଟ୍ରକରୁ ଜବତ କରିଛନ୍ତି ୧୯୧ କେଜି ଗଞ୍ଜେଇ। ସୂଚନା ଅନୁଯାଇ ବିଶେଷ ସୂତ୍ରରୁ ଖବର ପାଇ ବାଲିଗୁଡ଼ା ଥାନ ଆଇ ଆଇସି ଶିବରାଜ ସିଂଘାଙ୍କ ନେତୃତ୍ୱରେ ବାରଖମା ଫାଣ୍ଡି ଅଧିକାରୀ ଅମରେନ୍ଦ୍ର ସୁବୁଦ୍ଧି ଶୁଦ୍ରା ଘାଟିରେ ପେଟ୍ରୋଲିଂ କରୁଥିବାବେଳେ ଦ୍ରୁତ ଗତିରେ ଯାଉଥିବା ପଇଡ଼ ବୋଝେଇ ଟ୍ରକକୁ ପିଛା କରିଥିଲେ । ଟ୍ରକ ଡ୍ରାଇଭର ରାସ୍ତା ମଝିରେ ଟ୍ରକଟିକୁ ଛାଡି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ ପୋଲିସ ପଇଡ଼ ବୋଝେଇ ଟ୍ରକକୁ ଯାଞ୍ଚ ବଳେ ଟ୍ରକ ଭିତରୁ ୧୯୧ କେଜି ଗଞ୍ଜେଇ ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୧୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ଥାନାରେ ଏକ୍ ମାମଲା ରୁଜୁ କରିବା ସହ ଅଧିକ ତଦନ୍ତ ଚାଲିଥିବା ପୁଲିସ ସୂଚନା ଦେଇଛନ୍ତି।

ବେଲଘର ହାତୀ ମୃତ୍ୟୁ ଘଟଣାରେ ଡ୍ରାଇଭର ଓ ଶିକାରି ଗିରଫ



ଫୁଲବାଣୀ, ୨।୨ (ସଂଚାର ବ୍ୟୁରୋ): ବହୁ ଚର୍ଚ୍ଚିତ କନ୍ଧମାଳ ଜିଲ୍ଲା ବେଲଘର ହାତୀ ମୃତ୍ୟୁ ଘଟଣାରେ ଆଉ ୨ ଜଣ ଗିରଫ । ଜେସିବି ଡ୍ରାଇଭର ପ୍ରଶାନ୍ତ ସାହୁ ଓ ଝିରିପାଣି ଗ୍ରାମର ଶିକାରୀ ଜୟମଙ୍ଗଳ ପାତ୍ରକୁ ଗିରଫ କରିଛି ବନ ବିଭାଗ । ଜୟମଙ୍ଗଳ ଘରୁ ତାର ଓ ଗୋଟିଏ ଦେଶୀ ବନ୍ଧୁକ ଜବତ ହୋଇଥିବା ଜଣାପଡ଼ିଛି । ବେଲଘର ହାତୀ ମୃତ୍ୟୁ ଘଟଣାକୁ ଚପାଇ ଦେବା ଘଟଣାକୁ ନେଇ ସାରା ରାଜ୍ୟରେ ଚର୍ଚ୍ଚା ଯୋର୍ ଧରିଥିଲା । ଘଟଣା ସାମ୍ନାକୁ ଆସିବା ପରେ ପ୍ରଥମେ ବେଲଘର ଡେପୁଟି ରେଞ୍ଜର ବିନୟ କୁମାର ବିଶିଙ୍କୁ ନିଲମ୍ବନ କରାଯିବା ପରେ ତାଙ୍କ ଡ୍ରାଇଭର ହୃଷିକେଶ ପଣ୍ଡାକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ତଦନ୍ତରେ ଅବହେଳା ଯୋଗୁଁ ଗତକାଲି ଏସିଓଏଏଫ୍ ସୂର୍ଯ୍ୟକାନ୍ତ ବେହେରାଙ୍କୁ ନିଲମ୍ବନ କରିବା ସହ ଘଟଣାରେ ସଂପୃକ୍ତ ଜେସିବି ଡ୍ରାଇଭର ପ୍ରଶାନ୍ତ ଓ ଶିକାରୀ ଜୟମଙ୍ଗଳକୁ ଗିରଫ କରିଛି ବନ ବିଭାଗ ।

ଗୁଟଖା, ପାନ ମସଲା ବ୍ୟାନ ଏମିତି

ମିଳୁଛି, ହେଲେ ୫ଟଙ୍କାର ପୁଡ଼ିଆ ୭ଟଙ୍କାରେ

କାକଟପୁର/ଅସ୍ତରଙ୍ଗ,୨।୨ (ସଂଚାର ବ୍ୟୁରୋ): ସାଧାରଣତଃ ଗୁଟଖା ପାଉଚ ଗୋଟାକ ୫ଟଙ୍କାରେ ମିଳୁଥିଲା। ଏବେ ସମାନ ପାଉଚ ୩ଟାକୁ ୨୦ଟଙ୍କାରେ ବିକ୍ରି ହେଉଛି। ସେହିଭଳି ୧୦ଟଙ୍କାରେ ୬ଟା ପାନ ମସଲା ପୁଡିଆ ହେଉଥିଲା। ଏବେ ଦୁଇଟା କମିଯାଇଛି। ୧୦ଟଙ୍କାରେ ୪ଟି ଦେଉଛନ୍ତି ଦୋକାନୀ। ସପ୍ତାହେ ପୂର୍ବରୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଗୁଟଖା ଓ ପାନ ମସଲା ଉତ୍ପାଦ ଓଡିଶାରେ ବିକ୍ରି ନିଷେଧ କରିବା ପରେ ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଅଂଚଳରେ ଏ ଅବସ୍ଥା ଦେଖାଦେଇଛି।

ମହତ ଉଦ୍ଦେଶ୍ୟ ନେଇ ସରକାର ନିଷେଧାଦେଶ ଜାରୀ କରିଥିବା ବେଳେ ଏହି ଉତ୍ପାଦକୁ ନେଇ ଏବେ କଳାବଜାରୀ ଆରମ୍ଭ ହୋଇଯାଇଛି। ଖାଲି ଫରକ ଏତିକି, ଆଗରୁ ଦୋକାନରେ ଝୁଲାଇ ରଖୁଥିଲେ, ଏବେ ଲୁଚାଇ ରଖି କାରବାର କରୁଛନ୍ତି। ଅର୍ଥାତ ଗୁଟଖା, ପାନ ମସଲା ପୁଡିଆର ଉତ୍ପାଦନ, ବଜାରୀକରଣ ଉପରେ ବ୍ୟାନର



କାହା ପକେଟକୁ ଯାଉଛି ୨ ଟଙ୍କା ?

କୌଣସି ପ୍ରଭାବ ପଡୁନି। ଅନ୍ୟ ପଟେ ବ୍ୟାନବିଜ୍ଞପ୍ତି ପରେ ଗୁଟଖା ଓ ପାନ ମସଲା ପାଇଁ ଗ୍ରାହକ ଦେଉଥିବା ଅତିରିକ୍ତ ୨ରୁ ୩ଟଙ୍କା କାହା ପକେଟକୁ ଯାଉଛି ବୋଲି ପ୍ରଶ୍ନ ଉଠିଲାଣି।

ସରକାର ଘୋଷଣା କରିବା ଏବଂ ଏହାର କାର୍ଯ୍ୟକାରିତାରେ ଆକାଶ ପାତାଳ ଫରକ ଦେଖିବାକୁ ମିଳିଛି। କଂମ୍ପାନୀ ତିଆରି ଗୁଟଖାକୁ ବାଦ ଦେଲେ ମଧ୍ୟ ପୁରୀ ଜିଲ୍ଲାର ଅସ୍ତରଙ୍ଗ ଓ କାକଟପୁର ବଜାରରେ ବିପୁଳ ତମାଖୁଯୁକ୍ତ ପାନ ମସଲା ବିକ୍ରି ହେଉଛି। ଅସ୍ତରଙ୍ଗ, କାକଟପୁର ଅଞ୍ଚଳବାସୀ ଏହାର ମୁଖ୍ୟ ଉପଭୋକ୍ତା। ସରକାରଙ୍କ ନିଷେଧାଦେଶ ସତ୍ତ୍ୱେ ଏହାର କଳାବଜାର ପାଇଁ ବାଟ ଖୋଲି ଯାଇଛି। ନାମୀ କଂମ୍ପାନୀର ଗୁଟଖା ଓ ପାନ ମସଲା ଭଳି ସ୍ଥାନୀୟ ଉତ୍ପାଦନ ମୂଲ୍ୟ ବୃଦ୍ଧି ହୋଇଛି। ୫ଟଙ୍କାରେ ବିକ୍ରି ହେଉଥିବା ଗୁଟଖା ୭ଟଙ୍କା ହୋଇଥିବା ବେଳେ ୧ଟଙ୍କା ୬୫ପଇସାରେ ମିଳୁଥିବା ପାନ ମସଲା ଏବେ ୨ଟଙ୍କା ୫୦ପଇସା ହୋଇଯାଇଛି। ସାଧାରଣ ବୁଦ୍ଧିଜୀବୀ କହିଛନ୍ତି, ଏନଫୋର୍ସମେଣ୍ଟ ଏଜେନ୍ସୀ ଗୁଡିକ ଏ ଦିଗରେ ତତ୍ପରତା ଦେଖାଇବା ଆବଶ୍ୟକ।

୨୦୧୩ ମସିହାରେ ରାଜ୍ୟରେ ଗୁଟଖା ନିଷେଧ ଘୋଷଣା ହୋଇଥିଲା। ଗୁଟଖା ନିଷେଧ ପରେ କଂମ୍ପାନୀ ଗୁଡିକ ବ୍ୟବସାୟ ଜାରୀ ରଖିବାକୁ ଉତ୍ପାଦ ମଧ୍ୟରୁ ନିକୋଟିନକୁ ପୃଥକ କରି ବଜାରରେ ବିକ୍ରି କରିଥିଲେ। ଫଳରେ ଗୁଟଖା ବ୍ୟାନର କିଛି ମାନେ ରହିଲାନି।

ତେଲ ଟ୍ୟାଙ୍କର ଧକ୍କାରେ ବାଇକ ଚାଳକ ଗୁରୁତର



ପାରାଦୀପ,୨।୨ (ସଂଚାର ବ୍ୟୁରୋ): ବାଇକକୁ ଧକ୍କା ଦେଲା ତେଲ ଟ୍ୟାଙ୍କର୍, ବାଇକରେ ଥିବା କ୍ଷୀର ବ୍ୟବସାୟୀ ଗୁରୁତର। ଘଟଣା ଘଟିଛି ପାରାଦୀପ ବାଲିଝରା ରାସ୍ତାରେ। ଦୁର୍ଘଟଣା ଘଟାଇଥିବା ତେଲ ଟ୍ୟାଙ୍କଲର୍ ଗାଡି ଫେରାର ହୋଇଯାଇଥିବା ବେଳେ ଗୁରୁତର କ୍ଷୀର ବ୍ୟବସାୟୀଙ୍କୁ ସ୍ଥାନୀୟ ଲୋକ ଅଠରବାଙ୍କୀ ମେଡିକାଲକୁ ଆଣିବା ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଗୁରୁତର ଜଣକ ଝିମାଣୀ ଗ୍ରାମର ସଂଜୟ ଲେଙ୍କା ବୋଲି ଜଣାପଡିଛି। ସଂଜୟ ପ୍ରତ୍ୟେକ ଦିନ ନିଜ ବାଇକ ଯୋଗେ ପାରାଦୀପରେ କ୍ଷୀର ଆଣି ବିକ୍ରି କରନ୍ତି। ଆଜି ସେ କ୍ଷୀର ବିକ୍ରି କରିସାରି ନିଜ ଗାଁ ଝିମାଣୀକୁ ଫେରୁଥିବା ବେଳେ ବାଲିଝରା ନିକଟ ରାସ୍ତାରେ ତାଙ୍କୁ ଏକ ତେଲ ଟ୍ୟାଙ୍କର୍ ଗାଡି ଧକ୍କା ଦେଇଥିଲା।

ଅଗ୍ନି ଉତ୍ସବ ସମୟରେ ମହିଳାଙ୍କୁ ଅସଦାଚରଣ ନେଇ ଉତ୍ତେଜନା



ଧାମନଗର,୨।୨ (ସଂଚାର ବ୍ୟୁରୋ): ଧାମନଗର ବ୍ଲକ ଧୃଷୁରୀ ଥାନା ଅନ୍ତର୍ଗତ ହରିହଂସ ଗ୍ରାମର ଘଟିଛି ଏକ ଅଭାବନୀୟ ଘଟଣା। ଗତକାଲି ସେହି ଗ୍ରାମର ମହିଳାମାନେ ଅଘିରା ପୂର୍ଣ୍ଣମୀ ଉପଲକ୍ଷେ ଅଘି ଜଳାଉଥିବା ସମୟରେ ଓଲଟପୁର ଗ୍ରାମର କିଛି ଅସାମାଜିକ ଯୁବକୁ ନିଶାଗ୍ରସ୍ତ ହୋଇ ପୂଜା କରୁଥିବା ମହିଳା ମାନଙ୍କୁ କମେଣ୍ଟ ମାରିଥିଲେ ଏବଂ ଅଶ୍ଳୀଳ ଇଂଗିତ କରିଥିଲେ। ଏହି ଘଟଣାକୁ ନେଇ ଉଭୟ ଗାଁ ମଧ୍ୟରେ ଗଣ୍ଡଗୋଳ ଆରମ୍ଭ ହୋଇଥିଲା। ଧୁଷୁରୀ ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରୁଥିବାବେଳେ ଓଲଟପୁର ଗ୍ରାମର କିଛି ଅସାମାଜିକ ଯୁବକମାନେ ପୁଲିସ ଉପରକୁ ଢେଲା ପଥର ମାଡ଼ କରିଥିଲେ। ଯାହାକୁ ନେଇ ଘଟଣାସ୍ଥଳରେ କିଛି ଘଣ୍ଟା ଚାପା ଉତ୍ତେଜନା ଲାଗି ରହିଥିଲା। କିନ୍ତୁ ଉକ୍ତ ଘଟଣାକୁ ନେଇ ଉଭୟଙ୍କ ପକ୍ଷରୁ କୌଣସି ଏତଲା ଦାୟାର ହୋଇନଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।

ମାଟିଆଳି ଗ୍ରାମରେ ତିନି ମାସ ଧରି ପାନୀୟ ଜଳ ସମସ୍ୟା

ରାସ୍ତା ଉପରେ ଗରା, ବାଲ୍‌ତି ରଖି ପ୍ରତିବାଦ



ନୀଳଗିରି,୨।୨ (ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ମାଟିଆଳି ଗ୍ରା:ପ ର ମାଟିଆଳି, ଆଡିଆସାହି, ଡୁମୁରିଆ, ମୁଖିସାହି, ରାମସିଂ ସାହି, ରେ ପ୍ରାୟ ତିନି ମାସ ହେଲାଣି ରାସ୍ତା ନିର୍ମାଣ କାର୍ଯ୍ୟ ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ଯାଇଥିବା ପାନୀୟ ଜଳ ଯୋଗଣ ପାଇପ ଫାଟି ଯାଇଛି। ଫଳରେ ପାନୀୟ ଜଳ ଯୋଗାଣ ବନ୍ଦ ହେବାରୁ ଏନେଇ ଗ୍ରାମବାସୀ ଜୈନିକ ଠିକାଦାରଙ୍କୁ ଅବଗତ କରାଇଥିଲେ ସୁଦ୍ଧା ଅଦ୍ୟାବଧି ପାଇପ ସଜାଡ଼ିବାର କର୍ଣ୍ଣପାତ କରିନଥିଲେ। ପରବର୍ତ୍ତୀ ସମୟରେ ପୁଣି ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ଅଦ୍ୟାବଧି କୌଣସି ଆଶୁ ସମାଧାନ ନହେବାରୁ ପ୍ରତିବାଦ ସ୍ୱରୂପ ଆଜି ସକାଳ ୯ ଘଟିକା ସମୟରେ ମାଟିଆଳି ଗ୍ରାମ ବିନ୍ଧାଣି ସାହି ଛକ ଉପରେ ଗରା, ବାଲତି ବସାଇ ୫ ଗୋଟି ସାହିର ପ୍ରାୟ ତିନି ଶହରୁ ଉର୍ଦ୍ଧ୍ୱ ବାସିନ୍ଦା ପ୍ରତିବାଦ କରିଥିଲେ।

ତେବେ ଅପରାହ୍ନ ତିନି ଘଟିକା ସମୟରେ ବରହମପୁର ପୁଲିସ, ବିଭାଗୀୟ ଯନ୍ତ୍ରୀ ପହଞ୍ଚି ଉକ୍ତ ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ। ଆସନ୍ତା ସାତଦିନ ଭିତରେ ପାଇପ ମରାମତି ସହିତ ପ୍ରତ୍ୟକ ଦିନ ଟ୍ୟାଙ୍କର ଦ୍ୱାରା ପାନୀୟ ଜଳ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା।

ବୋଲଗଡ଼ ବିଡିଓଙ୍କ ସପକ୍ଷରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ



ଖୋର୍ଦ୍ଧା, ୨।୨ (ସଂଚାର ବ୍ୟୁରୋ): ବୋଲଗଡ ମଣ୍ଡଳ ଉନ୍ନୟନ ଅଧିକାରୀ ସୁମନ ସୁଧା କୁଣ୍ଡୁଙ୍କ ଜନହିତକାରୀ କାର୍ଯ୍ୟ, ସୁଦକ୍ଷ ପ୍ରଶାସନ, ଜନହିତକାରୀ ଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସଫଳତାର ସହିତ ସଂପାଦନ କରି ସ୍ଥାନୀୟ ଅଞ୍ଚଳରେ ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଛନ୍ତି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣ ମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ କରୁଛନ୍ତି । ସରକାରଙ୍କର ବିଭିନ୍ନ ଯୋଜନା ଗୁଡିକ ଯଥା ଖାଉଟି କାର୍ଡ, ଭତ୍ତା ଆବାସ ଯୋଜନା ଗୁଡିକ ଯୋଗ୍ୟ ହିତାଧୀକାରୀ ମାନଙ୍କୁ ପ୍ରଦାନ କରି ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଛନ୍ତି। ତାଙ୍କ ଦ୍ୱାରା ପୂର୍ବରୁ ଚାଲୁଥିବା ଅନିୟମିତତା ଓ ଅନ୍ୟାୟ ପ୍ରଥାକୁ ସଫଳତାର ସହିତ ରୋକାଯାଇଛି, ଯାହା ଜନସାଧାରଣଙ୍କ ହିତରେ ଅତ୍ୟନ୍ତ ପ୍ରଶଂସନୀୟ ।

କିଛି କୁତ୍ସିତ ଓ ସୁବିଧାବାଦୀ ନେତାଙ୍କ ସ୍ୱାର୍ଥ ହାସଲରେ ବାଧା ଉପୁଜିବା ଯୋଗୁଁ ବିଡିଓଙ୍କ ବିରୁଦ୍ଧରେ ମିଥ୍ୟା ଅଭିଯୋଗ ଆଣି ତାଙ୍କୁ ବଦନାମ ବେଆଇନ କାମ କରିବାକୁ ବାଧ କରୁଛନ୍ତି । ପୂର୍ବରୁ ବିଡ଼ିଓଙ୍କ ନିକଟକୁ ଜନସାଧାରଣ କୌଣସି ଅଭିଯୋଗ ନେଇ ଯା ଇ ପା ରୁ ନ ଥି ବା ବେ ବେଳେ ବର୍ତ୍ତମାନ ବିଡ଼ିଓ ସିଧାସଳଖ ଜନସାଧାରଣ ପାଖରେ ପହଂଚିବାରୁ କିଛି କୁଚକ୍ରୀଗୋଷ୍ଠୀଙ୍କ ମନ୍ଦ ଉଦ୍ଦେଶ୍ୟ ସାଧିତ ହୋଇପାରୁ ନାହିଁ । ଏଣୁ ବିଡିଓ ସୁମନ ସୁଧା କୁଣ୍ଡୁଙ୍କ ବିରୋଧରେ ହୋଇଥିବା ମିଥ୍ୟା ଅଭିଯୋଗକୁ ଗୁରୁତ୍ୱ ନଦେଇ, ତାଙ୍କୁ ଉତ୍ସାହିତ କଲେ ସରକାରଙ୍କ ଉଦ୍ଦେଶ୍ୟ ଓ ଜନସାଧାରଣଙ୍କ ଆଶା ନିଶ୍ଚୟ ଭାବେ ସାକାର ହେବ ବୋଲି ଆଜି ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣୀ ଶିବିରରେ ବୋଲଗଡ ପାଞ୍ଚଗଡ଼ ମଣ୍ଡଳ ପକ୍ଷରୁ ଶତାଧିକ ବ୍ୟକ୍ତି ପୃଥକ ପୃଥକ ଭାବେ ଆସି ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।

ଧାନ କ୍ୟୁଣ୍ଟାଲ ପିଛା ୫ କେଜି କାଟିବା ପ୍ରତିବାଦରେ ନବନିର୍ମାଣ କୃଷକ ସଂଘର ବିକ୍ଷୋଭ



ଢେଙ୍କାନାଳ, ୨।୨ (ସଂଚାର ବ୍ୟୁରୋ): ଧାନମଣ୍ଡିରେ କଟନୀଛଟନୀ ହେବ ନାହିଁ ବୋଲି ସରକାର କହୁଥିବା ବେଳେ ପ୍ରକୃତପକ୍ଷେ ମଣ୍ଡିରେ ଚାଷୀମାନଙ୍କର କ୍ୟୁଣ୍ଟାଲ ପିଛା ୫ କେଜି ଲେଖାଏଁ ଧାନ କଟାଯାଉଛି । ଏହାକୁ ନେଇ ଆଜି ନବ ନିର୍ମାଣ କୃଷକ ସଂଘ ପକ୍ଷରୁ ଜିଲ୍ଲାକାର୍ଯ୍ୟାଳୟ ପରିସରରେ ଧାନ ବସ୍ତାରଖି ଆନ୍ଦୋଳନ କରିଥିଲେ ।

ଓଡାପଡା ବ୍ଲକ ଚାଷୀ ସୁଧାକର ପରିଡା ଗଦାଶିଳା ସୋସାଇଟିରେ ୩୮ କୁଇଂଟାଲ ଧାନ ବିକ୍ରିପାଇଁ ନେଇଥିଲେ। ସୋସାଇଟି ପକ୍ଷରୁ ଧାନର ଏଫଏକ୍ୟୁ ମାନ ଯାଂଚ କରାନଯାଇ କୁଇଂଟାଲ ପିଛା ୫ କେଜି ଧାନ ଏପରି ୧କୁଇଂଟାଲ ୯୦ କେଜି ଧାନ କାଟିଦିଆଯାଇଛି। ଏହାର ପ୍ରତିବାଦରେ ଆଜି ନବନିର୍ମାଣ କୃଷକ ସଂଗଠନ ରାଷ୍ଟ୍ରୀୟ ଅଧକ୍ଷ ଅକ୍ଷୟ କୁମାର, ଢେଙ୍କାନାଳ ଜିଲ୍ଲା ପ୍ରଭାରୀ ଅଶ୍ୱିନୀ କୁମାର, ଗଜପତି ପ୍ରଭାରୀ ରଂଜିତ ପଟ୍ଟନାୟକ, କେନ୍ଦ୍ରାପଡା ସଂଯୋଜକ ଅକ୍ରୁର ପଲେଇ, ରଘୁନାଥ ସି. ସମାଜସେବୀ ପ୍ରଫୁଲ୍ଲ ପରିଡା, ଶ୍ରୀଧର ରାଉତ, ହିନ୍ଦୋଳର ବିମ୍ବାଧର ମାଝୀ, ଅନିତା ବରାଳ, ବିଭୁ ରଥ, ନୀଳମଣି ବରାଳ ଯୁଧି

ନୋଚା ଲାଖି ପାଇଁ ଅରୁଣଙ୍କ 'ପୀଡ଼ା'

ଆତ୍ମଚିନ୍ତନ ନା ଆକ୍ରୋଶର ପ୍ରତିଫଳନ



ବିଜେଡି ସରକାରରେ ଦୁର୍ନୀତି ଅସ୍ଥିମଜ୍ଜାଗତ ହୋଇଛି

ଭୁବନେଶ୍ୱର, ୨।୨ (ସଂଚାର ବ୍ୟୁରୋ) : ନୂଆପଡା ଉପନିର୍ବାଚନରେ ରାଜ୍ୟର ଉପାନ୍ତର ଅଞ୍ଚଳର ପ୍ରକୃତ କରୁଣ ଚିତ୍ର ଦେଖିଥିଲେ ବିଜେଡିର ବରିଷ୍ଠ ବିଧାୟକ ଅରୁଣ ସାହୁ। ଅବଶ୍ୟ ସେ ଦେଖିଥିବା ଗାଁର ବାସ୍ତବତା ରାଜ୍ୟର ସବୁ ଜିଲ୍ଲାରେ ଅଳ୍ପେ ବହୁତେ ରହିଛି। ହେଲେ ଏଥିପାଇଁ ଦାୟୀ କିଏ। ୨୦୦୦ ମସିହା ପୂର୍ବର ସରକାର ନା ଗତ ୨୪ ବର୍ଷ ଧରି ଶାସନରେ ଥିବା ଦଳ। ଏହି ପ୍ରଶ୍ନର ଉତ୍ତର ଖୋଜିବା ବେଳେ ଅରୁଣ ସାହୁଙ୍କ ଭଳି ଅନୁଭବି, ଅଭିଜ୍ଞ ନେତା, ଯିଏ ଦିନେ ଶାସନ କଳର ଏକ ଅଙ୍ଗ ଥିଲେ ତାଙ୍କ ମନକୁ ଆନ୍ଦୋଳିତ କରିଥିଲା। ଏହି ପୃଷ୍ଠଭୂମିରୁ ଆରମ୍ଭ ହୋଇଥିଲା ତାଙ୍କ କଲମ ଯାହା ଏକ କ୍ଷୁଦ୍ର ଉପନ୍ୟାସ ପୀଡା ଭାବେ ଆତ୍ମପ୍ରକାଶ କରିଛି।

ନୂଆପଡା ଉପନିର୍ବାଚନ ସମୟରେ ଅରୁଣଙ୍କ ଭେଟ ହୋଇଛି ନୋଚା ଲାଖି ନାମକ ଜଣେ ବ୍ୟକ୍ତି ସହ। ଯାହାଙ୍କ ଠାରେ ସେ ଅପପୃଷ୍ଟି ଓ ଦାରିଦ୍ର୍ୟତାର ନଗ୍ନ ଚିତ୍ର ଦେଖିଥିଲେ। ନୋଚା ଲାଖି ପରିବାର ଜରିଆରେ ତାଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି ବିକାଶ, ଗ୍ରାମୀଣ ଅର୍ଥନୀତିର ଅଭିବୃଦ୍ଧି, ସାମାଜିକ ସ୍ଥିତିରେ ଉନ୍ନତି ଏବଂ ସର୍ବୋପରି ନିର୍ବାଚନ ପରିଚାଳନା ପର୍ଯ୍ୟନ୍ତ ୭୭ ବର୍ଷର ସବୁ ପ୍ରଶାସନିକ ବିଧି ବ୍ୟବସ୍ଥାର ବିଶ୍ଳେଷଣ କରିବାକୁ ବାଧ କରିଛି। ଏଥିପାଇଁ ଦାୟୀ କିଏ? ସମାଜର ଉପରସ୍ତରର ଲୋକେ ନା ତଳ ସ୍ତରରେ ରହୁଥିବା ଗରିବ ପରିବାର। ସମାଜର ଉପର ସ୍ତରର ଲୋକେ ସବୁ ସମୟରେ ସହଜରେ ସାଧାରଣ ଲୋକଙ୍କୁ ଦାୟୀ କରିଦେଉଛନ୍ତି। ଏହି ସ୍ଥିତି ପାଇଁ ନିର୍ବାଚନ ପକ୍ରିୟାକୁ ମଧ୍ୟ ଦାୟୀ କରାଯାଇପାରେ। ନିର୍ବାଚନ ଦାୟିତ୍ୱରେ ଥିବା ଅଧିକାରୀଙ୍କ ନିର୍ବାଚନ ପ୍ରକ୍ରିୟା ଉପରେ ନିୟନ୍ତ୍ରଣ ଅଛି କି, ନିର୍ବାଚନରେ ଅଜସ୍ର ଅର୍ଥ ଖର୍ଚ୍ଚ ଉପରେ ରୋକ ଲାଗି ପାରୁଛି କି? ଏପ୍ରଶ୍ନ ସେ ନିଜ ଦଳ, ପୂର୍ବର ବିଜେଡି ସରକାର ଓ ବର୍ତ୍ତମାନର ସରକାରକୁ ମଧ୍ୟ ପୀଡା ଜରିଆରେ ପଚାରିଛନ୍ତି। କାରଣ ତାଙ୍କ ଭାଷାରେ ୧୯୫୦ରୁ ୧୯୭୫ ପର୍ଯ୍ୟନ୍ତ ନୂଆ ଶାସନ ଧୀରେ ଧୀରେ ସ୍ଥିତି ସୁଧୁରିବ ବୋଲି ଆଶା କରାଯାଉଥିଲା। ୧୯୭୫ରୁ ୨୦୦୦ ମସିହା ପର୍ଯ୍ୟନ୍ତ ତଳୁ ଉପର ପର୍ଯ୍ୟନ୍ତ ଦୁର୍ନୀତି। ୨୦୦୦ରୁ ୨୦୨୫ ମଧ୍ୟରେ ଅର୍ଥାତ ବିଜେଡି ସରକାରର ୨୪ ବର୍ଷ ଓ ବର୍ଷକର ବିଜେପି ସରକାର ଅମଳରେ ଦୁର୍ନୀତି ଅସ୍ଥିମଜ୍ଜାଗତ ହୋଇଯାଇଥିଲା।

ଫିଟିବ ହ୍ୟୁମାନ୍ ସାଗରଙ୍କ ଅକାଳ ମୃତ୍ୟୁ ରହସ୍ୟ

ଆସିଲା ମେଡିକାଲ ରିପୋର୍ଟ, ସୁରାକ ଖୋଜୁଛି ପୁଲିସ



କଟକ, ୨।୨(ସଂଚାର ବ୍ୟୁରୋ): କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗରଙ୍କ ଅକାଳ ବିୟୋଗର ରହସ୍ୟ ଫିଟାଇବା ପାଇଁ ମର୍କତନଗର ଥାନାରେ ରୁଜୁ ମାମଲାରେ ପୁଲିସର ଏକ ମେଡିକାଲ୍ ରିପୋର୍ଟ ହସ୍ତଗତ ହୋଇଛି। ହ୍ୟୁମାନ୍ ଚିକିତ୍ସିତ ହେଉଥିବା ଗଞ୍ଜରପୁର ସ୍ଥିତ ଏକ ବେସରକାରୀ ହସ୍ପିଟାଲ୍ ଏହି ରିପୋର୍ଟ ପ୍ରଦାନ କରିଛି। ଲିଭର୍ ସିରୋସିସ୍ ହେବା ପରୁ ଉକ୍ତ ହସ୍ପିଟାଲ୍‌ରେ ହ୍ୟୁମାନ୍ ଚିକିତ୍ସିତ ହେଉଥିଲେ। ଉକ୍ତ ହସ୍ପିଟାଲ୍ଟି ଲିଭର୍ ରୋଗର ସ୍ୱତନ୍ତ୍ର ଚିକିତ୍ସା ପାଇଁ ରହିଥିବାରୁ ହ୍ୟୁମାନ୍ ସେଠାରେ ନିଜର ରେଗୁଲାର ଟ୍ରିଟ୍‌ମେଣ୍ଟ୍ କରାଉଥିଲେ। ଏପରିକି ସେ ଗୁରୁତର ହେବାର କିଛିଦିନ ପୂର୍ବରୁ ଉକ୍ତ ହସ୍ପିଟାଲ୍‌କୁ ଚିକିତ୍ସା ପାଇଁ ଯାଇଥିଲେ। ଗଲା କିଛି ବର୍ଷର ଚିକିତ୍ସା ତଥ୍ୟ ଉକ୍ତ ରିପୋର୍ଟରେ ହସ୍ପିଟାଲ୍ ପକ୍ଷରୁ ପ୍ରଦାନ କରାଯାଇଛି। ଅନ୍ୟପଟେ ଗତ ନଭେମ୍ବର ମାସ ୧୭ ତାରିଖରେ ହ୍ୟୁମାନ୍‌ଙ୍କ ମୃତ୍ୟୁ ହେବାର କିଛିଦିନ ପୂର୍ବରୁ ସେ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି ହୋଇଥିଲେ। ତେଣୁ ଏମ୍ସରେ ମଧ୍ୟ କିଛି ଗୁରୁତ୍ୱପୂର୍ଣ୍ଣ ମେଡିକାଲ୍ ରିପୋର୍ଟ ରହିଛି। ଯାହାକୁ ପାଇବା ପାଇଁ ମର୍କତନଗର ଥାନା ପୁଲିସ ଚିଠି ଲେଖି ଏମ୍ସକୁ ଅନୁରୋଧ କରିଥିଲା । ମାତ୍ର ଗଲା ମାସେରୁ ଅଧିକ ସମୟ ହେବ ଏହି ଚିଠି ଲେଖାଯାଇଥିଲେ ବି ଏମ୍ସ ପକ୍ଷରୁ କୌଣସି ଉତ୍ତର ଦିଆଯାଉନି। ଏହି କ୍ରମରେ ଟଙ୍କା କାରବାର ବିଷୟ ଜାଣିବା ପାଇଁ ଥାନା ପକ୍ଷରୁ ୮ଟି ବ୍ୟାଙ୍କ୍‌କୁ ଟ୍ରାଞ୍ଜାକ୍ସନ୍ ତଥ୍ୟ ମଗାଯାଇଥିଲା। ହେଲେ ଗୋଟିଏ ବି ବ୍ୟାଙ୍କ୍ ତଥ୍ୟ ପ୍ରଦାନ କରିନି। ଫଳରେ ହ୍ୟୁମାନଙ୍କ ଟଙ୍କା କାରବାର ତଥ୍ୟ ପୁଲିସ ଏଯାବତ କାଣିଚାଏ ଜାଣିପାରିନି।

ଓଡ଼ିଶା ଗସ୍ତରେ ତେଲଙ୍ଗାନା ଗଣମାଧ୍ୟମ ପ୍ରତିନିଧି ଦଳ

ପିଆଇବି ଏଡିଜିଙ୍କ ସହ ଆଲୋଚନା

ଭୁବନେଶ୍ୱର, ୨।୨(ସଂଚାର ବ୍ୟୁରୋ): ତେଲଙ୍ଗାନା ହାଇଦ୍ରାବାଦରୁ ଏକ ଗଣମାଧ୍ୟମ ପ୍ରତିନିଧି ଦଳ ଓଡ଼ିଶା ଗସ୍ତରେ ଆସିଛି। ଆଜି ଏହି ପ୍ରତିନିଧି ଦଳ ଭୁବନେଶ୍ୱରସ୍ଥିତ ପତ୍ର ସୂଚନା

ପର୍ଯ୍ୟଟନ ସ୍ଥଳୀଗୁଡ଼ିକ ବୁଲିଦେଖିବେ

କାର୍ଯ୍ୟାଳୟ (ପିଆଇବି) ପରିଦର୍ଶନ କରିଛି। ସେଠାରେ ପ୍ରତିନିଧି ଦଳର ସଦସ୍ୟମାନେ ପିଆଇବି ଏବଂ ସିବିସିର ଅତିରିକ୍ତ ମହାନିର୍ଦ୍ଦେଶକ (ଏଡିଜି) ଅଖିଳ କୁମାର ମିଶ୍ର ଏବଂ ଅନ୍ୟ ଅଧିକାରୀମାନଙ୍କ ସହ ମତବିନିମୟ କରିଛନ୍ତି। ଏଡିଜି ଶ୍ରୀ ମିଶ୍ର ସେମାନଙ୍କୁ ଓଡ଼ିଶାରେ ଗଣମାଧ୍ୟମର ସ୍ଥିତି ଏବଂ ପିଆଇବି ଓ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି) ପକ୍ଷରୁ କରାଯାଉଥିବା ବିଭିନ୍ନ



କ୍ଷେତ୍ରୀୟ ପ୍ରଚାରପ୍ରସାର କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ପିଆଇବି ଭୁବନେଶ୍ୱରର ଉପନିର୍ଦ୍ଦେଶକ ମନୋଜ କୁମାର ଜାଲି, ସହାୟକ ନିର୍ଦ୍ଦେଶକ ପ୍ରଦୀପ କୁମାର ଚୌଧୁରୀ, ମହେନ୍ଦ୍ର ପ୍ରସାଦ ଜେନା, ଗଣମାଧ୍ୟମ ଓ ଯୋଗାଯୋଗ ଅଧିକାରୀ ସ୍ୱାଧୀନ ଶକ୍ତିପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ। ତେଲଙ୍ଗାନା ଗଣମାଧ୍ୟମ ପ୍ରତିନିଧି ଦଳ କେନ୍ଦ୍ର ସରକାରଙ୍କ ଅଧୀନରେ ଓଡ଼ିଶାରେ କାର୍ଯ୍ୟ କରୁଥିବା ବିଭିନ୍ନ ଗଣମାଧ୍ୟମ ପ୍ରତିଷ୍ଠାନ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି।

ଏହି ଗସ୍ତ ଅବସରରେ ତେଲଙ୍ଗାନା ଗଣମାଧ୍ୟମ ପ୍ରତିନିଧି ଦଳ ସିଏସଆଇଆର-ଆଇଆଇଏମଟି ପରିସରରେ ବୈଜ୍ଞାନିକଙ୍କ ସହ ମତବିନିମୟର କାର୍ଯ୍ୟକ୍ରମ ରହିଛି। ଏହାବ୍ୟତୀତ ସେମାନେ ଭୁବନେଶ୍ୱରର କଳାଭୂମି-ହସ୍ତଶିଳ୍ প সଂଗ୍ରହାଳୟ, ଆଦିବାସୀ ସଂଗ୍ରହାଳୟ, ସିଫା ଓ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କରିବେ। ଏହାସହ ଓଡ଼ିଶାର ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳଗୁଡ଼ିକୁ ବୁଲି ଦେଖିବାର କାର୍ଯ୍ୟକ୍ରମ ରହିଛି।

୬.୧୬ କୋଟି ଟଙ୍କାରୁ ଅଧିକ ଠକେଇ ମାମଲା

ଗଞ୍ଜାମରୁ ସାଇବର ଠକକୁ ବାନ୍ଧିଲା ପୁଲିସ

ଭୁବନେଶ୍ୱର, ୨।୨(ସଂଚାର ବ୍ୟୁରୋ): ୬.୧୬ କୋଟି ଟଙ୍କାରୁ ଅଧିକ ଠକେଇ ମାମଲାରେ ଗଞ୍ଜାମ ଜିଲ୍ଲାର ଜଣେ ବ୍ୟବସାୟୀଙ୍କୁ ଓଡ଼ିଶା କ୍ରାଇମ୍ ବ୍ରାଞ୍ଚର ସାଇବର ପୁଲିସ ଗିରଫ କରିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ, ଅଭିଯୁକ୍ତ ଜଣକ ଆନ୍ଧ୍ର ପ୍ରଦେଶର ୩୯ ବର୍ଷୀୟ ଭେଦଗିରି ଶ୍ରୀନିବାସ ରାଓ ବୋଲି ଜଣାପଡିଛି, ଯିଏକି ନକଲି କ୍ରିପ୍ଟୋ କରେନ୍ସି ଟ୍ରେଡିଂ ପ୍ଲାଟଫର୍ମ ମାଧ୍ୟମରେ ଠକେଇ କରୁଥିଲେ। ସେ ଗୁଣ୍ଟୁରର ଶ୍ରୀନଗର ଅଞ୍ଚଳର ବାସିନ୍ଦା ଅଟନ୍ତି। ତାଙ୍କ ବିରୁଦ୍ଧରେ ୯ ଜୁଲାଇ, ୨୦୨୪ ରେ ସାଇବର ପୁଲିସ ଷ୍ଟେସନରେ ଏକ ମାମଲା ରୁଜୁ କରାଯାଇଥିଲା ଓ ଏହାର ତଦନ୍ତ କରି ତାଙ୍କୁ ବ୍ରହ୍ମପୁରରୁ ଗିରଫ କରାଯାଇଥିଲା।

ଏହି ଠକେଇ ୭ ମଇ ୨୦୨୪ରେ



ନକଲି କ୍ରିପ୍ଟୋ କରେନ୍ସି ଟ୍ରେଡିଂ ପ୍ଲାଟଫର୍ମ ମାଧ୍ୟମରେ ଠକେଇ

ଆରମ୍ଭ ହୋଇଥିଲା। ସେତେବେଳେ ସଞ୍ଜନା ନାମକ ଜଣେ ମହିଳା ଶ୍ରୀନିବାସନଙ୍କ ସହ ଫେସବୁକରେ ବନ୍ଧୁତା କରିଥିଲେ ଓ ସେ ହଂକଂରେ ଆଇବିଏମରେ କାମ କରୁଥିବା ଜଣେ ସଫ୍ଟୱେର୍ ଡେଭଲପର ଭାବରେ ପରିଚୟ ଦେଇଥିଲେ। ପରବର୍ତ୍ତୀ ସମୟରେ ଦୁହେଁ ହ୍ୱାଟ୍ସଆପ୍ ରେ କଥାବାର୍ତ୍ତା ଆରମ୍ଭ କରିଥିଲେ ଓ ତାଙ୍କ ଆଇବିଏମ ଦଳ ଜେଡଏଆଇଏଫ୍ ରେ ଏକ ଡାଟା ସେଣ୍ଟର ସ୍ଥାପନ କରୁଥିବା ନେଇ ସେ କହିଥିଲେ। ଯାହାକି ଏକ କଥିତ ଡିଜିଟାଲ୍ ମୁଦ୍ରା ବିନିମୟ ଥିଲା। ଠକ ବ୍ୟକ୍ତି ପୀଡିତଙ୍କୁ ନକଲି ଜେଡଏଆଇଏଫ୍ ପ୍ଲାଟଫର୍ମରେ ଏକ ଟ୍ରେଡିଂ ଆକାଉଣ୍ଟ ଖୋଲି ନିବେଶ କରିବାକୁ ରାଜି କରାଇଥିଲେ। ୨୩ ମଇରୁ ୨୪ ଜୁନ୍, ୨୦୨୪ ମଧ୍ୟରେ, ଠକମାନଙ୍କ ନିର୍ଦ୍ଦେଶ ଅନୁଯାୟୀ ପୀଡିତ ୬,୧୬,୩୭,୦୮୪ ଟଙ୍କା ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟକୁ ସ୍ଥାନାନ୍ତର କରିଥିଲେ। ପ୍ରାରମ୍ଭରେ, ବିଶ୍ୱାସ ଜିତିବା ପାଇଁ ଟ୍ରେଡିଂ ଆକାଉଣ୍ଟରେ ଲାଭ ଏବଂ କ୍ଷତି ଦର୍ଶାଇଥିଲେ। ପରେ ଯେତେବେଳେ ୧୧,୨୯୨ ଟଙ୍କାର କ୍ଷତି ଦେଖାଇଥିଲା ସେତେବେଳେ ଅଭିଯୁକ୍ତ ଏହି କ୍ଷତିକୁ ପୁନରୁଦ୍ଧାର ପାଇଁ ଅଧିକ ନିବେଶ କରିବାକୁ ଅନୁରୋଧ କରିଥିଲେ। ଯାହାପରେ ପ୍ଲାଟଫର୍ମରେ ଦର୍ଶାଇଥିବା ଲାଭ ଦ୍ୱାରା ପ୍ରଲୋଭିତ ହୋଇ ସେ ଅଧିକ ରାଶି ଜମା କରିବା ଜାରି ରଖିଥିଲେ। କିନ୍ତୁ ଯେତେବେଳେ ପୀଡିତ ତାଙ୍କ ଟଙ୍କା ଉଠାଇବାକୁ ଚେଷ୍ଟା କରିଥିଲେ। ସେତେବେଳେ ପ୍ଲାଟଫର୍ମର କଷ୍ଟମର କେୟାର ଫି ଭାବରେ ବାଲାନ୍ସ ଉପରେ ୨୦% ଦେୟ ଦାବି କରିଥିଲା ଓ ସେ ଅତିରିକ୍ତ ୮୯,୦୦,୦୦୦ ଟଙ୍କା ଜମା ମଧ୍ୟ କରିଥିଲେ। କିନ୍ତୁ ତଥାକଥିତ ରିସ୍କ ନିୟନ୍ତ୍ରଣ ଦଳ ବିଭିନ୍ନ ବାହାନାରେ ପାଣ୍ଠି ମୁକ୍ତ କରିବାକୁ ବାରମ୍ବାର ମନା କରିଦେଇଥିଲା। ପରେ ଏହା ଏକ ଠକେଇ ବୋଲି ଜାଣିବା ପରେ ପୀଡିତ ସାଇବର ଅପରାଧ ଥାନାରେ ଅଭିଯୋଗ କରିଥିଲେ।

● ଏଏସ୍ଓ ପରୀକ୍ଷା-୨୦୨୪ ଜାଲିଆତି

ବନ୍ଧାହେବେ ଅଧିକ ଅଭିଯୁକ୍ତ



କଟକ, ୨।୨ (ସଂଚାର ବ୍ୟୁରୋ): ହାଇକୋର୍ଟଙ୍କ ଆସିଷ୍ଟାଣ୍ଟ ସେକ୍ସନ ଅଫିସର ବା ଏଏସ୍ଓ ପରୀକ୍ଷା-୨୦୨୪ରେ ହୋଇଥିବା ଜାଲିଆତି ମାମଲାରେ କଟକର ଲାଲବାଗ ଥାନା ପୁଲିସର ତଦନ୍ତ ଜାରି ରଖିଛି। ଏହି ମାମଲାରେ ୨ ଦିନ ତଳେ ୬ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଏହି ରାକେଟର ଜିଛି ସଦସ୍ୟ ପୂର୍ବରୁ ଏସ୍ଆଇ ଏବଂ ସ୍ପେଶାଲ ଓଟିଇଟି ପରୀକ୍ଷା ଜାଲିଆତିରେ ମଧ୍ୟ ସମ୍ପୃକ୍ତ ଥିବା ପୁଲିସ ପ୍ରମାଣ ପାଇଛି । ବିଶେଷ କରି ପଞ୍ଚ ସଫ୍ଟର ମାଲିକ ମୁନା ମହାନ୍ତି ଓ ସିଲିକନ ଟେକ ପ୍ରାଇଭେଟ ଲିମିଟେଡର ମାଲିକ ସୁରେଶ ଦାସ ଏହି ରାକେଟରେ ସାମିଲ ଥିବା ଜଣାପଡିଛି । ଫଳ ସ୍ୱରୂପ ସେହି ଦୁଇ ଜଣଙ୍କୁ ମଧ୍ୟ ଏହି ମାମଲାରେ ପୁଲିସ କେସ ରିମାଣ୍ଡ ଦେବ ବୋଲି ଜଣାପଡିଛି। ତେବେ ଏହି ମାମଲାରେ ଯେଉଁ ମାନଙ୍କ ନାଁ ସାମ୍ନାକୁ ଆସିବ, ସମସ୍ତଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି କହିଛନ୍ତି କଟକ ଡିସିପି। ହାଇକୋର୍ଟଙ୍କ ଆସିଷ୍ଟାଣ୍ଟ ସେକ୍ସନ ଅଫିସର ବା ଏଏସ୍ଓ ପରୀକ୍ଷା ଗତବର୍ଷ ଜୁଲାଇ ମାସରେ ଅନୁଷ୍ଠିତ ହୋଇଥିବା ବେଳେ ଏହି ପରୀକ୍ଷା ସିଲିକନ ଟେକ ପ୍ରାଇଭେଟ ଲିମିଟେଡ୍ ଦ୍ୱାରା ପରିଚାଳିତ ହୋଇଥିଲା। ତେବେ ଏହି ପରୀକ୍ଷାରେ ମଡେଲ ଉତ୍ତର ଲିକ୍ ହେବା ସହ କିଛି ପରୀକ୍ଷାର୍ଥୀ ଅସ୍ୱାଭାବିକ ଭାବେ ଅଧିକ ନମ୍ବର ରଖିଥିବା ଜଣାପଡ଼ିବା ପରେ ପୁଲିସ ବୈଷୟିକ ତଦନ୍ତ କରି ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

ତିଗିରିଆରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



କଟକ, ୨।୨ (ସଂଚାର ବିରୋ): ତିଗିରିଆ ବ୍ଲକ କାର୍ଯ୍ୟାଳୟଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ କମଲଜିତ୍ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୯୦ଟି ଅଭିଯୋଗ ହସ୍ତଗତ ହୋଇଥିଲା। ତନ୍ମଧ୍ୟରେ ୬୪ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୨୬ଟି ସାମୂହିକ ଅଭିଯୋଗ ରହିଥିଲା। ଅଭିଯୋଗ ଶୁଣାଣି ଶିବିରରେ ୨୭ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏହି ଅଭିଯୋଗ ଶୁଣାଣି କାଳରେ ପୁଲିସ ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ, କଟକ ପ୍ରଶାନ୍ତ କୁମାର ନାୟକ, ଆଠଗଡ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିସହ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜୀକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଠାରେ ସୂଚନାଯୋଗ୍ୟ ଆସନ୍ତା ୯ ତାରିଖରେ ନିଷ୍ପିତ୍ତକୋଇଲି ବ୍ଲକ୍‌ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ।


ନଦୀକୂଳରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଚଣ୍ଡିଆ, ୨।୨ (ସଂଚାର ବ୍ୟୁରୋ): ଚଣ୍ଡିଆ ଉପଖଣ୍ଡସ୍ଥ ଯୋଡ଼ା ଥାନା ଅର୍ନ୍ତଗତ ଲହଣ୍ଡା ଗ୍ରାମ ଦେଇ ଯାଇଥିବା ସୁନା ନଦୀ ନିକଟରୁ ଜଣେ ଯୁବକଙ୍କ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୃତଦେହ ଉଦ୍ଧାର କରିଛି ପୁଲିସ। ସାଙ୍ଗଙ୍କ ସହ ଲହଣ୍ଡା ସୁନା ନଦୀ କୂଳକୁ ପିକନିକ କରିବାକୁ ଯାଇଥିବା ବେଳେ ଏହି ଘଟଣା ଘଟିଥିବା ପ୍ରାଥମିକ ସୂତ୍ରରୁ ଜଣାପଡିଛି। ଉକ୍ତ ଜାଗାରେ ମୃତଦେହ ମିଳିଥିବାରୁ କେହି ସେଠାରେ ତାଙ୍କୁ ହତ୍ୟା କରିଥିବା ପରିବାର ଲୋକେ ସନ୍ଦେହ କରିଛନ୍ତି। ଯୁବକ ଜଣଙ୍କ ଯୋଡ଼ା ଥାନା ଅନ୍ତର୍ଗତ ବାବୁ ହଟିଂ ଅଞ୍ଚଳର ମିହିର ଦାସ (୨୭) ନାମକ ଯୁବକ ବୋଲି ଜଣାପଡିଛି। ମିହିର ଏକ ଟେଗା ନାମକ ଏକ ଖଣି ସଂସ୍ଥାରେ କାମ କରୁଥିଲେ। ରବିବାର ଛୁଟି ଥିବାରୁ ଅନ୍ୟ ସହକର୍ମୀଙ୍କ ସହ ପିକନିକ୍ କରିବାକୁ ଲହଣ୍ଡା ସ୍ଥିତ ସୁନା ନଦୀ କୂଳକୁ ଯାଇଥିଲେ। ସେଥିରେ ମିହିରଙ୍କୁ କେହି ମାଡ ମାରିଥିବା ନେଇ ସାନଭାଇଙ୍କୁ କହିଥିଲେ।

ଜମୁଛି ଖଣ୍ଡଗିରି କୁମ୍ଭମେଳାର ଯାତ୍ରା ସମର

ଦ୍ୱିତୀୟ ପର୍ଯ୍ୟାୟରେ ଶିବାନୀ, ସୂର୍ଯ୍ୟମନ୍ଦିର ଲଢ଼େଇ

ଭୁବନେଶ୍ୱର ୦୨।୦୨ : ଯାତ୍ରା ମହାସମରରେ ସରିଲା ପ୍ରଥମ ପର୍ଯ୍ୟାୟ। ଏବେ ଜମିବ ଦ୍ୱିତୀୟ ପାଳି ଯାତ୍ରା। ମଞ୍ଚରେ ସେକେଣ୍ଡ ଇନିଂସ ହୁଲସ୍ଥୁଲ କରିବା ପାଇଁ ପାର୍ଟିମାନେ ପ୍ରସ୍ତୁତ। ସୋମବାର ରାତିରୁ ଆରମ୍ଭ ହୋଇଛି ଯାତ୍ରା। ତେବେ ସନାତନ ସେବା ସମିତ ପେଣ୍ଡାଲରେ କୋଣାର୍କ ଗଣନାଟ୍ୟ ଯିବା ପରେ ସେହି ସ୍ଥାନରେ ସୂର୍ଯ୍ୟମନ୍ଦିର ମଞ୍ଚସ୍ଥ କରିଛି ନାଟକ। ଇନ୍ଦିରା ସାଂସ୍କୃତିକ ଯୁବ ସମିତି ପେଣ୍ଡାଲରେ ସିଂହବାହିନୀ ଯିବା ପରେ ଆଜିଠୁ ହଲଚଲ ସୃଷ୍ଟି କରିଛି ଶିବାନୀ ଗଣନାଟ୍ୟ। ସେହିପରି ଜାଗମରା ମେଳଣ ପଡ଼ିଆରେ ରାଜ ଦରବାରର ଯାତ୍ରା ସମାପ୍ତ ହେବା ପରେ ଦ୍ୱିତୀୟ



ପର୍ଯ୍ୟାୟ ନାଟକର ଚର୍ଚ୍ଚିତ ଚେହେରା ରାଣୀ ପଦ୍ମାଙ୍କ ପାର୍ଟି ନାଟ୍ୟ ମଣ୍ଡପ ମଞ୍ଚ ଘାଣ୍ଟୁଛି । ଇନ୍ଦ୍ର ଭୁବନର ସୁପରହିଟ୍ ନାଟକ ନଅଙ୍କ ଦୁର୍ଭିକ୍ଷରେ ଦମଦାର ରୋଲରେ ଅଭିନୟ କରିବା ପରେ ବିନୋଦ ବେଦିନା ଏବେ ଖଣ୍ଡଗିରିରୁ ବିଦାୟ ନେଇଛନ୍ତି। ଏହାପରେ ଆସିବ କଳିଙ୍ଗ ଗଣନାଟ୍ୟ। ମହତାବ ପେଣ୍ଡାଲରେ ତୁଳସୀ ଗଣନାଟ୍ୟ ଦୁଇଦିନ ହେଲା ଆସିଲାଣି। ମହତାବ ପେଣ୍ଡାଲରେ ତୁଳସୀ ଯାତ୍ରା ଶେଷ ଯାଏ ନାଟକ ଜାରି ରଖିବ। ପ୍ରଥମ ପର୍ଯ୍ୟାୟରେ ପୀୟୂଷଙ୍କ ଅଭିନୀତ ତୁ ମୋ ବଜରଙ୍ଗୀ ଖୁବ ଚର୍ଚ୍ଚାରେ ଥିବା ବେଳେ ୨ୟ ପର୍ଯ୍ୟାୟରେ କିଏ ରହିବ, ତାହା ଦେଖିବାକୁ ବାକି ରହିଲା।

ବନ୍ଧୁକ ମୁନରେ ଟଙ୍କା, ଗହଣା ଲୁଟ୍



କେନ୍ଦୁଝର, ୨।୨ (ସଂଚାର ବ୍ୟୁରୋ): କେନ୍ଦୁଝର ସଦର ଥାନାର ବାୟାପଣ୍ଡାଧାରରେ ସଶସ୍ତ





ଭାରତରେ ବଢୁଛି ପ୍ରିମିୟମ୍ ସ୍ମାର୍ଟଫୋନ୍ ଚାହିଦା

୨୦୨୫ରେ ଆପଲ୍‌ର ଐତିହାସିକ ରେକର୍ଡ

ନୂଆଦିଲ୍ଲୀ, ୨।୨: ଭାରତୀୟ ସ୍ମାର୍ଟଫୋନ୍ ବଜାର ପାଇଁ ୨୦୨୫ ବର୍ଷଟି ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଛି। କାଉଣ୍ଟରପଏଣ୍ଟ ରିସର୍ଚ୍ଚର ରିପୋର୍ଟ ଅନୁଯାୟୀ, ଗତବର୍ଷ ଭାରତୀୟ ବଜାରରେ ଶସ୍ତା ଫୋନ୍ ଅପେକ୍ଷା ଦାମୀ ସ୍ମାର୍ଟଫୋନର ଚାହିଦା ବହୁଗୁଣା ବୃଦ୍ଧି ପାଇଛି। ସାମଗ୍ରିକ ଭାବେ ବଜାରର ବିକ୍ରି ପରିମାଣ ମାତ୍ର ୧ ପ୍ରତିଶତ ବଢ଼ିଥିବା ବେଳେ ଏହାର ମୋଟ ମୂଲ୍ୟରେ ୮ ପ୍ରତିଶତର ବୃଦ୍ଧି ପରିଲକ୍ଷିତ ହୋଇଛି। ଏହି ଧାରାରେ ଆପଲ୍ ସବୁଠାରୁ ଆଗରେ ରହି ନିଜର ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛି।

୨୦୨୫ ମସିହାରେ ଆପଲ୍ ନିଜର ବିକ୍ରିରେ ୨୮ ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି। ଯାହା ବଜାରର ସାଧାରଣ ଅଭିବୃଦ୍ଧି ତୁଳନାରେ ଯଥେଷ୍ଟ ଅଧିକ। ବିଶେଷ କରି ଆଇଫୋନ ୧୬ ଭାରତରେ ସବୁଠାରୁ ଅଧିକ ବିକ୍ରି ହୋଇଥିବା ମଡେଲ୍ ଭାବେ ଉଭା ହୋଇଛି। କମ୍ପାନୀ ବର୍ତ୍ତମାନ ଭାରତୀୟ ସ୍ମାର୍ଟଫୋନ୍ ବଜାରର ମୋଟ ମୂଲ୍ୟର ୨୮ ପ୍ରତିଶତ ଅଂଶଧନ ଦଖଲ କରିଛି, ଯାହା ଏପର୍ଯ୍ୟନ୍ତର ସର୍ବୋଚ୍ଚ ରେକର୍ଡ। ଅନ୍ୟପଟେ, ବିକ୍ରି ପରିମାଣ ଦୃଷ୍ଟିରୁ ଭିଭୋ ୨୦ ପ୍ରତିଶତ ଶେୟାର ସହ ପ୍ରଥମ ସ୍ଥାନରେ ରହିଥିବା ବେଳେ ସାମସଙ୍ଗ ଦ୍ୱିତୀୟ ଏବଂ ଓପୋ ତୃତୀୟ ସ୍ଥାନ ବଜାୟ ରଖିଛନ୍ତି। ମୋଟୋରୋଲା ୫୪ ପ୍ରତିଶତ ବୃଦ୍ଧି ସହ ଦେଶର ଦ୍ରୁତତମ ଅଭିବୃଦ୍ଧିଶୀଳ ବ୍ରାଣ୍ଡ ସାବ୍ୟସ୍ତ ହୋଇଛି। ସହଜ ଫାଇନାନ୍ସିଂ ଏବଂ ଇଏମଆଇ ସୁବିଧା ଯୋଗୁଁ ପ୍ରାୟ ୪୦ ପ୍ରତିଶତ ଗ୍ରାହକ ଦାମୀ ଫୋନ୍ କିଣିବାକୁ ପସନ୍ଦ କରିଛନ୍ତି, ଯାହା ବଜାରକୁ ଏକ ନୂଆ ମୋଡ଼ ଦେଇଛି।



ଉପରକୁ ଉଠିଲା ସେନସେକ୍ସ-ନିଫ୍ଟି

ନୂଆଦିଲ୍ଲୀ, ୨।୨: ରବିବାର କ୍ରାସ୍ କରିଥିଲା ସେୟାର ବଜାର। ବଜେଟ୍ ଦିନ ସେନସେକ୍ସ ଖସି ଯାଇଥିଲା। ନିବେଶକ ହଜାର ହଜାର କୋଟି ଟଙ୍କା ହରାଇଥିଲେ। କିନ୍ତୁ ସୋମବାର ବଦଳିଯାଇଛି ସେୟାର ମାର୍କେଟର ମୁଡ୍। ଉଭୟ ସେନସେକ୍ସ ଏବଂ ନିଫ୍ଟିରେ ବୃଦ୍ଧି ପରିଲକ୍ଷିତ ହୋଇଛି। ରେଡ୍ ଜୋନରେ ଓପନ ହେଲା ପରେ ସୋମବାର ବିଏସଇ ସେନସେକ୍ସ ୪୫୦ ଅଙ୍କ ବଢ଼ିଯାଇଛି। ଏନଏସଇ ନିଫ୍ଟି ମଧ୍ୟ ୨୪ ହଜାର ୯୦୦ ସ୍ତର ଅତିକ୍ରମ କରିଛି। ଏହାପରେ ନିଫ୍ଟି ସାମାନ୍ୟ ଖସିଛି। ରବିବାର ଦେଶରେ ସାଧାରଣ ବଜେଟ୍ ଉପସ୍ଥାପନା ହୋଇଥିଲା। ଏଥିରେ ସିକ୍ୟୁରିଟି ଟ୍ରାଞ୍ଜାକ୍ସନ ଟିକସ ବୃଦ୍ଧି ନେଇ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଘୋଷଣା କରିଥିଲେ। ଏହାପରେ ନିଫ୍ଟି ଏବଂ ସେନସେକ୍ସ କ୍ରାସ୍ କରିଯାଇଥିଲା। ସେନସେକ୍ସ ପ୍ରାୟ ୨୪୦୦ ଅଙ୍କ ଖସିଥିଲା। ନିଫ୍ଟି ମଧ୍ୟ ୭୫୦ ଅଙ୍କ ହ୍ରାସ ପାଇଥିଲା। ବଜାରରେ ହାହାକାର ସୃଷ୍ଟି ହେବା ସହ ନିବେଶକଙ୍କ ପ୍ରାୟ ୧୧ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଥିଲା। ସୋମବାର ବଜାର ଆରମ୍ଭରୁ କ୍ଷତିରେ ଥିଲା। ରବିବାର ସେନସେକ୍ସ ୮୦ ହଜାର ୭୨୨ରେ ବନ୍ଦ ହୋଇଥିଲା। ହେଲେ ସୋମବାର ଏହା ୮୦୫୫୫ରେ ଖୋଲିଥିଲା। ପରେ ଏହା ୮୦୪୮୦କୁ ଖସି ଆସିଥିଲା। କିନ୍ତୁ କିଛି ମିନିଟ୍ ପରେ ୪୬୬ ଅଙ୍କ ବୃଦ୍ଧି ପାଇ ୮୧ ହଜାର ୨୧୧ ସ୍ତର ଛୁଇଁଥିଲା। ନିଫ୍ଟି ମଧ୍ୟ ରବିବାର ୨୪,୮୨୫ରେ କାରବାର ବନ୍ଦ କରିଥିଲା। ସୋମବାର ଏହା ୨୪୯୪୨ ରେ ଟେଣ୍ଡ୍ କରୁଛି।

ରେଳ ବଜେଟରେ ଓଡ଼ିଶାକୁ ୧୦ ହଜାର ୯୨୮ କୋଟି



ନୂଆଦିଲ୍ଲୀ: ଗତକାଲି କେନ୍ଦ୍ରୀୟ ବଜେଟ୍ ୨୦୨୬-୨୭ ଲୋକସଭାରେ ଆଗତ ହେବା ପରେ ଆଜି ରେଳ ବଜେଟ୍‌ରେ ଚିତ୍ର ସାମ୍ନାକୁ ଆସିଛି। ଓଡ଼ିଶା ପାଇଁ ରେଳ ବଜେଟରେ ୧୦ ହଜାର ୯୨୮ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି, ଯାହା ଗତ ବର୍ଷ ଅନୁଦାନଠୁ ଅଧିକ। ଗତ ଥର ଓଡିଶାକୁ ମିଳିଥିଲା ୧୦.୫୯୯ କୋଟି କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନି ବୈଷ୍ଣବ ସୋମବାର ସାମ୍ବାଦିକ ସମ୍ମିଳନୀରେ ଏହାର ସୂଚନା ଦେଇଛନ୍ତି। ଓଡ଼ିଶାକୁ ଫୋକସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରଖିଥିବା ବୈଷ୍ଣବ କହିଛନ୍ତି।

ସେ କହିଛନ୍ତି, ୫ ବର୍ଷରେ ଓଡ଼ିଶାକୁ ମିଳିବ ଏକ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ। ଇଷ୍ଟ-ଓ୍ୱେଷ୍ଟ କରିଡ଼ରରୁ ଓଡ଼ିଶାକୁମିଳିବ ଫାଇଦା। ଇଷ୍ଟ-ଓ୍ୱେଷ୍ଟ କରିଡର ଓଡ଼ିଶା ଦେଇ ଛତିଶଗଡ଼, ମହାରାଷ୍ଟ୍ର, ଗୁଜରାଟ ଯିବ। ଏହା ସହିତ ୧୭ ନୂଆ ପ୍ରକଳ୍ପ ଆରମ୍ଭ କରିବାକୁ ଯୋଜନା ରହିଛି। ଗତ ୧୧ ବର୍ଷରେ ରାଜ୍ୟରେ ୨୨୦୦ କିମି ନୂଆ ଟ୍ରାକ ହୋଇଛି। ଯାହା ସମଗ୍ର ମାଲେସିଆରେ ଥିବା ଟ୍ରେନ ଟ୍ରାକ୍ ଠାରୁ ଅଧିକ।

ରାଜ୍ୟରେ ଏପର୍ଯ୍ୟନ୍ତ ୯୦ କୋଟି ଟଙ୍କାର ପ୍ରକଳ୍ପ କାମ ଚାଲିଛି। ଆଉ ୧୦ କୋଟି ଟଙ୍କା କଲେ ଆମର ମିସନ ପୂରା ହେବ। ରାଜ୍ୟରେ ୬ଟି ବନ୍ଦେ ଭାରତ ଏବଂ ୬ଟି ଅମୃତ ଭାରତ ଏକ୍ସପ୍ରେସ୍ ଚାଲିଛି। ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଏହା କହିଛନ୍ତି। ଟ୍ରେନ ଧକ୍କାରେ ହାତୀ ମୃତ୍ୟୁ ରୋକିବାକୁ ରେଳ ବିଭାଗର ବଡ଼ ପଦକ୍ଷେପ ନିଆଯାଉଛି। ସମ୍ବେଦନଶୀଳ ସ୍ଥାନରେ ଲାଗିବ ଅପ୍ଟିକାଲ ଫାଇବର। ଆଗକୁ ୬ ମଧ୍ୟରେ AI ବେସ ଥର୍ମାଲ କ୍ୟାମେରା ଲଗେଇବାକୁ ଯୋଜନା ରହିଛି । ସାରା ଦେଶରେ ୨୦୦ ଜାଗାରେ ତିଆରି ହେବ ଅଣ୍ଡର ପାସ।

୨୦୨୬ ସୁଦ୍ଧା ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ ସରିବ। ଏବେ ୭ଟି ଟନେଲ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୨୦୨୬ ଶେଷ ସୁଦ୍ଧା ଖୋର୍ଦ୍ଧା ସହ ଯୋଡି ହେବ ବଲାଙ୍ଗୀର। ୨୨୬ କିମି ରେଳ ଲାଇନ ତିଆରି ସରିଛି। ବାକି ୭୫ କିମି ରେଳ ଲାଇନ ପାଇଁ୭ ଟି ଟନେଲ କାମ ସରିଛି। ୨୦୨୬ ଶେଷ ସୁଦ୍ଧା ପୁରା କାର୍ଯ୍ୟ ସରିବ। ରାଜ୍ୟର ୩ ଅମୃତ ଷ୍ଟେସନ କାର୍ଯ୍ୟ ସମାପ୍ତ ହୋଇଛି।

ପାରଳାଖେମୁଣ୍ଡି, ତାଳଚେର, ବରପାଲି, ଷ୍ଟେସନ କାର୍ଯ୍ୟ ସରିଛି। ଅନ୍ୟ ଷ୍ଟେସନ ନବୀକରଣ କାର୍ଯ୍ୟ ୨୦୨୬ ଡିସେମ୍ବର ସୁଦ୍ଧା ସାରିବାକୁ ଲକ୍ଷ୍ୟ ରଖା ଯାଇଛି। ଗତବର୍ଷ ଇଷ୍ଟ କୋଷ୍ଟ ରେଳବାଇକୁ ମିଳିଥିବା ଅର୍ଥରୁ ୮୮ ପ୍ରତିଶତ ଖର୍ଚ୍ଚ ହୋଇ ସାରିଛି । ଓଡିଶା ଖର୍ଚ୍ଚ କରି ସରିଛି ୯୧ ପ୍ରତିଶତ।

ଉଲ୍ଲେଖନୀୟ ୨୦୨୫ରେ ଓଡ଼ିଶାକୁ ରେଲଓ୍ୱେ ବଜେଟରେ ୧୦ ହଜାର ୫୯୯ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ମୋଟ୍ ସମଗ୍ର ଦେଶ ପାଇଁ ୨.୫୨ ଲକ୍ଷ କୋଟି ଟଙ୍କାର ରେଳ ବଜେଟ୍ ଘୋଷଣା ହୋଇଥିଲା।

ସର୍ବାଧିକ ସୁନା ଭଣ୍ଡାର ଥିବା ଟପ୍ ଟେନ୍ ଦେଶ

ନୂଆଦିଲ୍ଲୀ ୦୨/୦୨: ବିଶ୍ୱର ବିଭିନ୍ନ ଦେଶ ପାଇଁ ସୁନା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମ୍ପତ୍ତି ମଧ୍ୟରୁ ଗୋଟିଏ। କାରଣ ସୁନାକୁ କଷ୍ଟକର ସମୟ, ଆର୍ଥିକ ନିର୍ଭରଯୋଗ୍ୟ, ନିରାପଦ ଏବଂ ବ୍ୟବସାୟ କରିବା ସହଜ ବୋଲି ବିବେଚନା କରାଯାଏ। କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ଏହା ଉପରେ ନିର୍ଭର ବି କରନ୍ତି। ଏହି ଖାସ୍ ବିଶେଷତ୍ୱ ହେତୁ, ସୁନା ଜାତୀୟ ଭଣ୍ଡାରର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇ ରହିଛି। ବିଶ୍ୱରେ ଯେତେ ସୁନା ଖନନ କରାଯାଇଛି ତାହାର ପ୍ରାୟ ୨୦ ପ୍ରତିଶତ ସୁନା ରହିଛି କେନ୍ଦ୍ରୀୟ ବ୍ୟାଙ୍କ ନିକଟରେ।

ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠିର ଆନ୍ତର୍ଜାତୀୟ ଆର୍ଥିକ ପରିସଂଖ୍ୟାନ (IFS) ଓ ସାର୍ବଜନୀନ ଘୋଷଣା ସୁନା ଭଣ୍ଡାର ବିଷୟରେ ସୂଚନାର ଉତ୍ସ। ଏହି ସୂଚନା ଦେଶଗୁଡ଼ିକ ଦ୍ୱାରା ସ୍ଥଗିତ ସୁନାର ପରିମାଣ, ସେମାନଙ୍କର କ୍ରୟ-ବିକ୍ରୟର ଆବୃତ୍ତି ଓ ସେମାନଙ୍କର ମୋଟ ବିଦେଶୀ ଭଣ୍ଡାରରେ ସୁନାର ଅନୁପାତକୁ ପ୍ରଦର୍ଶନ କରେ।

୨୦୨୬ରେ, ସୁନା ପୁଣି ଥରେ ବିଶ୍ୱବ୍ୟାପୀ ସବୁଠାରୁ ମୂଲ୍ୟବାନ ସମ୍ପତ୍ତି ଭାବେ ସ୍ଥାନ ପାଇଛି। ସୁନା ମୂଲ୍ୟ ଦ୍ରୁତ ଭାବରେ ବୃଦ୍ଧି ପାଇବା ସହିତ, ଅନେକ ଦେଶ ମୁଦ୍ରାସ୍ଫୀତି, ବିଶ୍ୱ ସଂଘର୍ଷ, ମୁଦ୍ରାର ହ୍ରାସ ଓ ଆର୍ଥିକ ଅନିଶ୍ଚିତତାରୁ ସେମାନଙ୍କର ଅର୍ଥନୀତିକୁ ରକ୍ଷା କରିବା ପାଇଁ ସେମାନଙ୍କର ଭଣ୍ଡାର ବୃଦ୍ଧି କରୁଛନ୍ତି।ବିଶ୍ୱ ସୁନା ପରିଷଦ ନିୟମିତ ଭାବରେ IMF ତଥ୍ୟ ତଥା ସରକାରୀ ରିପୋର୍ଟ ବ୍ୟବହାର କରି ଦେଶ-ୱାରୀ ସୁନା ଧାରଣକୁ ଅପଡେଟ୍ କରେ। ଯେହେତୁ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ସୁନା କିଣିବା ଏବଂ ବିକ୍ରୟ କରିବା ଜାରି ରଖନ୍ତି, ତେଣୁ ସମୟ ସମୟରେ ରାଙ୍କିଂ ସାମାନ୍ୟ ପରିବର୍ତ୍ତନ ହୋଇପାରେ।

୮,୧୩୩ ଟନ୍ ରୁ ଅଧିକ ସୁନା ସହିତ, ଯୁକ୍ତରାଷ୍ଟ୍ର ବିଶ୍ୱର ସର୍ବବୃହତ ସୁନା ଭଣ୍ଡାରଧାରକ ହୋଇରହିଛି। ନ୍ୟୁୟର୍କର ଫେଡେରାଲ୍ ରିଜର୍ଭ ବ୍ୟାଙ୍କ ଓ ଫୋର୍ଟ ନକ୍ସ ଭଳି ଅନେକ ସ୍ଥାନରେ ରଖାଯାଇଥିବା ଏହାର ଭଣ୍ଡାର ଯୋଗୁଁ ଆମେରିକା ଅନ୍ୟ ଦେଶମାନଙ୍କ ତୁଳନାରେ ଏକ ଗୁରୁତ୍ୱପୂର୍ଣ୍ଣ ଧାରା ବଜାୟ ରଖିଛି।ବିଶ୍ୱ ସୁନା ଭୂଦୃଶ୍ୟରେ ୟୁରୋପ ମଧ୍ୟ ଏକ ପ୍ରମୁଖ ଭୂମିକା ଗ୍ରହଣ କରେ। ଜର୍ମାନୀ, ଇଟାଲୀ ଓ ଫ୍ରାନ୍ସ ମିଳିତ ଭାବରେ ହଜାର ହଜାର ଟନ୍ ସୁନା ରଖିଛନ୍ତି। ଯାହାର ଅଧିକାଂଶ ବ୍ରେଟନ୍ ଉଡ୍ସ ଯୁଗରେ ସଂଗୃହିତ ହୋଇଥିଲା। ଏହି ଭଣ୍ଡାରଗୁଡ଼ିକ ଏବେ ବି ଏହି କ୍ଷେତ୍ର ପାଇଁ ଆର୍ଥିକ ସ୍ଥିରତାର ମୂଳଦୁଆ ଭାବେ ବିବେଚନା କରାଯାଏ। ଯେବେ ୟୁରୋପର ଟପ୍ ଇକୋନମିକୁ ମିଶ୍ରଣ କରାଯାଏ, ତେବେ ମୋଟ୍ ସୁନା ଆମେରିକାକୁ ଟକ୍କର ଦେଇଥାଏ।ତଥାପି, ସୁନା ବଜାରରେ ଏସିଆର ବିସ୍ତାରିତ ପ୍ରଭାବକୁ ଅଣଦେଖା କରିବା ଅସମ୍ଭବ। ଏହାର ସମ୍ପତ୍ତିକୁ ବିବିଧ କରିବା ଓ ଆମେରିକୀୟ ଡଲାର ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ଏହାର ରଣନୀତିର ଏକ ଅଂଶ ଭାବରେ, ଚୀନ୍ ଗତ କିଛି ବର୍ଷ ମଧ୍ୟରେ ଧୀରେ ଧୀରେ ଏହାର ସୁନା ଭଣ୍ଡାର ବୃଦ୍ଧି କରିଛି। ବର୍ଦ୍ଧିତ ଭୂ-ରାଜନୈତିକ ଚିନ୍ତା ଯୋଗୁଁ ସୁନା ଚୀନ୍ର ଦୀର୍ଘକାଳୀନ ରଣନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇପଡୁଛି।



୭୫୦୦୦ ଟଙ୍କାରୁ ଅଧିକ ଜିନିଷ ଉପରେ ଲାଗିବ ଡ୍ୟୁଟି ଚାର୍ଜ


ନୂଆଦିଲ୍ଲୀ ୨।୨: ଏବେ ୭୫,୦୦୦ ଟଙ୍କା ମୂଲ୍ୟର ସାମାନ ବିନା କଷ୍ଟମ ଡ୍ୟୁଟି(ସୀମା ଶୁଳ୍କ)ରେ ଭାରତ ଅଣାଯାଇ ପାରିବ। ରବିବାର ଜାରି ବ୍ୟାଗେଜ୍ ନିୟମ ୨୦୨୬ ଅଧିସୂଚନା ଅନୁସାରେ ବିମାନ ଯୋଗେ ହେଉ ଅଥବା ସମୁଦ୍ର ପଥରେ ଭାରତ ଆସୁଥିବା ଭାରତୀୟ ଅଥବା ଭାରତୀୟ ବଂଶୋଦଭବ ପର୍ଯ୍ୟଟକ ଏହି ମୂଲ୍ୟର ସାମାନ ଏବେ ନିଜ ସହ ଆଣି ପାରିବେ। ପୂର୍ବରୁ ଇମ୍ପୋର୍ଟେଡ ସାମଗ୍ରୀ ପାଇଁ ଏହି ସୀମା ୫୦,୦୦୦ ଟଙ୍କା ଥିଲା। ବିଦେଶ ଯାତ୍ରା ଓ ସମୟର ଆବଶ୍ୟକତା ଅନୁସାରେ ଏହି ବୃଦ୍ଧି ଲାଗୁ କରାଯାଇଛି।

ଅଧିକାରୀକ ନୋଟିସ୍ ରେ କୁହାଯାଇଛି ଯେ ଭାରତ ଆସୁଥିବା ଯାତ୍ରୀ (ଶିଶୁ ମଧ୍ୟ ସାମିଲ) ଦୈନନ୍ଦିନ ଆବଶ୍ୟକତା ପୂରଣ କରିବା ପାଇଁ ଆବଶ୍ୟକ ଉପଯୋଗ ହେଉଥିବା ବ୍ୟକ୍ତିଗତ ସାମାନ ଓ ଯାତ୍ରୀ ସ୍ମୃତି ଚିହ୍ନ ଯାହା ତାଙ୍କ ବାସ୍ତବିକ ବ୍ୟାଗେଜରେ ରହିଛି ତାହା ବିନା ଶୁଳ୍କରେ ନେଇ ଯିବାକୁ ଅନୁମତି ଅଛି। ନୂଆ ବ୍ୟାଗେଜ ନିୟମ ୨ ଫେବୃଆରୀ ମଧ୍ୟ ରାତ୍ରରୁ ସାରା ଦେଶରେ ଲାଗୁ ହୋଇ ଯାଇଛି। ଏହି ନିୟମ ୨୦୧୬ରୁ କାର୍ଯ୍ୟକାରୀ ହେଉଥିବା ନିୟମର ସ୍ଥାନ ନେବ। ବିଦେଶୀ ପର୍ଯ୍ୟଟକଙ୍କ ନିମନ୍ତେ ମଧ୍ୟ ନିୟମରେ ପରିବର୍ତ୍ତନ କରାଯାଇଛି। ଭାରତ ଆସୁଥିବା ଯାତ୍ରୀଙ୍କ ୨୫ ହଜାର ଟଙ୍କା ମୂଲ୍ୟର ସାମାନ ଏବେ ଶୁଳ୍କ ମୁକ୍ତ ହୋଇଯାଇଛି। ପୂର୍ବରୁ ଏହା ୧୦ ହଜାର ଟଙ୍କା ସାମଗ୍ରୀ ପର୍ଯ୍ୟନ୍ତ ନିର୍ଦ୍ଧାରିତ ଥିଲା। ସେହିପରି ଆଭୂଷଣ ନିମନ୍ତେ ଏକ ଅଲଗା ସୀମା ନିର୍ଦ୍ଧାରିତ ହୋଇଛି। ୧ ବର୍ଷରୁ ଅଧିକ ସମୟ ଧରି ବିଦେଶରେ ବସବାସ କରୁଥିବା ଭାରତୀୟ ଓ ପର୍ଯ୍ୟଟକଙ୍କ ନିମନ୍ତେ ୪୦ ଗ୍ରାମ ପର୍ଯ୍ୟନ୍ତ ଆଭୂଷଣ ଶୁଳ୍କ ମୁକ୍ତ ରହିବ। ତେବେ ଏହି ସୀମା ମହିଳା ଯାତ୍ରୀଙ୍କ ନିମନ୍ତେ, ଅନ୍ୟ ଯାତ୍ରୀଙ୍କ ନିମନ୍ତେ ଏହି ସୀମା ୨୦ ଗ୍ରାମ । ଏଥିରେ ଆଭୂଷଣର ସ୍ପଷ୍ଟ ପରିଭାଷା ଯେପରି ସୁନା, ରୂପା, ପ୍ଲାଟିନମ ଓ ଅନ୍ୟ ମୂଲ୍ୟବାନ ଧାତୁ ମଧ୍ୟ ରହିଛି। ଏହି ନିୟମ ଅନ୍ତର୍ଜାତୀୟ ମାର୍ଗରେ ନିଜର ସେବା ସମାପ୍ତ କରିଥିବା କ୍ରୁ ମେମ୍ବରଙ୍କ ନିମନ୍ତେ ମଧ୍ୟ ଲାଗୁ ହେବ। ସେମାନେ ବୃଡ଼ାନ୍ତ ପୈଠ ପରେ ନିଜ ସାମଗ୍ରୀ ବିନା ଶୁଳ୍କରେ ସାଙ୍ଗରେ ନେଇ ଯାଇ ପାରିବେ। ସେହିପରି ବ୍ୟକ୍ତିଗତ ଓ ପାରିବାରିକ ବ୍ୟବହାର ନିମନ୍ତେ ଛୋଟ ଉପହାର ଆଣିବାକୁ ମଧ୍ୟ ଅନୁମତି ରହିଛି। ହେଲେ ଏଥି ପାଇଁ ସର୍ତ୍ତ ରହିଛି ଯେ ଏହାର ମୂଲ୍ୟ ଯେପରି ଅଢେଇ ହଜାର ଟଙ୍କାରୁ ଅଧିକ ହୋଇ ନଥାଏ।



ଆଜିର ସୁନା ଦର

ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୮,୬୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୫,୪୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୮,୬୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୪୫,୪୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୫୮,୬୨୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୪୫,୪୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୫୯,୮୬୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୪୬,୫୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୯,୮୨୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୬,୫୦୦ଟଙ୍କା ରହିଛି।ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୮,୬୨୦ ଓ ୧,୪୫,୪୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୩,୩୫,୦୦୦ ଟଙ୍କା ହୋଇଛି।



ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୬ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୪ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

ଆବାସ ଯୋଜନାରେ ମିଳୁନି ଘର

ଭଙ୍ଗାଦଦରା ଘରେ ବିତୁଛି ଜୀବନ





କଳାହାଣ୍ଡି,୨।୨ (ସଂଚାର ବ୍ୟୁରୋ): ସରକାରଙ୍କ ଆବାସ ଯୋଜନାରେ ଘର ପାଇବାକୁ ଯୋଗ୍ୟ ଥିବା ଅନେକ ଗରିବ ପରିବାର ଆଜି ଯାଏଁ ବଞ୍ଚିତ ହୋଇ ରହିଛନ୍ତି। ଭଙ୍ଗା ବଦରା ଝାଟିମାଟି କୁଡିଆ ତଥା ଚାଳଛପର ଘରେ ଜୀବନ କାଟୁଥିବା ହିତାଧିକାରୀମାନେ ବାରମ୍ବାର ଆବେଦନ କରି ଆସୁଥିଲେ ମଧ୍ୟ ସରକାରୀ ସୁବିଧା ପାଇବାରୁ ବଞ୍ଚିତ ରହୁଛନ୍ତି। ଗରିବଙ୍କ ମୁଣ୍ଡ ଉପରେ ଛାତ ଦେବାର ସ୍ୱପ୍ନ ନେଇ ସରକାର ଆରମ୍ଭକରିଥିଲେ ଆବାସ ଯୋଜନା। ହେଲେ ଆଜି ମଧ୍ୟ ଅନେକ ଯୋଗ୍ୟ ହିତାଧିକାରି ସେହି ସ୍ୱପ୍ନରୁ ବଞ୍ଚିତ ରହୁଛନ୍ତି। କଳାହାଣ୍ଡି ଜିଲ୍ଲା ଆଦିବାସୀ ଅଧୂଷିତ ଥୁଆମୂଳ ରାମପୁର ବ୍ଲକ୍ କର୍ଲାପାଟ ପଞ୍ଚାୟତ ଜୁଆଙ୍ଗ ଗ୍ରାମରେ ବସବାସ କରୁଥିବା ଦୁଇ ଗରିବ ଅସହାୟ ପରିବାର ପାଇଁ ଆବାସ ଯୋଜନା ଦିବା ସପ୍ନ ପାଇଟିଛି।

ଗ୍ରାମର ବେଲାଳସେନ୍ ପାଲଙ୍କ ପରିବାର ଏକ ଅସୁରକ୍ଷିତ ଚାଳଛପର ଘରେ ବସବାସ କରୁଥିବା ଦେଖିବାକୁ ମିଳିଛି। ସରକାରଙ୍କ ଆବାସ ଯୋଜନାରୁ ପକ୍କା ଘର ଖଣ୍ଡେ ମିଳିବା ଆଶା ନେଇ ଅନେକ ଥର ଆବେଦନ କରିଛନ୍ତି। ହେଲେ ଆଜି ବି ଏମାନଙ୍କ ପାଇଁ ସାତସପନ ସାଜିଛି। ବର୍ଷ ପରେ ବର୍ଷ ବାତିଯାଉଥିଲେ ମଧ୍ୟ ଆଜିଯାଏ ହତାଶ ହେବାକୁ ପଡିଛି । ପରିବାରରେ ସ୍ତ୍ରୀ ଜାନକା ଏବଂ ଦୁଇ କୋମଳମତି ପୁଅ ଶିବାସନ ଓ ଟୋନିଙ୍କୁ ନେଇ ବହୁ କଷ୍ଟରେ ପରିବାର ପ୍ରତିପୋଷଣ କରୁଛନ୍ତି। ବେଲାଳସେନଙ୍କ ପାଖରେ ଘର ସଜାଡିବା ପାଇଁ ଆର୍ଥିକ ସମ୍ବଳ ନିଅଣ୍ଟ। ସରକାରୀ ସହାୟତା କହିଲେ ମାସକୁ ୨୦ କେଜି ଚାଉଳ ବ୍ୟତୀତ ନା ମିଳୁଛି ରୋଜଗାରର ସାଧନ ନା କୌଣସି ଆର୍ଥିକ ସହାୟତା ।

ସେହିପରି ଗାଁର ରାଇ ମାଝୀଙ୍କ ପରିବାର ମଧ୍ୟ ଏଭଳି ଦୟନୀୟ ଅବସ୍ଥାରେ ଏମିତି ଚାଳଛପର ଘରେ ରହୁଛନ୍ତି। ନିଜର ସ୍ତ୍ରୀ ବିନୋଦିନିଙ୍କ ସହିତ ପୁଅ ସଦ୍ଧ, ଝିଅ ପଙ୍କଜିନୀ ଏବଂ ସାନ ପୁଅ ସୁବ୍ରତ ଏହି ତିନି ଛୁଆଙ୍କୁ ନେଇ ଦୁର୍ବିସହ ଜୀବନ କାଟୁଛନ୍ତି ରାଇ ମାଝୀ। କାମଧନ୍ଦାର ଅନ୍ୱେଷଣରେ ବାହାର ଜିଲ୍ଲାକୁ ଯାଇ ଦାଦନ ଖଟି ପରିବାର ଚଳାଉଥିବା ଏହି ଗରିବ ପରିବାର ପାଖରେ ଭଲ ଘର ଖଣ୍ଡେ ତିଆରି କରିବା ପାଇଁ ରହିଛି ଘୋର ସମ୍ବଳର ଅଭାବ।

ସରକାର ସମସ୍ତ ଗରିବଙ୍କୁ ଆବାସ ଯୋଜନାରେ ପକ୍କା ଘର ଦେଉଥିବା ବେଳେ ବେଲାଳସେନଙ୍କ ପରିବାର ଏବଂ ରାଇ ମାଝୀଙ୍କ ପରିବାର ଆଜି ବି ଆଶା ବାନ୍ଧିଛନ୍ତି। ଇତି ମଧ୍ୟରେ ଅନେକ ଥର ସର୍ଭେ ହେଇସାରିଛି। ହେଲେ ଏହି ଦୁଇ ପରିବାରକୁ କାହିଁକି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉନାହିଁ? ଏହା କେବଳ ଯୋଜନାର ବିଫଳତା ନୁହେଁ କି ? ବରଂ ସାମାଜିକ ନ୍ୟାୟ ପ୍ରତି ଏକ ଗଭୀର ପ୍ରଶ୍ନ? ଯୋଜନା ସଫଳ ହେବାକୁ ହେଲେ ସଠିକ୍ ସର୍ବେକ୍ଷଣ, ପାରଦର୍ଶିତା ଓ ଦାୟିତ୍ୱବୋଧ ଆବଶ୍ୟକ। ନହେଲେ ସମସ୍ତଙ୍କ ପାଇଁ ଆବାସ ଯୋଜନାରୁ ଘର ଖଣ୍ଡେ ସପ୍ନ ହୋଇ ରହିଯିବ। ଜିଲ୍ଲା ପ୍ରଶାସନ ଏହି ଦୁଇ ଗରିବ ପରିବାର ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ନାବାଳିକାକୁ ଅପହରଣ

ହାତ ଗୋଡ଼ ବାନ୍ଧି ଛାଡ଼ି ପଳାଇଲେ, ରାତି କାଟିଲେ ଜଙ୍ଗଲରେ



ଫୁଲବାଣୀ,୨।୨ (ସଂଚାର ବ୍ୟୁରୋ): ଅପହରଣ କରି ହାତ ଗୋଡ଼ ବାନ୍ଧି ଜଙ୍ଗଲରେ ଛାଡି ପଳାଇଲେ ରାତି କିଟି କିଟି ଅନ୍ଧାରଭିତରେ ଘଞ୍ଚ ଜଙ୍ଗଲରେ ଭୟରେ ଜୀବନ ବଞ୍ଚାଇ କୌଣସି ପ୍ରକାରେ ଉଧାର ହୋଇ ସକାଳେ ଘରକୁ ଫେରିଛି ଜଣେ ୧୪ ବର୍ଷୀୟ ନାବାଳିକା । ଏପରି ଘଟଣା କନ୍ଧମାଳ ଜିଲ୍ଲା ବେଲଘର ଥାନା ଅଞ୍ଚଳରେ ଘଟିଛି।ସୂଚନା ପ୍ରକାରେ ନାବାଳିକା ଗତ ରବିବାର ପୂର୍ବାହ୍ନରେ ଏକୁଟିଆ ଗାଧୋଇବା ପାଇଁ ଯାଇଥିଲା ନଦୀକୁ।ପୂର୍ବ ଯୋଜନା ପ୍ରକାରେ ସେହି ଅଂଚଳର ଦୁଇ ଜଣ ଯୁବକ ନାବାଳିକାକୁ ଗାଧୋଇବା ତୁଠରୁ ଉଠାଇ ନେଇଗଲେ ଏକ ଘଞ୍ଚ ଜଙ୍ଗଲକୁ । ସେଠାରେ ନାବାଳିକା କୁ ଶାରୀରିକ ସମ୍ପର୍କର ରଖିବା ପାଇଁ ଜବରଦସ୍ତ କରିଥିଲେ କିନ୍ତୁ ନାବାଳିକା ରାଜି ନହେବା ରୁ ପିନ୍ଧି ଥିବା ପୌଷକ ଚିରି ଦେଇ ଭିଡିଓ କରି ଭାଇରଲ କରିଦେବୁ ଧମକ ଦେବା ସହିତ ତାଙ୍କୁ ମାଡ଼ ମାରି ପାଟିରେ କପଡ଼ା ଓ ହାତ ଗୋଡ଼ରେ ବାନ୍ଧି ସେହି ଘଞ୍ଚ ଜଙ୍ଗଲରେ ଛାଡ଼ି ଦେଇ ପଳାଇଲେ।ସେଠାରେ ରାତିର କିଟି କିଟି ଅନ୍ଧାର,ହିଂସ୍ରଜନ୍ତୁଙ୍କ ଭୟ ସହିତ ଶୀତ କାକରରେ ବଡ଼ କଷ୍ଟରେ ରାତି କାଟି ଥିବାବେଳେ ବନ୍ଧା ହାତଗୋଡ କିପରି ଖୋଲିହେବ ସେପ୍ରଚେଷ୍ଟ ଜାରି ରଖି ସକାଳ ହେବାରୁ କୌଣସି ପ୍ରକାରେ ଖୋଲି ପରି ବଡ଼ କଷ୍ଟରେ ଘରକୁ ଫେରି ପରିବାର ଲୋକଙ୍କୁ କହିଥିଲା।ଏନେଇ ପରିବାର ଲୋକେ ବେଲଘର ଥାନାରେ ଏକ ଲିଖିତ ଅଭିଯୋଗ ଦେଲା ପରେ ବେଲଘର ଥାନା ୧୦/୨୦୨୬ଏକ ମାମଲା ରୁଜୁ କରି ସେହ ଗ୍ରାମର ସୁଶୀଳ ନାୟକ ନାମକ ଜଣେ ଯୁବକକୁ ଅଟକ ରଖି ପଚାର ଉଚାର ଜାରି ରହିଛି ବୋଲି କହିଛନ୍ତି ବେଲଘର ପୋଲିସ।

ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ସୁନ୍ଦରଗଡ଼,୨।୨ (ସଂଚାର ବ୍ୟୁରୋ): ସୋମବାର ବାଲିଶଙ୍କରା ବ୍ଲକ ଅନ୍ତର୍ଗତ କାହ୍ନାକୁଣ୍ଡ ଦେବସ୍ଥଳୀ ଠାରେ ବ୍ଲକର ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ସରପଞ୍ଚ ବନମାଳୀ ନାଏକଙ୍କ ଆବାହକତ୍ୱରେ ବାଲିଶଙ୍କରା ବ୍ଲକର ନବ ନିଯୁକ୍ତ ବ୍ଲକ କଂଗ୍ରେସ ସଭାପତି ପିତାମ୍ବର ଶେଖର ଦେଓ ତଥା ନୂତନ ଭାବେ ବିଭିନ୍ନ ପଦ ପଦବୀ ପାଇଁ ନିଯୁକ୍ତି ପାଇ ଥିବା ଜିଲ୍ଲା ସ୍ତରୀୟ କର୍ମକର୍ତ୍ତାମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସର ମୁଖ୍ୟଅତିଥି ଭାବରେ ଜିଲ୍ଲା ସଭାପତି ନିର୍ମଳ କୁମାର ନାଏକ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଉପସଭାପତି ଅଜିତ ପ୍ରସାଦ, ଜିଲ୍ଲା ସାଧାରଣ ସମ୍ପାଦକ ଦେବେନ୍ଦ୍ର ଭିତ୍ରୀୟା, ରାଜେନ୍ଦ୍ର ପଟେଲ, ଏମ. ଡି. ହାରୁନ ରଶିଦ, ସନ୍ତୋଷ ସା, କୈଳାସ ତନ୍ତୀ, ନନ୍ଦଲାଲ ମିଂଜ଼ ଓ ସୁନ୍ଦରମଣି ପଟେଲ ମଂଚାସୀନ ଥିଲେ । ଜିଲ୍ଲା ସଭାପତି ଶ୍ରୀ ନାଏକ ଓ ମଂଚାସୀନ ଅତିଥି ବୃନ୍ଦ ଉପସ୍ଥିତ ସମସ୍ତଙ୍କୁ ଆଗାମୀ ଦିନରେ ପଞ୍ଚାୟତସ୍ତରୀୟ ନିର୍ବାଚନରେ କଂଗ୍ରେସ କିଭଳି ପ୍ରତି ପଞ୍ଚାୟତ ତଥା ପ୍ରତି ଗାଁରେ ବହୁ ସଂଖ୍ୟାରେ ଜିତି ପାରିବ ଓ ଜିଲ୍ଲା ପରିଷଦରେ ବହୁ ସଂଖ୍ୟାଗରିଷ୍ଠ ହାସଲ କରିପାରିବ, ସେଥିପାଇଁ ସମସ୍ତେ ଯତ୍ନବାନ ହେବା ବୋଲି ମତବ୍ୟକ୍ତ କରିଥିଲେ । ଏହି ସଭାରେ ବିଭିନ୍ନ ଦଳରୁ ବହୁସଂଖ୍ୟାରେ ଆସିଥିବା ଦଳୀୟ କର୍ମକର୍ତ୍ତା ମାନେ କଂଗ୍ରେସ ଦଳ ପ୍ରତି ଅନୁଗତ୍ୟ ପ୍ରକାଶ କରି ଦଳରେ ଯୋଗ ଦେଇଥିଲେ । ଜିଲ୍ଲା ସଭାପତି ଓ ମଂଚାସୀନ ଅତିଥି ବୃନ୍ଦ ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ପିନ୍ଧାଇ ସ୍ୱାଗତ ଜଣାଇଥିଲେ ଓ ଆଗାମୀ ଦିନରେ ଜଣେ ଜଣେ ସକ୍ରିୟ ସଦସ୍ୟ ଭାବରେ ଦଳର ହାତ ମୁଠାକୁ ଟାଣ କରିବା ପାଇଁ ଅନୁରୋଧ କରିଥିଲେ।

ଆଖଣ୍ଡଳମଣି ମଣ୍ଡଳର ଦ୍ୱିତୀୟ ବାର୍ଷିକ ପାଲା ସମ୍ମିଳନୀ

ଧାମନଗର,୨।୨ (ସଂଚାର ବ୍ୟୁରୋ): ଓଡ଼ିଆ ଭାଷା ସାହିତ୍ୟ ସହିତ ବିଭିନ୍ନ ରୀତି ଯୁଗୀୟ କବି ମାନଙ୍କୁ ଜନମାନସରେ ଉଜ୍ଜୀବିତ କରି ରଖିବାରେ ପାଲାଗାୟକ ମାନଙ୍କର ଭୂମିକା ଅତୁଳନୀୟ ସହ ବର୍ଷ ପୂର୍ବରୁ ସ୍ୱଳ୍ପ ପାଥେୟରେ ପାଲା ପରିବେଷଣ କରି ଭାଷା ସାହିତ୍ୟକୁ ସମୃଦ୍ଧ କରିଆସିଛନ୍ତି। ସାର୍ବଜନୀନ ଗାନ୍ଧୀମେଳା କମିଟି, ବେତାଳିଗାଁ ସହଯୋଗରେ ଆଖଣ୍ଡଳମଣୀ ପାଲା ମଣ୍ଡଳର ଦ୍ୱିତୀୟ ବାର୍ଷିକ ଉଦଘାଟନୀ ଉତ୍ସବରେ ଗାୟକ ଶରତ ସୁତାରଙ୍କ ସଭାପତିତ୍ୱରେ ଅତିଥି ମାନେ ମତ ପ୍ରକାଶ କରିଥିଲେ । ମୁଖ୍ୟ ଅତିଥି ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସମ୍ମାନ ପ୍ରାପ୍ତ ତଥା କଳା ସଂସ୍କୃତି ସଂଘର ଉପସଭାପତି ଗୁରୁ ସୁବାସ ଚନ୍ଦ୍ର ମଲ୍ଲିକ, ମୁଖ୍ୟ ବକ୍ତା ଅଧାପକ ନିକୁଞ୍ଜ କିଶୋର ଜେନା, ସମାନିତ ଅତିଥି ପାଳସାହି ସରପଞ୍ଚ ଅଜୟ ମଲ୍ଲିକ, ବରିଷ୍ଠ କଳାକାର ନିମାଇଁ ବାରିକ, ତ୍ରିଲୋଚନ ଦାଶ ପ୍ରମୁଖ ଉପସ୍ଥିତ ରହି ଆଲୋଚନା ଚକ୍ରରେ ଅଂଶ ଗ୍ରହଣ କରିଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ଶିକ୍ଷାବିତ୍ ନିରଞ୍ଜନ ଦାସ ଓ ସଭା ପରିଚାଳନା କରିଥିଲେ ଗାୟକ ଉପେନ୍ଦ୍ର ଦାସ ସମସ୍ତ କାର୍ଯ୍ୟକ୍ରମଟିକୁ ଗାୟକ ନିରାକାର ଜେନା, ମାମିନା ବେହେରା, ମମତା ପୁଷ୍ଟିଆ ପରିଚାଳନା କରିଥିଲେ। ପାଲା ପରିବେଷଣ କରିଥିଲେ ଗାୟକ ଉମାକାନ୍ତ ହୋତା, ସୁବାସ ବେହେରା, ଶରତସୁତାର, ଚନ୍ଦ୍ରମଣି ମହାପାତ୍ର, ମାମିନା ବେହେରା, ମମତା ପୁଷ୍ଟିଆ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

କୁଲଡିହା ବନବିଭାଗ ପକ୍ଷରୁ ଜଙ୍ଗଲ ପୋଡି ନିରାକାରଣ ସଚେତନତା ଅଭିଯାନ



ନୀଳଗିରି,୨।୨ (ସଂଚାର ବ୍ୟୁରୋ): ଓଡିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ, ବାଲେଶ୍ୱର ବନ୍ୟଜୀବ ବନଖଣ୍ଡ ଏବଂ କୁଲଡିହା ବନ୍ୟଜୀବ ବିଭାଗ ମିଳିତ ଉଦ୍ୟମରେ ଜଙ୍ଗଲ ନିଆଁ ନିରାକାରଣ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ବାଉଁଶବଣିଆ ପଞ୍ଚାୟତ ଖରାଖାଇ ଖେଳ ପଡିଆରେ ଆଜି ପୂର୍ବାହ୍ନ ୯ ଘଟିକା ସମୟରେ ଅନୁଷ୍ଠିତ ହୋଇଯାଇଛି। କୁଲଡିହା ରେଞ୍ଜ ଅଧିନ ପଞ୍ଚଲିଙ୍ଗେଶ୍ୱର ଫରେଷ୍ଟର ହୃଷିକେଶ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ନିରଞ୍ଜନ ବାରିକ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ସମାଜସେବୀ ତଥା ଟୁରିଷ୍ଟ ଗାଇଡର ମନୋରଞ୍ଜନ ଦାସ, ଯୋଗଦେଇ ଜଙ୍ଗଲ ନିଆଁକୁ ଆୟତ କରିବା ସହିତ ଜଙ୍ଗଲ ଜୀବଜନ୍ତୁଙ୍କୁ ସୁରକ୍ଷା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବନ୍ୟଜନ୍ତୁ ଏକ୍ସପାର୍ଟ, ରାଜ୍ୟ ଫରେଷ୍ଟ ରିସର୍ଚ୍ଚ ପର୍ସନ, ମାଷ୍ଟର ଟ୍ରେନର ତଥା ଶିମିଳିପାଳ ଅଭୟାରଣ୍ୟ ର ଗଜସାଥୀ ସୁବ୍ରତ କୁମାର ବିଶ୍ୱଳ ଯୋଗଦେଇ ଜଙ୍ଗଲ ନିଆଁ ଆୟତ୍ତକୁ ନେଇ ସଚେତନ କରିଥିଲେ। ବିଶେଷ କରି ମାର୍ଚ୍ଚ ମାସ ଠାରୁ ଜୁନ ମାସ ପର୍ଯ୍ୟନ୍ତ ୪ ମାସ ଧରି ବିଭିନ୍ନ କାରଣରୁ ଜଙ୍ଗଲରେ ନିଆଁ ଲାଗିଥାଏ। ଏଥିରେ ଜଙ୍ଗଲ ନିଆଁ କଣ, ଜଙ୍ଗଲ ନିଆଁ ର ପ୍ରଭାବ, ଜଙ୍ଗଲ ନିଆଁ କାହିଁକି ବିପତ୍ତି ଅଟେ, ଜଙ୍ଗଲ ନିଆଁ ପ୍ରତିକାର ପରିଚାଳନା, ତିନୋଟି ସ୍ଥିତି ଦାୟୀ ସମ୍ପର୍କରେ ସଚେତନ ଏବଂ ନିଆଁ ଲିଭାଇବା ପାଇଁ ଉପସ୍ଥିତ ସ୍ଥାନୀୟ ପଞ୍ଚାୟତ ବାସୀଙ୍କୁ ଶପଥ ପାଠ କରାଇଥିଲେ।

ରାତି ଅଧରେ ତୁଳଙ୍ଗ ସୋସାଇଟ୍‌ରୁ ଉଠୁଛି ଧାନ



ଜଗତସିଂହପୁର,୨।୨ (ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ତୁଳଙ୍ଗ ଶୋଷାଇଟ ରୁ ରାତି ଅଧରେ ଉଠୁଛି ଧାନ । ଯାହାକୁ ନେଇ ସାଧାରଣ ରେ ଅସନ୍ତୋଷ ପ୍ରକାଶ ପାଇଛି । ଚାଷୀ ତୁକନ କରି ମାସ ମାସ ଧରି ଧାନ ଦେବାକୁ ଅପେକ୍ଷା କରିଥିବା ବେଳେ ଏଠି ସୋସାଇଟ ସମ୍ପାଦକ ଓ ମିଲର ର ମଧୁ ଚନ୍ଦ୍ରିକା ରେ ବଳି ପଡ଼ିଛନ୍ତି ସାଧାରଣ ଚାଷୀ । ଦିନରେ ଧାନ ଉଠିଲେ କାଳେ ଲୋକଙ୍କ ନଜର କୁ ଆସିବ ସେଇଥିପାଇଁ ଶୋସାଇଟ ସମ୍ପାଦକ ମାନେ ମିଲର ଙ୍କ ଠାରୁ ମୋଟା ଅଙ୍କର ପିଶୀ ନେଇ ଧାନ ଉଠା ଆରମ୍ଭ କରିଛନ୍ତି। କେବଳ ତୁଳଙ୍ଗ ନୁହେଁ ଏଠାକାର ଆଖପାଖ ବହୁ ସୋଷାଇଟ୍ ମାନଙ୍କରେ ଏଭଳି ଅବସ୍ଥା ଦେଖିବାକୁ ମିଳୁଛି ନିଘୋଡ଼ ନିଦରେ ଲୋକେ ଶୋଇପଡ଼ିଲା ବେଳେ ଏମାନଙ୍କ ଅରାଜକତା ଆଖି ଖୋଲୁଛି। ଧାନ କିଣା ସମୟରେ ଏମାନଙ୍କ ପାଦୁର୍ଭାବ ବଢୁଥିବା ବେଳେ ବହୁ ବର୍ଷ ଧରି ଗୋଟେ ଗୋଟେ ସୋଷାଇଟ୍ କୁ ଅକ୍ତିଆର କରିଥିବା ସମ୍ପାଦକ ମାନଙ୍କୁ ଏନ୍ୟତ୍ର ବଦଳି କରିବାକୁ ସାଧାରଣ ରେ ଦାବି ଉଠିଛି ।

ପୋଖରୀ ଖୋଳାରେ ବ୍ୟାପକ ଜାଲିଆତି ଅଭିଯୋଗ

ବୈଶିଙ୍ଗା,୨।୨ (ସଂଚାର ବ୍ୟୁରୋ): ସରକାରଙ୍କ ଅମୃତ ସରୋବର ଯୋଜନାରେ କର୍ମନିଯୁକ୍ତି ସୃଷ୍ଟି ପାଇଁ ଯୋଜନା ପ୍ରସ୍ତୁତ କରାଗଲା । ମାତ୍ର ଏହି ଯୋଜନା ଯେ ବାଟବଣା ହେବ ଏକଥା କେବଳ ଯୋଜନକାରୀ ହିଁ ଜାଣିଥିଲେ । କାରଣ ମନରେଗା ନାମରେ ବିଲ ହେଉ ମାତ୍ର ଟ୍ରାକ୍ଟର ଓ ଜେସିବି ମେସିନରେ ଖୋଳି ଦେଇ ଠିକାଦାର ଓ ସଂପୃକ୍ତ ଯନ୍ତ୍ରୀ ଅଧା ଅଧା ଟଙ୍କା ବାଣ୍ଟିନେଲେ କାମ ସରିଲା। ଏଭଳି ଘଟଣା ଦେଖିବାକୁ ମିଳିଛି ମେର୍ଦ୍ଦା ପଞ୍ଚାୟତ ବୈଦିପୁର ଗ୍ରାମରେ।

ପୋଖରୀର ଆବଶ୍ୟକତା ନ ଥାଇ ମଧ୍ୟ ଏହି ଗ୍ରାମର ଗୋଡିପୋଖରୀଟିକୁ ଅମୃତ ସରୋବର ଯୋଜନାରେ ସାମିଲ କରାଯାଇ କାର୍ଯ୍ୟ ନିର୍ବାହୀ ସଂସ୍ଥା ଭାବେ ମେର୍ଦ୍ଦା ପଞ୍ଚାୟତ କାର୍ଯ୍ୟ ଆରମ୍ଭ କରିଲା। ଏଥିପାଇଁ ୨୦୨୫/୨୦୨୬ ଆର୍ଥିକ ବର୍ଷରେ ଦଶ ଲକ୍ଷ ଟଙ୍କା ମଞ୍ଜୁରୀ ମିଳିଲା। ଫଳକ ଲେଖା ହେବା ବେଳକୁ ସେଥିରେ କାର୍ଯ୍ୟାରମ୍ଭ ତା୧୫.୦.୨୫ ଲେଖାଯିବା ସହିତ କାର୍ଯ୍ୟ ଶେଷ ତା୧୫.୬. ୨୬ ଲେଖାଯାଇଛି ଏବଂ ଦୈନିକ ଶ୍ରମିକ ମଜୁରୀ ଟ୨୭୩ ଲେଖା ଯାଇଛି। ଏଥିରୁ କି ପ୍ରକାର ଜାଲିଆତି କରାଯାଇଛି ସ୍ପଷ୍ଟ ଅନୁମେୟ



କରାଯାଇପାରେ । ଏଥିସହିତ ଠିକାଦାରଙ୍କ ନାମ କିମ୍ବା ଫୋନ ନମ୍ବର ମଧ୍ୟ ଲେଖା ଯାଇନାହିଁ। ପୋଖରୀ ଖୋଳାରେ ଜେସିବି ମେସିନ ଏବଂ ଟ୍ରାକ୍ଟର ବ୍ୟବହାର କରାଯାଉଛି ମାତ୍ର ଜାଲି ଜବ୍ କାର୍ଡରେ ଟଙ୍କା ଉଠାଣ ହେଉଛି। ଏଥିପାଇଁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ସଂପୃକ୍ତ କନିଷ୍ଠ ଯନ୍ତ୍ରୀ ଏବଂ ଅତିରିକ୍ତ ଅଧିକ୍ଷଣ ଯନ୍ତ୍ରୀ ସମପରିମାଣରେ ଦାୟୀ। ଯେହେତୁ ବିଡିଓ ଏଥିରୁ ଦୁଇ ଶତକଡା ପିସି ପାଉଛନ୍ତି ତେଣୁ ସେ ଚୁପ୍ ରହିଛନ୍ତି। ଗ୍ରାମବାସୀ ମାନେ ଅଭିଯୋଗ କରିଥିଲେ ମଧ୍ୟ ବିଡିଓ କହିଲେ ସବୁ ଠିକ୍ ଚାଲିଛି।

ଏହି ଜାଲିଆତି ଖବର ଆମ ପ୍ରତିନିଧି ପାଇବା ପରେ ଏଇଇ ସୌମ୍ୟଶ୍ରୀ ଭୋଇଙ୍କୁ ଫୋନ ଦ୍ୱାରା ଯୋଗାଯୋଗ କରିବା ପରେ ସେ କହିଲେ ଏହା ପଞ୍ଚାୟତର କାମ ଏବଂ ସଂପୃକ୍ତ ଜେଇଙ୍କ ଦାୟିତ୍ୱରେ ରହିଛି। ଏଥିରୁ ୨୪ ବର୍ଷର ବିଜେଡି ସରକାର ବନାମ ୨୦ ମାସର ବିଜେପି ସରକାର ମଧ୍ୟରେ ଫରକ ଜନସାଧାରଣ ଦେଖିବେ ।

ବିଜୁ ପଟ୍ଟନାୟକ ମହିଳା ଡିଗ୍ରୀ କଲେଜରେ ଆତ୍ମସୁରକ୍ଷା ତାଲିମ ଶିବିର

ସୁବର୍ଣ୍ଣପୁର,୨।୨ (ସଂଚାର ବ୍ୟୁରୋ): ବିଜୁ ପଟ୍ଟନାୟକ ମହିଳା ଡିଗ୍ରୀ କଲେଜ ଠାରେ ରାଜ୍ୟ ସରକାରଙ୍କ ଅଭିନବ କାର୍ଯ୍ୟକ୍ରମ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଅଛି । କଲେଜ ଅଧକ୍ଷା ଶ୍ରୀମତୀ ରିତା ରାଣୀ ପୁଝାରୀ ଏହି ଶିବିରକୁ ଉଦ୍‌ଘାଟନ କରିଥିବା ବେଳେ ୧୮୭ ଜଣ ଛାତ୍ରୀଙ୍କୁ ଏହି ଶିବିରରେ ତାଲିମ ଦିଆଯିବ ବୋଲି ସୁଶ୍ରୀ ନିବେଦିତା ମିଶ୍ର ପ୍ରକାଶ କରିଛନ୍ତି । ପ୍ରକାଶ ଥାଉ କି ଯେ ନିର୍ଭୟା ଗଣଦୁଷ୍କର୍ମ ଘଟଣା ପର ଠାରୁ ଆମ ରାଷ୍ଟ୍ରରେ ନାରୀ ମାନଙ୍କ ଆତ୍ମସୁରକ୍ଷା ପାଇଁ ବିଭିନ୍ନ ବିଦ୍ୟାଳୟ ମହାବିଦ୍ୟାଳୟ ତଥା ବିଶ୍ୱ ବିଦ୍ୟାଳୟରେ ଛାତ୍ରୀମାନଙ୍କୁ ଅଭିନବ ଉପାୟରେ ତାଲିମ ପ୍ରଦାନ କରା ଯାଉଛି । ଆଜି ବିଜୁ ପଟ୍ଟନାୟକ ମହିଳା ଡିଗ୍ରୀ କଲେଜ ଠାରେ ଯୁକ୍ତ ତିନି ପ୍ରଥମ ବର୍ଷ ର ଛାତ୍ରୀ ମାନଙ୍କ ପାଇଁ ଏ ତାଲିମ ଶିବିର ଆରମ୍ଭ ହୋଇଛି । କାର୍ଯ୍ୟ କ୍ରମର ସଂଯୋଜିକା ଶ୍ରୀମତୀ



ମିତାଶ୍ରୀ ବାରିକଙ୍କ ଆବାହନରେ ମହାବିଦ୍ୟାଳୟର ଓଡ଼ିଆ ଅଧାପିକା ପୂର୍ଣ୍ଣିମା ମିଶ୍ର, ରଶ୍ମିତା ମିଶ୍ର, ଅଧାପକ କ୍ଷୀରୋଦ କୁମାର ମେହେର, ଦୁଃଖୀ ଶ୍ୟାମ ମେହେର, ଇଂରାଜୀ ଅଧାପକ ମଦନ ସୁନ୍ଦର କ୍ଷେତି, ଚେର ବୁଇ ହୋତା, ପ୍ରଭାସିନୀ ରଥ ପ୍ରମୁଖ କର୍ମଚାରୀ ଛାତ୍ରୀ ମାନଂକୁ ଆତ୍ମ ସୁରକ୍ଷା ପାଇଁ ପରାମର୍ଶ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଲମ୍ବୋଦର ମହାକୁଡ ଓ ସିନିଅର ଛାତ୍ରୀମାନେ ସହଯୋଗ କରିଥିଲେ ।

ଦମଛନ୍ଦା ହାଇସ୍କୁଲରେ ବାର୍ଷିକ ଉତ୍ସବ



ଗରଦପୁର,୨।୨(ସଂଚାର ବ୍ୟୁରୋ): ଗରଦପୁର ବ୍ଲକ ଅନ୍ତର୍ଗତ ଡେଙ୍କାକୁଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କଦମଛନ୍ଦା ଗ୍ରାମରେ ମା ରଣପୁରୀ ଏକାଡେମୀ (ହାଇସ୍କୁଲ୍) ର ବାର୍ଷିକ ଉତ୍ସବ, କ୍ରୀଡା ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ପୂର୍ବତନ ସଭାପତି ଶ୍ରୀ ରୁଦ୍ର ସିଂହ ମୁଖ୍

SANCHAR
ସଂଚାର
ମଙ୍ଗଳବାର ୩ ଫେବ୍ରୁଆରୀ ୨୦୨୬

ସ୍ୱାସ୍ଥ୍ୟ

ବାରମ୍ବାର ଖାଇବା ଇଟିଙ୍ଗ୍ ଡିସ୍‌ଅର୍ଡର୍ ନୁହେଁ ତ



ଆପଣଙ୍କ ସହ ଏମିତି ହେଉଛି କି? ଭୋକ ନ ଲାଗିବା ସତ୍ତ୍ୱେ ଖାଇବାକୁ ମନ ଚାହୁଁଛି। ଅନେକ ସମୟରେ ଆମେ ଜାଣିପାରି ନଥାଉ ଏପରି କାହିଁକି ହେଉଛି। ଏହା ହୁଏତ ଅତ୍ୟଧିକ ଖାଦ୍ୟ ଲୋଭର କାରଣ ହୋଇପାରେ, ଯାହା ଆପଣଙ୍କ ପାଇଁ କ୍ଷତିକାରକ। ଚାଲନ୍ତୁ ଜାଣିବା ଇଟିଙ୍ଗ୍ ଡିସଅର୍ଡର୍ କଣ? ଇଟିଙ୍ଗ୍ ଡିସ୍‌ଅର୍ଡର୍ ଅର୍ଥାତ୍ କମ୍ ସମୟ ଅନ୍ତରରେ ବା ଜଲ୍‌ଦୀ ଜଲଦୀ ଅଧିକ ମାତ୍ରାରେ ଖାଇବା। ଏଥିରେ ବ୍ୟକ୍ତି ଖାଦ୍ୟରେ ନିୟନ୍ତ୍ରଣ ରଖି ପାରିନଥାନ୍ତି। ଏହି ଖାଇବା ଭିତରେ ପ୍ରାୟ ଲୋକ ମିଠା କିମ୍ବା ଜଙ୍କ୍ ଫୁଡ୍ ହିଁ ଖାଇଥାନ୍ତି, ଯାହାର ନକାରାତ୍ମକ ପ୍ରଭାବ ଶରୀର ଉପରେ ପଡିଥାଏ।

ସେଥିପାଇଁ ଏହି ଅଭ୍ୟାସକୁ ଭଲ ବିକଳ୍ପ ବୋଲି ଗ୍ରହଣ କରାଯାଇ ନଥାଏ। ବରଂ ଏକ ରୋଗ ବୋଲି ଧରି ନିଆଯାଇଥାଏ। ଏଭଳି ଲୋଭରେ ଖାଦ୍ୟ ଖାଇବା ପରେ ବ୍ୟକ୍ତି ଭୁଲ୍ କରିଛି ବୋଲି ଭାବେ ଅବସୋସ୍ କରିଥାଏ। ଏଭଳି ବ୍ୟବହାରିକ ଓ ମାନସିକ ସ୍ଥିତିକୁ ନେଇ ଲୋକମାନେ ଜାଣିପାରି ନଥାନ୍ତି, ଯେ ସେମାନେ କୌଣସି ରୋଗର ଶିକାର ହୋଇସାରିଛନ୍ତି ଏହାଦ୍ୱାରା ସ୍ନାୟୁ ବ୍ୟବସ୍ଥା ଅନିୟମିତ ହୋଇଚାଲେ, ଯାହାଦ୍ୱାରା ବ୍ୟକ୍ତି ସକ୍ରିୟ ରହିଥାଏ, କିନ୍ତୁ ମସ୍ତିଷ୍କର ଅନ୍ୟ ଏକ ଭାଗରେ ଆଟେନସନ୍‌ର ଆବଶ୍ୟକତା ଅନୁଭବ କରିଥାଏ। ଫଳରେ ନିଜର ଇମୋସନ୍‌କୁ ନିଜ ଶରୀରରୁ ବାହାରକୁ ଆଣିବାକୁ ଚାହିଁଥାଏ। ପରିଣାମସ୍ୱରୂପ ତା' ଭିତରେ ଖାଦ୍ୟକୁ ନେଇ ଆକର୍ଷଣ ବଢିଥାଏ। ଫଳରେ ସେ ଶୀଘ୍ର ଶୀଘ୍ର ଅଧିକ ମାତ୍ରାରେ ଖାଦ୍ୟ ଖାଇଥାଏ। ଏହି ଖାଇବାର ଉଦ୍ଦେଶ୍ୟ ପେଟ ଭରିବା ନୁହେଁ। ଏହା କେବଳ ନିଜ ପାଇଁ ଲୋଭ କୁହାଯାଇପାରେ।

ପେଟ ପୁରିବା ପରେ ମଧ୍ୟ ଖାଇଚାଲେ। ବ୍ୟକ୍ତି ପେଟ ସହିତ ମନ ପୁରିବା ଯାଏ ଖାଇଚାଲେ। କୌଣସି ସମସ୍ୟା ନଉପୁଜିବା ଯାଏ ଖାଇଚାଲେ। କୌଣସି ମାନସିକ ଚିନ୍ତାରେ ଥିବା ବେଳେ ବ୍ୟକ୍ତି ଏପରି ଖାଇଚାଲେ।


- ଜଲ୍‌ଦୀ ଜଲ୍‌ଦୀ ଖାଇବା
- ଦିନର ରୁଟିନ୍ ପ୍ଲାନକୁ ଖାଦ୍ୟର ଆଖାପାଖରେ ରଖିବା
- ଅଧିକ ଖାଇବା ଦ୍ୱାରା ଅନ୍ୟ ଆଗରେ ଖାଇବାକୁ ଖରାପ ଲାଗିବାଙ୍କ ଖାଇବା ପରେ ଖରାପ ଲାଗିବା ସହ ଅପରାଧରେ ଭରି ଯାଇଥାଏ କିଛି ଲୋକଙ୍କଠାରେ ଏଭଳି ଲକ୍ଷଣ ନିୟମିତ ଦେଖାଯାଇ ନଥାଏ। ବରଂ କେବେ କେବେ ଦେଖାଯାଇଥାଏ। ସମ୍ପର୍କରେ ଷ୍ଟ୍ରେସ୍ କିମ୍ବା ଇମୋସନ୍‌ରେ ଷ୍ଟ୍ରେସ୍ କାରଣରୁ ତୀବ୍ର ଇଚ୍ଛା ବଢ଼ିଯାଇଥାଏ। ଫଳରେ ପ୍ରଥମ ସମସ୍ୟା ହୋଇଥାଏ ମୋଟାପଣ। ଏହା ଅନ୍ୟ ରୋଗ ପାଇଁ ବାଟ ଖୋଲି ଦେଇଥାଏ। ଯେପରିକି ମଧୁମେହ, ହାଇପର୍‌ଟେନସନ୍, ଫ୍ୟାଟି ଲିଭର୍ ଓ ଆର୍ଥ୍ରାଇଟିସ୍ ଆଦି। ସାଇକୋଥେରାପୀ ଦ୍ୱାରା ଏହାର ଚିକିତ୍ସା କରାଯାଇପାରିବ। ଏହାର ଚିକିତ୍ସା ପାଇଁ ଆଙ୍ଗ୍‌ଜାଇଟି ଔଷଧ ମଧ୍ୟ ଦିଆଯାଇଥାଏ। ଉପଯୁକ୍ତ ଡାଏଟ୍ ପ୍ଲାନ୍ ମଧ୍ୟ ଲକ୍ଷଣକୁ କମ୍ କରିଥାଏ। କିନ୍ତୁ କିଛି ଲୋକ ଡାଏଟିଂ କରିବା ଦ୍ୱାରା ବାରମ୍ବାର ଖାଇବା ଲକ୍ଷଣ ବଢ଼ିଯାଇଥାଏ। ତେଣୁ ଏହାର ଚିକିତ୍ସା କରିବା ସମୟରେ ବିଶେଷଜ୍ଞଙ୍କ ପରାମର୍ଶ ନେବା ଉଚିତ୍।

ଶରୀରରେ ପ୍ରୋଟିନ୍ ଅଭାବ ହୋଇନି ତ!



ପ୍ରୋଟିନ୍ ମାଂସପେଶୀକୁ ମରାମତି କରିବା, କୋଷ ନିର୍ମାଣ କରିବାଓ ହର୍‌ମୋନ୍ ପାଇଁ ଖୁବ୍‌ଜରୁରି। ଏହାର ଅଭାବରେଶରୀରରେ ଅନେକ ଲକ୍ଷଣଦେଖା ଦେଇଥାଏ। ପ୍ରୋଟିନ୍ ଶରୀର ପାଇଁ 'ବିଲ୍ଡିଂ ବ୍ଲକ୍ସ' ପରି କାମ କରିଥାଏ। ଅବଶ୍ୟ ଲୋକଙ୍କ ଧାରଣା ଯେ ଜିମ୍ ଯାଉଥିବା ଲୋକମାନଙ୍କ ପାଇଁ ପ୍ରୋଟିନ୍ ଜରୁରି ହୋଇଥାଏ। କିନ୍ତୁ ମାଂସପେଶୀର ନିର୍ମାଣଠାରୁ ଆରମ୍ଭ କରି ହର୍‌ମୋନାଲ୍ ସନ୍ତୁଳନ ଏବଂ କୋଷିକାର ମରାମତି ଯାଏ ଶରୀରର ପ୍ରତ୍ୟେକ ଫଙ୍କସନ୍ ପାଇଁ ପ୍ରୋଟିନ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପ୍ରତ୍ୟେକ ବୟସର ବ୍ୟକ୍ତିଙ୍କ ପାଇଁ ଏକ ନିର୍ଦ୍ଦିଷ୍ଟ ମାତ୍ରାର ପ୍ରୋଟିନ୍ ଆବଶ୍ୟକ ହୋଇଥାଏ। ଚାଲନ୍ତୁ ଜାଣିବା ଦିନକୁ ଜଣେ ବ୍ୟକ୍ତି କେତେ ପ୍ରୋଟିନ୍ ଖାଇବା ଜରୁରି? ସେହିପରି ଶରୀରରେ ପ୍ରୋଟିନ୍ ଅଭାବରେ କି କି ଲକ୍ଷଣ ଦେଖିବାକୁ ମିଳିଥାଏ? ପ୍ରୋଟିନ୍‌ର ମାତ୍ରା ବ୍ୟକ୍ତିର ବୟସ, ଓଜନ, ଲିଙ୍ଗ ଓଶାରୀରିକ ସକ୍ରିୟତା ଉପରେ ନିର୍ଭର କରିଥାଏ।ଚାଲନ୍ତୁ ଏହାକୁ ବୁଝିବା। ଯଦି ଆପଣନିୟମିତ ଭାବେ ବ୍ୟାୟାମ କରୁ ନଥାନ୍ତି, ତେବେଶରୀର ଓଜନର ଏକ କିଲୋ ପ୍ରତି .୮ ଗ୍ରାମ୍‌ପ୍ରୋଟିନ୍ ନେବା ଉଚିତ୍। ଯଦି ଆପଣ ମଧ୍ୟମଧରଣର ବ୍ୟାୟାମ କରୁଛନ୍ତି କିମ୍ବା ଚାଲିବା ପରିଗତିବିଧି କରୁଥାନ୍ତି, ତେବେ ୧.୧ ଗ୍ରାମରୁ ୧.୩ଗ୍ରାମ୍ ପ୍ରତି କିଲୋ ପିଚ୍ଛା ପ୍ରୋଟିନ୍ ଖାଇବା ଜରୁରି। ଆଥ୍‌ଲେଟ୍ ବା ବଡି ବିଲଡିଂ: ଅଧିକବ୍ୟାୟାମ କରୁଥିବା ଲୋକମାନଙ୍କ ପାଇଁ ୧.୬ରୁ୨.୨ ଗ୍ରାମ୍ ପ୍ରତି କିଲୋ ହିସାବରେ ପ୍ରୋଟିନ୍ ନେବା ଜରୁରି। ଗର୍ଭବତୀ ବା ସ୍ତନ୍ୟପାନ କରାଉଥିବା ମହିଳା: ଏମାନେ ସାମାନ୍ୟ ଅଧିକ ୨୦ରୁ ୨୫ ଗ୍ରାମର ପ୍ରୋଟିନ୍ ନେବା ଆବଶ୍ୟକ। ପ୍ରୋଟିନ୍ ଅଭାବର ଲକ୍ଷଣ ବାରମ୍ବାର ଭୋକ ଲାଗିବା, ମିଠା ଖାଇବାକୁ ଇଚ୍ଛା ହେବା, ପ୍ରୋଟିନ୍ ରକ୍ତରେ ଶର୍କରା ସ୍ତରକୁ ସ୍ଥିର ରଖିଥାଏ। ଏହାର ଅଭାବରେ ରକ୍ତରେ ଶର୍କରା ସ୍ତର ତୀବ୍ର ବେଗରେ କମିଚାଲେ।ଫଳରେ ବାରମ୍ବାର ଭୋକ ଲାଗିବା ସହ ଉଚ୍ଚ କ୍ୟାଲୋରୀଯୁକ୍ତ ସ୍ନାକ୍ସ ଖାଇବାକୁ ଇଚ୍ଛା ହୋଇଥାଏ। ମାଂସପେଶୀ ଏବଂ ଗଣ୍ଠି ଦୁର୍ବଳ: ମାଂସପେଶୀ ସୁସ୍ଥ ରହିବା ପାଇଁ ପ୍ରୋଟିନ୍ ଆବଶ୍ୟକ। ଏହାର ଅଭାବରେ ମାଂସପେଶୀ ଢିଲା ହେବା ସହ ଶରୀର ଦୁର୍ବଳ ଲାଗିବା ଓ ଗଣ୍ଠିରେ ଯନ୍ତ୍ରଣା ଅନୁଭବ ହୋଇଥାଏ। କେଶ, ତ୍ୱଚା ଓ ନଖ ସମସ୍ୟା: ନଖ, କେଶ ଓ ତ୍ୱଚା ମୁଖ୍ୟତଃ ପ୍ରୋଟିନ୍‌ରେ ତିଆରି ହୋଇଥାଏ। ପ୍ରୋଟିନ୍‌ର ଅଭାବ ହେଲେ କେଶ ଝଡିବା, ନଖଭାଙ୍ଗିବା ଓ ତ୍ୱଚା ରୁକ୍ଷ ଲାଗିଥାଏ। ବାରମ୍ବାର ରୋଗରେ ପଡିବା: ରୋଗପ୍ରତିରୋଧକ ଶକ୍ତି ବଢାଇବା ପାଇଁ ପ୍ରୋଟିନ୍‌ରଆବଶ୍ୟକତା ରହିଥାଏ। ଯଦି ବାରମ୍ବାର ଥଣ୍ଡାକାଶ ବା ସଂକ୍ରମଣ ହେଉଥାଏ, ତେବେ ରୋଗପ୍ରତିରୋଧକ ଶକ୍ତି ଦୁର୍ବଳ ହୋଇଥାଇପାରେ। ପ୍ରୋଟିନ୍‌ର ଅଭାବ ଏହାର ଅନ୍ୟତମ କାରଣ। ଭରପୂର ପ୍ରୋଟିନ୍‌ନ ମିଳିବା ଯୋଗୁ ଶରୀରରେ ଶକ୍ତି ସ୍ତର କମିଚାଲେ। ଫଳରେ ଥକ୍କାପଣ ସାଙ୍ଗକୁ ମୁଡ୍ ଖରାପ ରହିଥାଏ।

ବହୁତ୍ ସମୟ ଧରି ପରିଶ୍ରା ଚାପି ରଖିବା ସ୍ୱାସ୍ଥ୍ୟ ପାଇଁ ହାନିକାରକ



ଆଜିକାଲିର ବ୍ୟସ୍ତବହୁଳ ଜୀବନରେ, ଆମେ ଆମ ନିଜକୁ ବହୁତ୍ ଅବହେଳା କରୁଛନ୍ତି। ଅଫିସ୍ ହେଉ, ସ୍କୁଲ୍ କିମ୍ବା କଲେଜ କ୍ଲାସ ହେଉ, ଲମ୍ବା ଯାତ୍ରା ହେଉ, କିମ୍ବା ପାଖରେ କୌଣସି ଶୌଚାଳୟର ଅଭାବ ହେଉ, ଏପରି ଅନେକ ପରିସ୍ଥିତି ଅଛି ଯେଉଁଠାରେ ଆମେ ପରିସ୍ରାକୁ ଅଟକାଇ ରଖୁ। କେତେବେଳେ, ଆମେ ଜାଣିଶୁଣି ପରିସ୍ରାକୁ ଅଟକାଇ ରଖିଥାଉ, ଭାବିଥାଉ ଯେ ଆମେ ଆହୁରି ଟିକିଏ ସମୟ ଧରି ରଖିବୁ। କିନ୍ତୁ ଆପଣ କେବେ ଚିନ୍ତା କରିଛନ୍ତି କି ଏହି ଅଭ୍ୟାସ ବାରମ୍ବାର ଏବଂ ଦୀର୍ଘ ସମୟ ପର୍ଯ୍ୟନ୍ତ ପରିସ୍ରାକୁ ଅଟକାଇ ରଖିବା ଆପଣଙ୍କ ସ୍ୱାସ୍ଥ୍ୟ ଉପରେ କ'ଣ ପ୍ରଭାବ ପକାଇପାରେ? ଏହା କିଡନୀ, ମୂତ୍ରାଶୟ ଏବଂ ସମଗ୍ର ମୂତ୍ର ପ୍ରଣାଳୀ ପାଇଁ ବିଶେଷ କ୍ଷତିକାରକ ହୋଇପାରେ। ତେଣୁ ଆସନ୍ତୁ ଜାଣିବା କିପରି ବହୁତ୍ ସମୟ ଧରି ପରିସ୍ରା କରିବା କିଡନୀକୁ କ୍ଷତି ପହଞ୍ଚାଇପାରେ ଏବଂ ଏହା ଦ୍ୱାରା କେଉଁ ରୋଗ ହୋଇପାରେ। ବିଶେଷଜ୍ଞଙ୍କ ମତରେ, ବୃକକ୍ ନିରନ୍ତର ରକ୍ତ ସଫା କରେ ଏବଂ ପରିସ୍ରା ଉତ୍ପାଦନ କରେ। ଯେତେବେଳେ ଆମେ ପରିସ୍ରା ଧରି ରଖୁ, ମୂତ୍ର ମୂତ୍ରାଶୟରେ ପରିସ୍ରା ଜମା ହୁଏ। ଯଦି ଏହି ଚାପ ଦୀର୍ଘ ସମୟ ପର୍ଯ୍ୟନ୍ତ ରହିଥାଏ, ତେବେ ଏହା ବୃକକ୍ କୁ ଫେରିବାକୁ ଆରମ୍ଭ କରେ, ଯାହା ଫଳରେ ଏହା ଉପରେ ଚାପ ପଡ଼ି ଧୀରେ ଧୀରେ ସେମାନଙ୍କର କାର୍ଯ୍ୟ ହ୍ରାସ ପାଏ। ପରିସ୍ରା ଶରୀରରୁ ବିଷାକ୍ତ ପଦାର୍ଥ, ବ୍ୟାକ୍ଟେରିଆ ଏବଂ ଅତିରିକ୍ତ ଲୁଣ ବାହାର କରିଦିଏ। ପରିସ୍ରା ଧରି ରଖୁ, ଏହି ଅପରିଷ୍କାର ପଦାର୍ଥ ବାହାର ହୋଇପାରେ ନାହିଁ ଏବଂ ଶରୀରରେ ଜମା ହୁଏ। ଏହା ବୃକକ୍ କୁ ଅଧିକ କାମ କରିବାକୁ ବାଧ୍ୟ କରେ, ଏବଂ ବୃକକ୍ କୋଷଗୁଡ଼ିକ ଧୀରେ ଧୀରେ ଦୁର୍ବଳ ହୋଇଯାଏ। ଯେତେବେଳେ ଆମେ ଆମର ପରିସ୍ରାକୁ ଅଧିକ ସମୟ ଧରି ରଖୁ, ପରିସ୍ରାରେ ଥିବା ବ୍ୟାକ୍ଟେରିଆ ବାହାର କରିହୁଏ ନାହିଁ। ଏହି ବ୍ୟାକ୍ଟେରିଆ ମୂତ୍ରନଳୀରେ ବହୁଗୁଣିତ ହୁଏ, ଯାହା ଫଳରେ ମୂତ୍ରନଳୀ ସଂକ୍ରମଣ ହୁଏ। ୟୁଟିଆଇ ର ଲକ୍ଷଣଗୁଡ଼ିକ ହେଉଛି ପରିସ୍ରା ସମୟରେ ଜଳାପୋଡ଼ା, ବାରମ୍ବାର ପରିସ୍ରା କରିବାକୁ ଇଚ୍ଛା, ଜ୍ୱରିତ୍ ପରିସ୍ରା, ଦୁର୍ଗନ୍ଧଯୁକ୍ତ ପରିସ୍ରା ଏବଂ ପେଟ କିମ୍ବା ପିଠି ଯନ୍ତ୍ରଣା। ମହିଳାମାନେ ୟୁଟିଆଇ ର ଅଧିକ ସମ୍ଭାବନା ଥାଆନ୍ତି, କିନ୍ତୁ ପୁରୁଷମାନେ ମଧ୍ୟ ଏହା ଦ୍ୱାରା ପ୍ରଭାବିତ ହୋଇପାରନ୍ତି। ଯେତେବେଳେ ଆପଣ କମ୍ ପାଣି ପିଅନ୍ତି ଏବଂ ପରିସ୍ରାକୁ ରୋକି ରଖନ୍ତି, ପରିସ୍ରା ଅଧିକ ଘନୀଭୂତ ହୋଇଯାଏ। ଏହା ଖଣିଜ ପଦାର୍ଥ ଜମା କରିଥାଏ, ଯାହା କିଡ୍ନିରେ ପଥର ସୃଷ୍ଟି କରିପାରେ। ବୃକକ୍ ପଥର ଯୋଗୁଁ ପ୍ରବଳ ଯନ୍ତ୍ରଣା, ବାନ୍ତି ଏବଂ ପରିସ୍ରାରେ ରକ୍ତ ପଡ଼ିପାରେ। ଅନେକ କ୍ଷେତ୍ରରେ, ଅସ୍ତ୍ରୋପଚାର ମଧ୍ୟ ଆବଶ୍ୟକ ହୋଇପାରେ। ଲଗାତାର ପରିସ୍ରା ଧରି ରଖିବା ଦ୍ୱାରା ମୂତ୍ରାଶୟ ମାଂସପେଶୀ ଉପରେ ଅଧିକ ଚାପ ପଡ଼େ। ଏହା ପରିଶ୍ରା ନିୟନ୍ତ୍ରଣ କରିବାରେ ଅସୁବିଧା ହୋଇଥାଏ। ପରିସ୍ରା ଅସନ୍ତୁଳନ ଏବଂ ବାରମ୍ବାର ପରିସ୍ରା ହେବାର କାରଣ ମଧ୍ୟ ହୋଇପାରେ। ଏହାକୁ ମୂତ୍ରାଶୟ ଡିସଫଙ୍କସନ୍ ମଧ୍ୟ କୁହାଯାଏ।

ଜୀବନଶୈଳୀରେ ପରିବର୍ତ୍ତନ ରଖିବ ଫିଟ୍



ପ୍ରତ୍ୟେକ ମଣିଷ ଫିଟ୍ ରହିପାରିବେ। ସେଥିପାଇଁ ଅଳ୍ପ ବୟସରୁ ଜୀବନଶୈଳୀରେ ପରିବର୍ତ୍ତନ ନ ଆଣିଲେ ବୟସ ବଢ଼ିବା ପରେ ତା'ର କୁପରିଣାମ ଭୋଗିବାକୁ ପଡିପାରେ। ତେଣୁ ବେଳହୁଁ ସାବଧାନ ହେବା ଉଚିତ୍। ଏଥିପାଇଁ ମାତ୍ର ୫ଟି ଦିଗ ପ୍ରତି ଧ୍ୟାନ ଦେଲେ ଯଥେଷ୍ଟ। ଆମେ ନିୟମିତ ଜୀବନରେ କିଛି ନା କିଛି ଭୁଲ୍ କରିଥାଉ। କିନ୍ତୁ ଏହା ଫିଟ୍‌ନେସ୍ ଜୀବନରେ ବାଧକ ବୋଲି ଭାବିନଥାଉ। ଏହା କ୍ରମଶଃ ଜୀବନରେ ଖୁବ୍ ନକାରାତ୍ମକ ପ୍ରଭାବ ପକାଇଥାଏ। ତେଣୁ ଏସବୁରେ ପରିବର୍ତ୍ତନ ଆଣିବା ସହ ଫିଟ୍ ରହିବାର ରାସ୍ତାକୁ ପ୍ରଶସ୍ତ କରିବା ପାଇଁ ପ୍ରୟାସ କରିବା ଉଚିତ୍।

ପ୍ୟାକେଜ୍‌ଡ ଓ ପ୍ରୋସେସ୍‌ଡ ଖାଦ୍ୟକୁ ନା

ପ୍ରୋସେସ୍‌ଡ ଖାଦ୍ୟରେ ଅସ୍ୱାସ୍ଥ୍ୟକର ଫ୍ୟାଟ୍ ଓ ଅତ୍ୟଧିକ ଚିନି ବ୍ୟବହାର ହୋଇଥାଏ, ଯାହା ଶରୀର ପାଇଁ ଖୁବ୍ ହାନିକାରକ। ଯଦିଓ ଏହି ଖାଦ୍ୟକୁ ସ୍ୱାସ୍ଥ୍ୟକର ବୋଲି ଦାବି କରାଯାଏ, ତେବେ ଏଥିରେ ଅତିରିକ୍ତ ଚିନି ମିଶାଯାଉଥିବା କଥାକୁ ଅସ୍ୱୀକାର କରାଯାଇପାରିବନି। ଏହା ହିଁ ଶରୀର ପାଇଁ କ୍ଷତିକାରକ। ତେଣୁ ଏଭଳି ଖାଦ୍ୟଠାରୁ ଦୂରତା ବଜାୟ ରଖିବା ଜରୁରି। ଏହା ପରିବର୍ତ୍ତେ ଡାଏଟ୍‌ରେ ବିଭିନ୍ନ ଶସ୍ୟଜାତୀୟ ଖାଦ୍ୟ, ଫଳ ଓ ପନିପରିବା ଆଦିକୁ ସାମିଲ୍ କରନ୍ତୁ। ଫଳରେ ଶରୀରକୁ ସ୍ୱାସ୍ଥ୍ୟକର ଫ୍ୟାଟ୍ସ, ଫାଇବର, ପ୍ରୋଟିନ୍, ଭିଟାମିନ୍ ଓ ଖଣିଜ ପଦାର୍ଥ ମିଳିପାରିବ, ଯାହାଦ୍ୱାରା ଆପଣ ଫିଟ୍ ରହିପାରିବେ।

ଅଧିକ ରାତି ଯାଏ ଅନିଦ୍ରା ରୁହନ୍ତୁନି

ପ୍ରାୟ ୟଙ୍ଗଷ୍ଟାର୍ ରାତିରେ ଶୋଇବା ପରିବର୍ତ୍ତେ ଫିଲ୍ମ ଦେଖିବା କିମ୍ବା ପାର୍ଟି ଆଦିରେ ସମୟ ବିତାଇବାକୁ ପସନ୍ଦ କରିଥାନ୍ତି। ସେମାନଙ୍କୁ ଲାଗିଥାଏ ଯେ ଏପରି କରିବା ଦ୍ୱାରା ନିଜକୁ ସତେଜ ରଖିବା ସହଜ। କିନ୍ତୁ ବାସ୍ତବତା ସମ୍ପୂର୍ଣ୍ଣ ଓଲଟା। ରାତିରେ ଡେରି ଯାଏ ଅନିଦ୍ରା ରହିବା ଦ୍ୱାରା ନିଦ ପୁରା ହୋଇପାରେନା। ଏହା ସହିତ ସର୍କିଡିୟନ୍ ରିଦିମ୍ ଅର୍ଥାତ୍ କାଳାନୁକ୍ରମିକ। ମଣିଷର ମସ୍ତିଷ୍କ ଆଲୋକ ଓ ଅନ୍ଧାର ଦ୍ୱାରା ହିଁ ବାହାର ବାତାବରଣ ସହ ମିଶି ତାଳମେଳ ପକାଇଥାଏ। ତେଣୁ ସର୍କିଡିଆନ୍ ରିଦିମ୍ ବିଗିଡିବା ଦ୍ୱାରା ମାନସିକ ଓ ଶାରିରୀକ ସ୍ୱାସ୍ଥ୍ୟ ମଧ୍ୟ ପ୍ରଭାବିତ ହୋଇଥାଏ। ଫଳରେ ଓଜନ ବଢ଼ିବା ଓ କମିବା ପରି ସମସ୍ୟା ସୃଷ୍ଟି ହୋଇଥାଏ।

ଖାଇବା ଅଭ୍ୟାସରେ ପରିବର୍ତ୍ତନ

କ'ଣ ଖାଉଛନ୍ତି, ତା' ସହିତ କେମିତି ଓ କେତେବେଳେ ଖାଉଛନ୍ତି। ତାହା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ଏସବୁ ଉପରେ ବିଶେଷ ଧ୍ୟାନ ଦେବା ଆବଶ୍ୟକ। ଖାଇବା ସମୟ ଓ ଆଗ୍ରହ ବ୍ୟକ୍ତିର ଫିଟ୍‌ନେସ୍ ଉପରେ ଖୁବ୍ ପ୍ରଭାବ ପକାଇଥାଏ। ସେଥିପାଇଁ ଖାଇବା ସମୟକୁ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ସହ ମ୍ୟାଚ୍ କରିବାକୁ ଚେଷ୍ଟା କରନ୍ତୁ। ଏହାବ୍ୟତୀତ ନିଜ ଖାଇବା ଆଗ୍ରହକୁ ନିୟନ୍ତ୍ରଣ କରିବା ଉଚିତ୍। ଏକାଥରକେ ଅଧିକ ନ ଖାଇ ସେତିକି ଖାଦ୍ୟକୁ ଦୁଇଥରରେ ଖାଇବା ଉଚିତ୍। ଏହା ଫିଟ୍ ରହିବାରେ ଖୁବ୍ ସହାୟତା କରିଥାଏ।

ସର୍ଟକର୍ଟ ଆପଣାନ୍ତୁ ନାହିଁ

ଅଧିକାଂଶ ଲୋକ ଓଜନକୁ କମ୍ କରିବା ପାଇଁ ହେଉ ଅବା ବଢାଇବା ପାଇଁ ସହଜ ବାଟ ଆପଣାଇଥାନ୍ତି। କିନ୍ତୁ ଏହା କ୍ଷତିକାରକ ହୋଇପାରେ। ସେଥିପାଇଁ ଓଜନ ବଢାଇବା କିମ୍ବା କମାଇବା ପାଇଁ କୌଣସି ପାନୀୟ ବା ସପ୍ଲିମେଣ୍ଟର ସହାୟତା ନିଅନ୍ତୁ ନାହିଁ। ବରଂ ଏହା ପରିବର୍ତ୍ତେ ଦୀର୍ଘସ୍ଥାୟୀ ଅଭ୍ୟାସ ଆପଣାଇବାକୁ ଦ୍ୱାରା ବିନା ସମସ୍ୟାରେ ମଧ୍ୟ ଫିଟ୍ ରହିପାରିବେ। ନିୟମିତ ବ୍ୟାୟାମକୁ ଗୁରୁତ୍ୱ ବ୍ୟାୟାମ କରିବା ଦ୍ୱାରା ଉଭୟ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ଠିକ୍ ରହିଥାଏ। ଏହା ଆପଣଙ୍କୁ ଫିଟ୍ ସହ ସୁସ୍ଥ ରଖିଥାଏ। ଏଥିପାଇଁ ନିୟମିତ ବ୍ୟାୟାମ କରିବାକୁ ଗୁରୁତ୍ୱ ଦେବା ଆବଶ୍ୟକ।

କଂଗ୍ରେସ ପକ୍ଷରୁ ଅଣଦେଖା ନେଇ ଜରୁରୀକାଳୀନ ବୈଠକ



ଲାଞ୍ଜିଗଡ଼,୨।୨(ସଂଚାର ବ୍ୟୁରୋ): ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ସ୍ଥିତ ସାପ୍ତାହିକ ବଜାର ପ୍ରାଙ୍ଗଣରେ ଆଜି ଜୋନ-୨ କଂଗ୍ରେସ କର୍ମୀଙ୍କ ଜରୁରୀ କାଳୀନ ବୈଠକ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ଲାଞ୍ଜିଗଡ଼ ବ୍ଲକ କଂଗ୍ରେସ ସଭାପତି ବିଜୟ ନାଏକଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ଆଗାମୀ ୨୦୨୬ ପାଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଲାଞ୍ଜିଗଡ଼ ବ୍ଲକ ଜୋନ-୨ କଂଗ୍ରେସ ପକ୍ଷରୁ ତାର ରଣ କୌଶଳ କିଭଳି ପ୍ରସ୍ତୁତ କରିବ ବିଭିନ୍ନ ଦିଗକୁ ନେଇ ଆଲୋଚନା କରିଥିଲେ। କିନ୍ତୁ ପୂର୍ବତନ ମନ୍ତ୍ରୀ ତଥା ପୂର୍ବ ଲାଞ୍ଜିଗଡ଼ ନିର୍ବାଚନ ମଣ୍ଡଳୀ କଂଗ୍ରେସ ବିଧାୟକ ପାର୍ଥୀ ବଳଭଦ୍ର ମାଝୀଙ୍କ ପାତରଅନ୍ତର ମନୋଭାବ ପାଇଁ ଲାଞ୍ଜିଗଡ଼ ଜୋନ-୨ କଂଗ୍ରେସ କର୍ମୀଙ୍କୁ ଅଣଦେଖା କରାଯାଉଛି। ଏହା ଆଗକୁ ଲାଞ୍ଜିଗଡ଼ ବ୍ଲକ କଂଗ୍ରେସ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିବା ସହ ଏହାର ପ୍ରଭାବ ଆସନ୍ତା ୨୦୨୬ ପାଞ୍ଚାୟତ ନିର୍ବାଚନରେ ଦଳ ଉପରେ ପଡ଼ିବା ଆଶଙ୍କା ରହିଛି ବୋଲି ବରିଷ୍ଠ କର୍ମୀମାନେ ଆଜିର ବୈଠକରେ ମତ ପ୍ରକାଶ କରିଛନ୍ତି। ଏହା ବ୍ୟତୀତ ଲାଞ୍ଜିଗଡ଼ ବ୍ଲକ ପୂର୍ବ କଂଗ୍ରେସ ସଭାପତି ବିଜୟ ନାଏକଙ୍କୁ କୌଣସି ସୂଚନା ନଦେଇ ଗତ ଜାନୁୟାରୀ ୧୮ ତାରିଖରେ ଜିଲ୍ଲା କଂଗ୍ରେସ ସଭାପତିଙ୍କ ଅନୁମୋଦନ କ୍ରମେ ପୂର୍ବ ବିଜେଡ଼ି ବ୍ଲକ ସଭାପତି ଗୋବିନ୍ଦ ପ୍ରଧାନୀଙ୍କୁ କଂଗ୍ରେସ ବ୍ଲକ ନୂତନ ସଭାପତି ଦାଇତ୍ୱ ଭାର ପ୍ରଦାନ କରିବା ଦିଗରେ ବିଧାୟକ ପାର୍ଥୀ ଶ୍ରୀ ମାଝୀଙ୍କ ସଂପୂର୍ଣ୍ଣ ଭାବେ ହାତ ରହିଥିବା ଯୋଗୁଁ ଲାଞ୍ଜିଗଡ଼ ବ୍ଲକ ଜୋନ-୨ ର ୧୩ ଗୋଟି ପଞ୍ଚାୟତର କଂଗ୍ରେସ କର୍ମୀଙ୍କୁ କୌଣସି ବୈଠକରେ ସାମିଲ କରାଯାଉନାହିଁ।

ସଂଯୁକ୍ତ କୃଷକ ସଂଗଠନର ବୈଠକ



ଭେଡେନ,୨।୨(ସଂଚାର ବ୍ୟୁରୋ): ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଐତିହାସିକ ପୀଠ ପପଂଗା ପାହାଡ଼ ପାଦଦେଶରେ ସଂଯୁକ୍ତ କୃଷକ ସଙ୍ଗଠନ ର ଦ୍ୱିତୀୟ ବାର୍ଷିକ ଉତ୍ସବ ୨୫/୨୬ ବୈଠକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ପପଂଗା ପାହାଡ଼ ପାଦଦେଶରେ ଥିବା ବୀରସୁରେନ୍ଦ୍ର ସାଏ ଙ୍କ ପ୍ରତି ମୂର୍ତ୍ତି ନିକଟରେ ଧୂପଦୀପ ଓ ପୁଷ୍ପମାଲ୍ୟ ସହିତ ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ ବରଗଡ଼ ଜିଲ୍ଲା ୧୨ଟି ବ୍ଲକ ର ୧୬ ଟି ଶାଖା ଓ ସହଯୋଗୀ ଅନୁଷ୍ଠାନ ଯୋଗ ଦେଇ ଚାଷୀ ମାନଙ୍କ ଜୀବନ ଓ ଜୀବିକା କୁ ସୁରକ୍ଷିତ ରଖିବା ପାଇଁ ଆଲୋଚନା କରିବା ସହିତ ଭବିଷ୍ୟତ ରଣ ନୀତି ପ୍ରସ୍ତୁତ କରିଥିଲେ। ଏହି କାର୍ଯ୍ୟକ୍ରମ କୁ ସଂଚାଳନ ଓ ପରିଚାଳନା କରିଥିଲେ, ଏଡ୍ଭୋକେଟ ନରେନ୍ଦ୍ର କୁମାର ଭୋଇ। ଏଥିରେ ସଂଯୁକ୍ତ କୃଷକ ସଙ୍ଗଠନ ର ସଭାପତି ଉପ୍ନ୍ନ କୁମାର ଭୋଇ ସଭାପତିତ୍ୱ କରିଥିଲେ। ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମ ସଂଗଠନ ର ଉପଦେଷ୍ଟା ରମେଶ ମହାପାତ୍ର ଓ ଆଇନ ପରାମର୍ଶଦାତା ଅଜିତ ଶତପଥୀ ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହା ସହିତ କୋଶଲ ସେନା, ସଂକଳ୍ପ ପରିବାର, ବରଗଡ଼ ନାଗରିକ ମଂଚ ଓ ବରିଷ୍ଠ ଓ କନିଷ୍ଠ ଚାଷୀ ନେତା ମାନେ ଚାଷୀ ର ସୁବିଧା ଓ ଅସୁବିଧା ନିଜର ଅଂଗେ ନିଭାଇଥିବା ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିବା ସହ ପ୍ରାଞ୍ଜଳ ଭାବରେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ସଂଯୁକ୍ତ କୃଷକ ସଙ୍ଗଠନ ସଂପାଦକ ସୁଦାମ ପାତ୍ର, କୁନା ପ୍ରଧାନ, ଲୋକନାଥ ଦାଶ, ବିଜୟ ଲହରିଆ, ଚୂଡାମଣି ଛନ୍ଦ, ନରୋତ୍ତମ ବଗର୍ତ୍ତୀ ଓ ବିଜନ ପାଢୀ ପ୍ରମୁଖ ଉପସ୍ଥିତ ରହି ପରିଚାଳନା ରେ ସହଯୋଗ କରିଥିଲେ।

ବିଦ୍ୟାଳୟରେ ବିଶ୍ୱ ଆଦ୍ରଭୂମି ଦିବସ ପାଳନ



ବୈଶିଙ୍ଗା,୨।୨(ସଂଚାର ବ୍ୟୁରୋ): ଖୁଣ୍ଟାପୁର ସ୍ଥିତ ଶ୍ରୀ ସତ୍ୟସାଇ ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ହେମପୁରସ୍ଥିତ କୈଳାସ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ଦ୍ୱୟରେ ପ୍ରଧାନଶିକ୍ଷକ ସମରଜିତ ମହାପାତ୍ରଙ୍କ ନେତୃତ୍ୱରେ ବିଶ୍ୱ ଆଦ୍ରଭୂମି ଦିବସ ପାଳିତ ହୋଇଯାଇଛି। ଇକୋ କ୍ଲବ ଇନ ଚାର୍ଜ ଶୁଭସ୍ମିତା ସାମନ୍ତରାୟ ଏବଂ ରାଜନନ୍ଦିନୀ ପାତ୍ରଙ୍କ ନେତୃତ୍ୱରେ ଆଦ୍ରଭୂମି ସୁରକ୍ଷା ପାଇଁ ଶପଥ ପାଠ ସାଙ୍ଗକୁ ଉଭୟ ବିଦ୍ୟାଳୟରେ ଚିତ୍ରାଙ୍କନ ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନଶିକ୍ଷକଙ୍କ ସମେତ ବିଜ୍ଞାନ ଶିକ୍ଷକ ଚନ୍ଦନ କୁମାର ଦାସ, ତୃଷ୍ଣା ଦାସ, ଶୁଭଲକ୍ଷ୍ମୀ ମାଝୀ ପ୍ରମୁଖ ପରିବେଶ ସୁରକ୍ଷାରେ ଆଦ୍ରଭୂମି ର ଗୁରୁତ୍ୱ ସମ୍ପର୍କ ରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ କୁ ସଫଳ କରିବାରେ ତୁଷାରକାନ୍ତ ପାତ୍ର, ଜ୍ୟୋସ୍ନାରାଣୀ ଜେନା, ପ୍ରଭାତୀ ପ୍ରଧାନ, ମୁକୁନ୍ଦ ସେନାପତି, ଜୟଶ୍ରୀ ପାଢୀ, ସ୍ମିସ୍ମା ଲେଙ୍କା, ବିଜୟ କୁମାର ସେଠୀ, ସବିତା ବାରିକ, ରାଧୁ ସିଂ, ବିନ୍ନି ସଂଜୀବନ ବାରିକ, ଜୟନ୍ତୀ ମହାପାତ୍ର ଓ ଜଗନ୍ନାଥ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ ।

ଶ୍ରୀ ଶ୍ରୀ ଠାକୁର ଅନୁକୁଳଚନ୍ଦ୍ରଙ୍କ ଜନ୍ମୋତ୍ସବ

କନ୍ଧମାଳ,୨।୨(ସଂଚାର ବ୍ୟୁରୋ): ଜିଲ୍ଲା ବାଲିଗୁଡା ସ୍ଥିତ ସତସଙ୍ଗ କେନ୍ଦ୍ର ପରିସରରେ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୮ ତମ ଜନ୍ମ ମହାମହୋତ୍ସବ ସୁରେଶ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଛି । ଏହି ଅବସରରେ ପ୍ରତ୍ୟୁଷରୁ ବେଦ ମାଙ୍ଗାଳିକ, ନହବତ, ଉଷା କୀର୍ତ୍ତନ, ବିନତୀ ପ୍ରାର୍ଥନା, ପୂର୍ବାହ୍ନରେ ମାତୃ ସଂଜ୍ଞିଳନୀ ଆୟୋଜିତ ହୋଇଥିଲା। ଅପରାହ୍ନରେ ଶ୍ରୀ ଶ୍ରୀ ଠାକୁରଙ୍କ ଫୋଟ ଚିତ୍ର ରଖ୍ ଏକ ସୁସଜିତ ରଥ ସହ ସଂକୀର୍ତନ ମଣ୍ଡଳୀ ଙ୍କ ଦ୍ୱାରା ସମଗ୍ର ସହର ପରିକ୍ରମା କରାଯାଇଥିଲା। ସନ୍ଧ୍ୟା ବିନତୀ ପରେ ପରେ ସତସଙ୍ଗ ଓ ସଦଲୋଚନା କାର୍ଯ୍ୟକ୍ରମରେ ଶ୍ରୀ ଶ୍ରୀ ଠାକୁରଙ୍କ ଦିବ୍ୟ ଦର୍ଶନ ଜୀବନ ଉପରେ ଆଲୋକପାତ କରାଯାଇଥିଲା। ଏଥିରେ ବାଲିଗୁଡା ସତସଙ୍ଗ ମଣ୍ଡଳୀ ସମେତ ଆଖପାଖ ସମସ୍ତ ମଣ୍ଡଳୀରୁ ୬ ଶତାଧିକ ଗୁରୁ ଭାଇ ଓ ମା ମାନେ ଯୋଗଦେଇ ଥିଲେ । ସ୍ଥାନୀୟ ସତସଙ୍ଗ କେନ୍ଦ୍ରର ସୁରେଶ ଚନ୍ଦ୍ର ମହାନ୍ତି, ପୂର୍ଣ ଚନ୍ଦ୍ର ପଟ୍ଟନାୟକ, ଅଶ୍ୱିନୀ କୁମାର ଦାସ, ବଂଶୀଧର ସାହୁ, ଦିଲ୍ଲୀପ କୁମାର ପାତ୍ର, ଅଖିଳେସ ବାରିକ, ଗିରିସ ଚନ୍ଦ୍ର ସାହୁ, ଅନିଲ କୁମାର ମହନ୍ତ, ରତିସ ଦାସ, ସନ୍ତୋଷ କୁମାର ସାହୁ, ସୂର୍ଯ୍ୟ ନାରାୟଣ ଷଡ଼ଙ୍ଗୀ, ମାଳତୀ ମା, ଆରତୀ ମା ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।

ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ



କଳିଙ୍ଗନଗର,୨।୨(ସଂଚାର ବ୍ୟୁରୋ): ଦାନଗଦୀ ସ୍ଥିତ କଳିଙ୍ଗନଗର, ସୋଲେଇ ଶିଶୁ ମନ୍ଦିରର ଏକାଦଶ ତମ ବାର୍ଷିକ ଉତ୍ସବ ମହାଆଡମ୍ବର ରେ ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଡ଼କ୍ଟର ପ୍ରଦୀପ ବଳ ସାମନ୍ତ ଯୋଗ ଦେଇପ୍ରଦୀପ ପ୍ରଜ୍ୱଳନ କରି ବିଧିମତେ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିବା ସହ ଆଜିର ଆଧୁନିକ ଯୁଗରେ କେବଳ ଶିଶୁ ମନ୍ଦିର ରେ ରାଷ୍ଟ୍ରଭକ୍ତି ଓ ସଂସ୍କାର ଶିକ୍ଷା ପିଲାମାନଙ୍କୁ ଦିଆଯାଏ। ଏହି ବିଦ୍ୟାଳୟ ଭାରତୀୟ ସଂସ୍କୃତି, ପରମ୍ପରା ଆଧାରିତ ଏବଂ ଶିଶୁ ମନ୍ଦିର ଯେଉଁଠି ରାଷ୍ଟ୍ର ନିର୍ମାଣ ପାଇଁ ଗୁରୁମା ଗୁରୁଜୀ ମାନେ ଭଲ ମଣିଷ ତିଆରି କରିଥାନ୍ତି। ଅନ୍ୟତମ ଅତିଥି ଭାବେ ମୁଖ୍ୟବକ୍ତା ମହନ୍ତ ସିଦ୍ଧିଗିରି ଆଶ୍ରମ ଟାଙ୍ଗୀ ର ବାବାଜୀ ବିଶ୍ୱନାଥ ଦାସ ମହାରାଜ ଯୋଗ ଦେଇ ନିଜ ବକ୍ତବ୍ୟରେ ଶିଶୁ ମନ୍ଦିର ଅଛି ବୋଲି କିଛି ଶିଶୁ ଭଲ ମଣିଷ ହୋଇ ଦେଶ ମାତୃକା ର ସେବା କରିବା ପାଇଁ ସୁଯୋଗ ପାଉଛନ୍ତି। ପିତାମାତା ଙ୍କୁ ଆଜିର ଆଧୁନିକ ଯୁଗର ପିଲା ଟିକେ ବଡ଼ ହୋଇଗଲେ ମଥାନତ ପ୍ରଣାମ କରିବାକୁ ଲଜ୍ୟା ଅନୁଭବ କରିଥାନ୍ତି କିନ୍ତୁ ଶିଶୁ ମନ୍ଦିର ରେ ଯିଏ ଶିକ୍ଷା ଲାଭ କରିଥାଏ ସେ ସମ୍ପୂର୍ଣ୍ଣ ମା, ମାଟି, ମାତୃଭୂମି, ମାତୃଭାଷା ପାଇଁ ନିଜକୁ ତ୍ୟାଗ ଓ ସମର୍ପଣ ଭାବରେ ଭଲ ପାଏ, ଗୋ ମାତା ଙ୍କର ସେବା କରିବା ସହ ନିଜର ଧର୍ମ, ସଂସ୍କୃତି, ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ଯେଉଁ ପିତାମାତା ଶିଶୁ ମନ୍ଦିରକୁ ପିଲାମାନଙ୍କୁ ପଠାଉଛନ୍ତି ତାଙ୍କୁ ଧନ୍ୟବାଦ ଦେଇଥିଲେ।

ସରୁନି ରାସ୍ତା ଯନ୍ତ୍ରଣା
ଅଭିଯୋଗ ପରେ ବି ଶୁଣୁନାହାନ୍ତି ଅଧିକାରୀ

ଚିତ୍ରକୋଣ୍ଡା,୨।୨(ସଂଚାର ବ୍ୟୁରୋ): ବ୍ଲକ ସଦର ମହାକୁମାରେ ଶୋଚନୀୟ ରାସ୍ତା ଏବେ ଲୋକଙ୍କ ଚିନ୍ତାର ବିଷୟ ପାଲଟିଛି। ବର୍ଷା ଦିନେ ଏହି ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇ ପଡୁଥିବା ବେଳେ ସମସ୍ୟା ଭୋଗୁଛନ୍ତି ଉପାନ୍ତ ଅଞ୍ଚଳବାସୀ। ତେବେ ବାରମ୍ବାର ଅଭିଯୋଗ ପରେ ଶୁଣୁନାହାଁନ୍ତି ଅଧିକାରୀ, ନିର୍ମାଣ ହୋଇ ପାରୁନି ରାସ୍ତା। ଚିତ୍ରକୋଣ୍ଡା ବ୍ଲକ ସଦର ମହକୁମାର ଛାତି ଉପରେ ଥିବା ଓଡିଶା ଆଦର୍ଶ ବିଦ୍ୟାଳୟଠାରୁ ଦୁର୍ଗା ମନ୍ଦିର ପର୍ଯ୍ୟନ୍ତ



ଥିବା ଏକ କିମି ରାସ୍ତାର ଏ ହେଉଛି ଦୂରାବସ୍ଥା। କେଉଁଠି ମେଟାଲ ଉଠିଗଲାଣି ତ ଆଉ କେଉଁଠି ଡ୍ରେନ୍ ନଥିବାରୁ ନିଷ୍କାସନ ହୋଇନପାରି ଖାଲଖମାରେ ଜମିରହୁଛି ପାଣି। ବର୍ଷା ଦିନ ଆସିଲେ ଏହି ରାସ୍ତାର ଅବସ୍ଥା ନକହିବା ଭଲ। ପାଣି କାଦୁଅ କାରଣରୁ ସ୍କୁଲ ପିଲାମାନ ପାଠ ପଢ଼ିବାକୁ ଯିବାକୁ ଅସୁବିଧା ଭୋଗିଥାନ୍ତି। ସେହିପରି ଏହି ବାଟଦେଇ ବଜାର ଘାଟକୁ ଯାଉଥିବା ସ୍ଥାନୀୟ ଅଞ୍ଚଳବାସୀ ଅନେକ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ଖଞ୍ଜିଆଖାବରା ହେଉଛନ୍ତି। ଦୀର୍ଘ ୮ବର୍ଷ ଧରି ଅଞ୍ଚଳବାସୀ ସମସ୍ୟା ଭୋଗୁଥିଲେ ମଧ୍ୟ ଏହା ଉପରେ ସ୍ଥାନୀୟ ଜନପ୍ରତିନିଧି କିମ୍ବା ପ୍ରଶାସନିକ ଅଧିକାରୀଙ୍କ ନଜର ପଡୁନାହିଁ। ରାସ୍ତା ନିର୍ମାଣ ଲାଗି ସରକାରଙ୍କ ପକ୍ଷରୁ ଅର୍ଥ ରାଶି ଅନୁମୋଦନ ହୋଇଥିଲେ ମଧ୍ୟ କାମ ଆରମ୍ଭ ନକରି କାହିଁକି ଚୁପ୍ ବସିଛି ପ୍ରଶାସନ ତାକୁ ନେଇ ଉଠିଛି ପ୍ରଶ୍ନବାଚୀ। ବର୍ଷା ଦିନ ପୂର୍ବରୁ କାମ ସାରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଥିବା ବେଳେ ଖୁବଶୀଘ୍ର ରାସ୍ତା ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି ଚିତ୍ରୋକୋଣ୍ଡା ସରପଞ୍ଚ। କେବେ ଏହି ରାସ୍ତାର ଭାଗ୍ୟ ବଦଳିବ ? କେବେ ଏହା ଉପରେ ବିଭାଗୀୟ ଅଧିକାରୀଙ୍କ ନଜର ପଡ଼ିବ ? ଦେଖିବାକୁ ବାକି ରହିଲା।

ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

୨୭ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ

ସୁବର୍ଣ୍ଣପୁର,୨।୨ (ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ସୋନପୁର ପଞ୍ଚାୟତ ସମିତି ସଭା ଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ ଡ଼ ନୃପରାଜ ସାହୁ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଶ୍ରୀ କେ.କେ.ହରିପ୍ରସାଦ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ସର୍ବମୋଟ ୨୭ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୧୯ ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୦୮ ଗୋଟି ସାମୁହିକ ଦରଖାସ୍ତ ହସ୍ତଗତ ହୋଇଥିଲା। ୦୩ ଦରଖାସ୍ତ ତୁରନ୍ତ ଅଭିଯୋଗ ଶୁଣାଣି ସମୟରେ ଫଏସଲା ହୋଇଥିଲା। ଅବଶିଷ୍ଟ ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଧିଷ୍ଟ ସମୟ ମଧ୍ୟରେ ସମାଧାନ କରିବା



ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସୋନପୁର, ପ୍ରତୀକ କୁମାର କରଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ, (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ, (ସାଧାରଣ) ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର, ଅଶ୍ୱିନୀ କୁମାର ମେହେର, ଉପ - ଜିଲ୍ଲାପାଳ, ସୋନପୁର, ଡ. ସୌମ୍ୟରୂପା ତଥା, ଡେପୁଟି କଲେକ୍ଟର, ଅଭିଯୋଗ ଶୁଣାଣୀ, ପ୍ରିୟଦର୍ଶିନୀ ସାହୁଙ୍କ ସମେତ ତହସିଲଦାର, ସୋନପୁର, ସ୍ୱର୍ଣ୍ଣରେଖା ଜି, ତଥା ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, କର୍ମଚାରୀ ବୃନ୍ଦ ଙ୍କ ସମେତ ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର ଶ୍ରୀ ଅର୍ଜୁନ ମାଝୀଙ୍କ ସହିତ ବିଭିନ୍ନ ସମ୍ବାଦ ପତ୍ରର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ମାନେ ଯୋଗଦାନ କରିଥିଲେ।

ଅନ୍ତର୍ଭୁକ୍ତକାରୀ ବିକାଶ ଦିଗରେ ଟାଟା ଷ୍ଟିଲ୍ ପ୍ରଭାବୀ ପଦକ୍ଷେପ

ଯାଜପୁର ରୋଡ଼,୨।୨ (ସଂଚାର ବ୍ୟୁରୋ): ସାମାଜିକ କଲ୍ୟାଣ ଏବଂ ଅନ୍ତର୍ଭୁକ୍ତକାରୀ ବିକାଶ ପ୍ରତି ନିଜର ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଇ ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସକେ)



ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରିଛି। ଏକ ସ୍ୱତନ୍ତ୍ର ନିଯୁକ୍ତି ପ୍ରକ୍ରିୟା ମାଧ୍ୟମରେ କଳିଙ୍ଗନଗର ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ଏବଂ ଜମି ହରାଇଥିବା ପରିବାରର ୫୦ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତି ପାଇଁ ମନୋନୀତ କରାଯାଇଛି। ଏହି ପଦକ୍ଷେପ ଶିଳ୍ପାୟନ ଦ୍ୱାରା ପ୍ରଭାବିତ ସ୍ଥାନୀୟ ଲୋକମାନଙ୍କୁ ଦୀର୍ଘସ୍ଥାୟୀ ଜୀବିକା ଯୋଗାଇଦେବା ଦିଗରେ ଟାଟା ଷ୍ଟିଲର ନିଷ୍ଠାକୁ ପ୍ରମାଣିତ କରୁଛି। ୨୦୨୫ ଜୁଲାଇ ମାସରୁ ଆରମ୍ଭ ହୋଇଥିବା ଏହି ସ୍ୱତନ୍ତ୍ର ନିଯୁକ୍ତି ଅଭିଯାନକୁ ଏପରି ଭାବରେ ପ୍ରସ୍ତୁତ କରାଯାଇଥିଲା ଯେପରି କେବଳ ଟାଟା ଷ୍ଟିଲ୍ କଳିଙ୍ଗନଗର ପ୍ଲାଣ୍ଟ ଯୋଗୁଁ ଜମି ହରାଇଥିବା ଏବଂ ବିସ୍ଥାପିତ ହୋଇଥିବା ପରିବାରର ଯୋଗ୍ୟ ପ୍ରାର୍ଥୀମାନେ ହିଁ ଏଥିରେ ଅଂଶଗ୍ରହଣ କରିପାରିବେ। ଏହି ସ୍ୱତନ୍ତ୍ର ଚୟନ ପ୍ରକ୍ରିୟାରେ ୧୭୯ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ମୋଟ ୫୦ ଜଣଙ୍କୁ ତାଲିକାଭୁକ୍ତ କରାଯାଇଛି। ମନୋନୀତ ପ୍ରାର୍ଥୀଙ୍କ ମଧ୍ୟରୁ ୪୨ ଜଣ ଡିପ୍ଲୋମାଧାରୀ ଏବଂ ୮ ଜଣ ଆଇଟିଆଇ ଶିକ୍ଷାପ୍ରାପ୍ତ, ଯାହା ଅଞ୍ଚଳର ବିକାଶ ପାଇଁ ଗୁରୁତ୍ୱ ବହନ କରିବ। ଫେବୃଆରୀ ୪, ୨୦୨୬ ରେ ଏହି ପ୍ରାର୍ଥୀମାନଙ୍କର ପ୍ରମାଣପତ୍ର ଯାଞ୍ଚ ଏବଂ ପରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ତ୍ରିଜଙ୍ଗା ପୁନର୍ବାସ କଲୋନୀରୁ ମନୋନୀତ ପ୍ରାର୍ଥୀନୀ କୁମାରୀ ରୀନା ପାତ୍ର ନିଜର ଉତ୍ସାହ ପ୍ରକାଶ କରି କହିଛନ୍ତି। 'ଟାଟା ଷ୍ଟିଲରୁ ମିଳିଥିବା ଏହି ସୁଯୋଗ ମୋର ଏବଂ ମୋ ପରିବାର ପାଇଁ ଏକ ସ୍ୱପ୍ନ ସତ ହେବା ପରି।

'ଗୁଣାତ୍ମକ ଶିକ୍ଷାର ବିକାଶ ହେଲେ ଛାତ୍ରୀଛାତ୍ର ଆଗକୁ ବଢ଼ିପାରିବେ'

ଭଞ୍ଜନଗର,୨।୨(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ବ୍ଲକ ରୁଡ଼ାପଦର ଆଶ୍ରମ ବିଦ୍ୟାଳୟର ୨୯ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଗୌରହରି ବାଡ଼ତ୍ୟାଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି।

ଏହି ଅବସରରେ ସେ ବିଦ୍ୟାଳୟର ବିଭିନ୍ନ ସମସ୍ୟାର ନିରାକରଣ ପାଇଁ ଉପସ୍ଥିତ ଅଧିକାରୀଙ୍କୁ ଅନୁରୋଧ କରିଥିଲେ।

ସହକାରୀ ଜିଲା ମଙ୍ଗଳ ଅଧିକାରୀ, ଭଞ୍ଜନଗର ଅମୀୟ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୁଣାତ୍ମକ ଶିକ୍ଷାର ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରୁଡ଼ାପଦର ପଞ୍ଚାୟତ ସରପଞ୍ଚ ବିନୋଦ କୁମାର ଜାନି, ଲିଙ୍ଗରାଜ ମିଶ୍ର ଅଧକ୍ଷ, ଗ